
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୯ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 09 October 2025

Vol.No. 36 ■ No.265 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଭାରତରେ ବ୍ରିଟେନ ପ୍ରଧାନମନ୍ତ୍ରୀ : ଭାରତ ଏବଂ ବ୍ରିଟେନ ମଧ୍ୟରେ ବଡ଼ ବାଣିଜ୍ୟ ଚୁକ୍ତି ହେବାର ସମ୍ଭାବନା

ନୂଆଦିଲ୍ଲୀ,୦୮/୧୦ : ବ୍ରିଟେନ ପ୍ରଧାନମନ୍ତ୍ରୀ କେୟର ଷ୍ଟାରମର ଦୁଇ ଦିନିଆ ଭାରତ ଗସ୍ତରେ ଅଛନ୍ତି । ସେ ବୁଧବାର ସକାଳେ ମୁମ୍ବାଇରେ ପହଞ୍ଚିଥିଲେ । ଭାରତ ଏବଂ ବ୍ରିଟେନ ମଧ୍ୟରେ ଅନେକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ହେବାର ସମ୍ଭାବନା ଅଛି । ଆମେରିକା ସହିତ ଚାଲିଥିବା ଉତ୍ତେଜନା ମଧ୍ୟରେ, ଭାରତ ଏବଂ ବ୍ରିଟେନ ମଧ୍ୟରେ ବନ୍ଧୁତା ଗଭୀର ହେଉଥିବା ପରି ମନେ ହେଉଛି । ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛି, କିନ୍ତୁ ଭାରତ ଏବଂ ବ୍ରିଟେନ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ତେଣୁ ଭାରତୀୟ ବ୍ୟବସାୟଗୁଡ଼ିକ ଯଥେଷ୍ଟ ଲାଭ ପାଇବେ । ପ୍ରଧାନମନ୍ତ୍ରୀ ମୋଦୀ ଏହି ବର୍ଷ ଅଗଷ୍ଟରେ ୟୁକେ ଗସ୍ତ କରିଥିଲେ । ବର୍ତ୍ତମାନ ଷ୍ଟାରମର ଭାରତ ଫେରିଛନ୍ତି । ଏହି ଗସ୍ତର ଉଦ୍ଦେଶ୍ୟ ହେଉଛି ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବା । ଭାରତ ଏବଂ ୟୁକେ ମଧ୍ୟରେ ସ୍ୱାକ୍ଷରିତ ମୁକ୍ତ ବାଣିଜ୍ୟ ଚୁକ୍ତି ମାଧ୍ୟମରେ, ଉଭୟ ଦେଶ ୨୦୩୦ ସୁଦ୍ଧା ସେମାନଙ୍କର




ବାଣିଜ୍ୟକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଭାରତ ଏବଂ ୟୁକେ କପଡ଼ା, ଚମଡା ଏବଂ କୃଷି ଉତ୍ପାଦ ସମେତ ୧୨୦ ବିଲିୟନ ଡଲାର ବାଣିଜ୍ୟରେ ପହଞ୍ଚିବାର ଲକ୍ଷ୍ୟ ରଖିଛନ୍ତି । ଷ୍ଟାରମରଙ୍କ କାର୍ଯ୍ୟସୂଚୀରେ ଫିନଟେକ, କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ ସାଇବର ସୁରକ୍ଷା ମଧ୍ୟ ଅନ୍ତର୍ଭୁକ୍ତ ହେବ । ଉଭୟ ଦେଶ ଏହି ପ୍ରସଙ୍ଗଗୁଡ଼ିକ ଉପରେ ଏକାଠି କାମ କରିବେ । ୟୁକେ ପ୍ରଧାନମନ୍ତ୍ରୀ ଷ୍ଟାରମର ଗୁରୁବାର ମୁମ୍ବାଇର ରାଜଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବେ ଏବଂ ତା'ପରେ ଜିଓ ୱାଲରଡ ସେଣ୍ଟରରେ ସିଇଓ ଫୋରମ ଏବଂ ଗ୍ଲୋବାଲ ଫିନଟେକ ଫେଷ୍ଟ ୨୦୨୫ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ।

## ରାତି ଅଧରେ ସେନା-ଆତଙ୍କୀ ମୁହାଁମୁହିଁ : କାଶ୍ମୀରରେ ସେନାର ମିଡ୍-ନାଇଟ୍ ଅପରେସନ

ନୂଆଦିଲ୍ଲୀ,୦୮/୧୦ : ସେନାର ମିଡ୍ ନାଇଟ୍ ଅପରେସନ । ରୌଜୋରୀରେ ଆତଙ୍କବାଦୀ-ସେନା ମୁହାଁମୁହିଁ । କାଶ୍ମୀର ରାଜୋରୀ ଜିଲ୍ଲାର ବିରନ୍ଟୁବ୍ ଅଞ୍ଚଳରେ କାନ୍ଦି ଥାନା ଅଧୀନସ୍ଥ ଏକ ଦୂରବର୍ତ୍ତୀ ସ୍ଥାନରେ ଆତଙ୍କବାଦୀମାନଙ୍କୁ ଦେଖିବାର ସୂଚନା ପାଇ ଜମ୍ମୁ ଓ କାଶ୍ମୀର ପୋଲିସର ସ୍ପେସିଆଲ୍ ଅପରେସନ୍ସ ଗ୍ରୁପ୍ ଅପରେସନ ଆରମ୍ଭ କରିଥିଲେ । ମଙ୍ଗଳବାର ରାତି ସମୟରେ ଆତଙ୍କବାଦୀମାନେ ପୁଲିସ ଟିମକୁ ଆକ୍ରମଣ କରି ୧୦-୧୫ ରାଉଣ୍ଡ ଗୁଳି ଚଳାଇଥିଲେ । ଏହାର ପ୍ରତିକ୍ରିୟାରେ ଏସ୍ଓଜି ଯୋଦ୍ଧାମାନେ ପ୍ରତିଆକ୍ରମଣ କରି ତୀବ୍ର ଗୁଳିବର୍ଷା ଆରମ୍ଭ କରିଥିଲେ



। ଜମ୍ମୁ ଜୋନ୍ ଆଇଜିପି ଭୀମସେନ୍ ତୁଟି କହିଛନ୍ତି, "ବୀରନ୍ଟୁବ୍‌ରେ ଆତଙ୍କବାଦୀ ଓ ଏସ୍ଓଜି ଟିମ ମଧ୍ୟରେ ଗୁଳିବିନିମୟ ହୋଇଛି ।" ସୂଚନା ଅନୁଯାୟୀ, ୩-୪ ଜଣ ଆତଙ୍କବାଦୀ ଙ୍କୁ ଘେରାବନ୍ଦୀ କରାଯାଇଛି । ଭାରତୀୟ ସେନା ଓ ସେଣ୍ଟ୍ରାଲ୍ ରିଜର୍ଭ୍ ପୋଲିସ୍ ଫୋର୍ସ୍ ଏହି ଅପରେସନରେ ମିଳିତ ସାମିଲ ହୋଇଛନ୍ତି । ପୂରା ଅଞ୍ଚଳକୁ ସୁରକ୍ଷିତ କରାଯାଇଛି । ଏପର୍ଯ୍ୟନ୍ତ କୌଣସି ମୃତାହତର ସୂଚନା ମିଳିନାହିଁ ।

## ଭିଜିଲାନ୍ସ ପଞ୍ଝାରେ ଓଏଏସ ଅଧିକାରୀ: ୨୫ ହଜାର ଟଙ୍କା ନେଉଥିଲେ ଲାଞ୍ଚ

ଭଞ୍ଜନଗର, ୦୮/୧୦ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡିଲେ ଓଏଏସ ଅଧିକାରୀ। ଗଞ୍ଜାମ ବେଲଗୁଣ୍ଠା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବନମାଳୀ ଶତପଥୀ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ୨୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ମାଡିବସିଲା ଭିଜିଲାନ୍ସ। ଜଣେ କର୍ମଚାରୀଙ୍କ ରିଲିଜ୍ ଅର୍ଡର ଓ ଏରିୟର କରାଇଦେବାକୁ ଲାଞ୍ଚ ନେଉଥିଲେ। ଧରାପଡିବା ପରେ ଓଏଏସ



ଅଧିକାରୀଙ୍କ ୩ଟି ସ୍ଥାନରେ ରେଡ୍ ଆରମ୍ଭ ହୋଇଛି। ଭିଜିଲାନ୍ସ ଟିମ୍ ତାଙ୍କ କାର୍ଯ୍ୟାଳୟ ଏବଂ ବାସଭବନରେ ମଧ୍ୟ ଚଢାଉ କରିଛି। ଏହାପରେ ଭିଜିଲାନ୍ସ ଟିମ୍ ବନମାଳୀଙ୍କୁ ଅଧିକ ଜେରା ପାଇଁ ବ୍ରହ୍ମପୁର ଏସପି ଅଫିସକୁ ନେଇଛନ୍ତି। ଘଟଣାରୁ ପ୍ରକାଶ ଯେ ବେଲଗୁଣ୍ଠା ଏନ୍ଏସିରେ ଏମ୍ ଆଇ ଏସ ସରୋଜ ▶▶ପୃଷ୍ଠା ୭

## ଘୂର୍ଣ୍ଣିବଳୟ ପ୍ରଭାବରେ ପ୍ରବଳ ବର୍ଷା : ଭାସିଲା ଭୁବନେଶ୍ୱର, ରାସ୍ତାରେ ଚାଲିଲା ଆଣ୍ଠୁଏ ଉଚ୍ଚର ପାଣି

ଭୁବନେଶ୍ୱର, ୦୮/୧୦ (ନି.ପ୍ର): ଅକ୍ଟୋବର ମାସ ପ୍ରଥମ ସପ୍ତାହ ଯାଇ ଦ୍ୱିତୀୟ ସପ୍ତାହ ହେଲାଣି । ତଥାପି ରାଜ୍ୟରେ ଛେଚୁଟି ବର୍ଷା । ପୂର୍ବାହ୍ନରେ ଖରାଦିନ ଭଳି ଖରା ହେଉଛି, ଅପରାହ୍ନରେ ଘୋଟି ଆସୁଛି କଳାହାଣ୍ଡିଆ ମେଘ । ଆଉ ମାଠିଆରୁ ଢାଳିଲା ଭଳି ଢ଼ାଳୁଛି । ଏତେ ଜୋରରେ ବର୍ଷୁଛି ଯେ ମାତ୍ର କିଛି ସମୟରେ ବେହାଲ ହେଉଛି ଓଡ଼ିଶା । ସକାଳୁ ଖରାଟିଆ ପାଗ ହୋଇଥିବାବେଳ ହଠାତ୍



ମଧ୍ୟାହ୍ନରେ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ । ଚର୍ତୁଦିଗ ଅନ୍ଧକାର କରି ମୂଷଳ ଧାରାରେ ବର୍ଷିଥିଲା । ଏତେ ଜୋରରେ ଢ଼ାଳିଥିଲା ଯେ ମାତ୍ର କିଛି ସମୟ ସମୟରେ ରାଜଧାନୀରେ ବନ୍ୟାର ଭ୍ରମ ସୃଷ୍ଟି ହୋଇଥିଲା । ଯୁଆଡେ ଚାହିଁବ ଖାଲି ଖାଲି ପାଣି ହିଁ ଦେଖାଯାଉଥିଲା । ରାସ୍ତାରେ ଗାଡି ମଟର ଯିବା ଏକ ପ୍ରକାର ଅସମ୍ଭବ ହୋଇପଡିଥିଲା । ଜନପଥ, ବମିଖାଲ, ରାଜମହଲ ଭଳି ସ୍ଥାନରେ ଭୟଙ୍କର ସ୍ଥିତି ଉପୁଜିଥିଲା। ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଚାଲିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା । ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଓସକାର ସିଟି ଭଳି ତଳିଆ ଅଂଚଳରେ ଲୋକଙ୍କ ଘରେ ପାଣି ପଶିଛି । ପାଣିପାଗ ବିଭାଗର ଆକଳନ ଅନୁସାରେ ପ୍ରାୟ ଅଧା ଓଡ଼ିଶାରେ ବର୍ଷା ହୋଇଛି । ▶▶ପୃଷ୍ଠା ୭

## ଆଜି ବିଜେପି କୋର କମିଟି ବୈଠକ

ଭୁବନେଶ୍ୱର, ୦୮/୧୦ (ନି.ପ୍ର): ଆସନ୍ତାକାଲି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବସିବ ବିଜେପି କୋର କମିଟି ବୈଠକ । ରାଜ୍ୟ ସଭାପତିଙ୍କ ଅଧ୍ୟକ୍ଷତାରେ ବସିବ ବୈଠକ ଚାଲିଛି । ଦୁଇ ପ୍ରଭାରୀଙ୍କ ସହ କୋର କମିଟିର ସଦସ୍ୟମାନେ ଉପସ୍ଥିତ ରହିବେ । ବିଜେପି ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବିଏଲ ସନ୍ତୋଷ ଏବଂ ରାଷ୍ଟ୍ରୀୟ ସଂଗଠକ ଭି ସତୀଶ ମଧ୍ୟ ଓଡିଶା ଗସ୍ତରେ ଆସୁଛନ୍ତି । କୋର କମିଟି ବୈଠକରେ ନୂଆପଡା ଉପନିର୍ବାଚନ ନେଇ ହେବ ଆଲୋଚନା ।

## ସମବାୟ ସମିତି ସମ୍ପାଦକଙ୍କ ହେବ କ୍ୟାଡର ଗଠନ

ଭୁବନେଶ୍ୱର, ୦୮/୧୦ (ନି.ପ୍ର): ସମବାୟ ସମିତି ସମ୍ପାଦକଙ୍କ ହେବ କ୍ୟାଡର ଗଠନ । କ୍ୟାଡର ଗଠନ ରେ ସେମାନଙ୍କ ଟ୍ରାନ୍ସଫର ହେବ । ରାଜ୍ୟରେ ୫୨୪୨ ସମବାୟ ସମିତି ଥିବାବେଳେ ୪୨୫୨ ସମବାୟ ସମିତି ସମ୍ପାଦକ ଅଛନ୍ତି । ଲୋକଙ୍କ ମାନସିକତା ଅଛି ସମବାୟ ହେଉଛି ଦୁର୍ନୀତି ବିଭାଗ। ସେମାନସିକତା ଉଠାଇବା ପାଇଁ ସେମାନଙ୍କ କ୍ୟାଡର ହେବ । ଏନେଇ ସମବାୟ ମନ୍ତ୍ରୀ ପ୍ରଦୀ ବଳ ସାମନ୍ତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ସମବାୟ ନିତି ପାଇଁ ମତାମତ ଗ୍ରହଣ କରାଯିବ । ରାଜ୍ୟରେ ୫ ଟି କର୍ମଶାଳା କରାଯିବ । ଅକ୍ଟୋବର ୧୧, ୧୪,୧୭ ଓ ୨୩ ତାରିଖ ରେ ହେବ କର୍ମଶାଳା । ବ୍ରହ୍ମପୁର, ସମ୍ବଲପୁର,ବାଲେଶ୍ୱର, କୋରାପୁଟରେ ହେବ କର୍ମଶାଳା । ସମବାୟ ବିତ, ସବୁ ରାଜନୈତିକ ଦଳ ର ବ୍ୟକ୍ତି, ବିଧାୟକ ମନ୍ତ୍ରୀ ଙ୍କୁ ନେଇ ମତାମତ ଆହ୍ୱାନ କରାଯିବ । ଶେଷରେ ଭୁବେନେଶ୍ୱର ରେ ହେବ କର୍ମଶାଳା କାର୍ଯ୍ୟକ୍ରମରେ ଯୋଗଦେବେ ମୁଖ୍ୟମନ୍ତ୍ରୀ। ଖୋର୍ଦ୍ଧା, ପୁରୀ, ନୟାଗଡ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାକୁ ନେଇ କରାଯିବ କର୍ମଶାଳା ।

## ମୁମ୍ବାଇ ଆକ୍ରମଣପରେ କଂଗ୍ରେସ ଆତଙ୍କବାଦ ଆଗରେ ଆତ୍ମସମର୍ପଣ କରିଦେଇଥିଲା : ମୋଦୀ

ନୂଆଦିଲ୍ଲୀ,୦୮/୧୦ : ମୁମ୍ବାଇ ଆକ୍ରମଣ ପରେ କଂଗ୍ରେସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା ଓ ଆତ୍ମସମର୍ପଣ କରିଦେଇଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ କହିଛନ୍ତି । ନଭିମୁମ୍ବାଇ ଏୟାରପୋର୍ଟରେ ଉଦଘାଟନ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ କଂଗ୍ରେସ ଏବଂ ପୂର୍ବତନ ଗୃହମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ତୀବ୍ର ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଦେଶ ପାକିସ୍ତାନ ବିରୁଦ୍ଧରେ ପ୍ରତିଶୋଧ ନେବାକୁ ପ୍ରସ୍ତୁତ ଥିଲା, କିନ୍ତୁ ତତ୍କାଳୀନ ସରକାର ଆମେରିକା ନିକଟରେ ଆତ୍ମସମର୍ପଣ କରିଥିଲା ଏବଂ ପ୍ରତିଶୋଧ ନେଇନଥିଲା। ମୋଦୀ କହିଥିଲେ "ମୁମ୍ବାଇ ଭାରତର ଆର୍ଥିକ



ରାଜଧାନୀ ଓ ଦେଶର ସବୁଠାରୁ ଗତିଶୀଳ ସହର । ଏଣୁ ଆତଙ୍କବାଦୀମାନେ ଏହି ସହରକୁ ବାଛିଥିଲେ । କିନ୍ତୁ କଂଗ୍ରେସ ଦୁର୍ବଳତାର ସଂକେତ ଦେବା ସହ ଆତଙ୍କବାଦ ଆଗରେ ଆତ୍ମସମର୍ପଣ କରିଥିଲା । ଏହା ଉଲ୍ଲେଖଯୋଗ୍ୟ ଯେ ନିକଟରେ ଏବିପି ନ୍ୟୁଜ୍ ସହିତ ଏକ ସାକ୍ଷାତକାରରେ ପି. ଚିଦାମ୍ବରମ ସ୍ୱୀକାର କରିଥିଲେ ଯେ ମୁମ୍ବାଇ ଆକ୍ରମଣ ପରେ ଭାରତ ପାକିସ୍ତାନ ବିରୁଦ୍ଧରେ ପ୍ରତିଶୋଧ ନେବାକୁ ଚାହୁଁଥିଲା, କିନ୍ତୁ ଆମେରିକାର ଚାପ ଯୋଗୁଁ ଏପରି କରିବାରୁ ବିରତ ରହିଥିଲା ।

## ମୁଣ୍ଡ ନୁଆଁଇଲା ମାଓ ସଂଗଠନ: ଅସ୍ତ୍ର ବିରତି ପାଇଁ ତାରିଖ ଘୋଷଣା

ଭୁବନେଶ୍ୱର, ୦୮/୧୦ (ନି.ପ୍ର): ମୁଣ୍ଡ ନୁଆଁଇଲା ମାଓ ସଂଗଠନ। ସଂଗଠନର ମାଡ ଡିଭିଜନାଲ କମିଟିର ଅସ୍ତ୍ର ବିରତି ପାଇଁ ତାରିଖ ଘୋଷଣା । ମାଡ଼ ଡିଭିଜନର ମୁଖ୍ୟ ରଣୀତା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି। ପ୍ରେସ ନୋଟରେ ରଣୀତା କହିଛି ' ଆମେ କେନ୍ଦ୍ରୀୟ କମିଟି ପ୍ରବକ୍ତାର ଅସ୍ତ୍ର ବିରତି ଡାକରାକୁ ସମର୍ଥନ ଜଣାଉଛୁ। ବର୍ତ୍ତମାନ ପରିସ୍ଥିତିରେ ସଂଘର୍ଷ ଜାରି ରଖିବା ବ୍ୟର୍ଥ ଅଟେ ଏବଂ ଜନତା ବିକାଶ ଚାହୁଁଛନ୍ତି । ବର୍ତ୍ତମାନ ସମୟ ଆସିଛି ଆମେ ମଧ୍ୟ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବୁ। ଆଗାମୀ ୧୫ ତାରିଖ ମଧ୍ୟରେ ଅସ୍ତ୍ର ବିରତି କରିବ ମାଓବାଦୀଙ୍କ ମାଡ଼ ଡିଭିଜନର ସମସ୍ତ ସଦସ୍ୟ। ଏପଟେ ତେଲେଙ୍ଗାନାରେ ଆତ୍ମସମର୍ପଣ କଲା କୁଖ୍ୟାତ ମାଓବାଦୀ ରୁବେନ। ଜଗଦଲପୁର ଜେଲ ବ୍ରେକ'ର ମାଷ୍ଟର ମାଇଣ୍ଡ, ମାଓ ସଂଗଠନରେ ୪୪ ବର୍ଷ ଧରି କାର୍ଯ୍ୟ କରୁଥିବା ମାଓବାଦୀ ରୁବେନ ଓରଫ ସୁରେଶ ଆତ୍ମସମର୍ପଣ କରିଛି। ସେ ଚାରି ଦଶକ ମଧ୍ୟରେ ଶତାଧିକ ସୁରକ୍ଷା ବାହିନୀଙ୍କୁ ହତ୍ୟା ଘଟଣାରେ ସାମିଲ ଥିଲା। ରୁବେନ ଦକ୍ଷିଣ ବସ୍ତର ଡିଭିଜନ କମିଟିର ମୁଖ୍ୟ ଥିବା ବେଳେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ସଦସ୍ୟ ଥିଲା। ରୁବେନ ଉପରେ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା।

## ବାଲିଯାତ୍ରା ଗ୍ରାଉଣ୍ଡ୍ ନୋ ଡ୍ରୋନ୍ ଜୋନ୍ ଘୋଷଣା

କଟକ / ଭୁବନେଶ୍ୱର, ୦୮/୧୦ (ନି.ପ୍ର): କଟକର ଐତିହାସିକ ବାଲିଯାତ୍ରା ଗ୍ରାଉଣ୍ଡ୍ କୁ ନୋ ଡ୍ରୋନ୍ ଜୋନ୍ ଘୋଷଣା କରାଯାଇଛି। ଏ ନେଇ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି କଟକ ଜିଲ୍ଲାପାଳ। ଆସନ୍ତା ନଭେମ୍ବର ୧ରୁ ୧୫ ପର୍ଯ୍ୟନ୍ତ ବାଲିଯାତ୍ରା ଗ୍ରାଉଣ୍ଡର ୫ କିମି ପରିଧି ମଧ୍ୟ ଡ୍ରୋନ୍ ଉଡାଣ ଉପରେ କଟକଣା ଜାରି କରାଯାଇଛି। ପାରା ଗ୍ଲାଇଡର୍ସ, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ୍ ଗ୍ଲାଇଡର୍ସ ଉଡ଼ାଣ ଉପରେ କଟକଣା ଲାଗୁ ହୋଇଛି। ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ, ୟୁଏଭି, ଡ୍ରୋନ୍ ମନା କରାଯାଇଛି। ବାଲିଯାତ୍ରାରେ ପ୍ରାୟ ୫୦ ଲକ୍ଷ ଲୋକଙ୍କ ସମାଗମ ହେବାକୁ ଥିବାରୁ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ଏହି ପଦକ୍ଷେପ ନେଇଛି। ସୂଚନାଯୋଗ୍ୟ ଯେ ନଭେମ୍ବର ୫ରୁ ୧୨ ଯାଏଁ ଆୟୋଜନ ହେବ ଐତିହାସିକ ବାଲିଯାତ୍ରା।

## ଛିଣ୍ଡୁନି ଗଣିତ : ମହାଗଠବନ୍ଧନ ମଧ୍ୟରେ ଆସନ ବଣ୍ଟନ ସମସ୍ୟା

ନୂଆଦିଲ୍ଲୀ,୦୮/୧୦ :ବିହାର ବିଧାନସଭା ନିର୍ବାଚନ ପାଇଁ ମହାଗଠବନ୍ଧନ ମଧ୍ୟରେ ଆସନ ବଣ୍ଟନ ସମସ୍ୟା ବଢାଇଛି । କଂଗ୍ରେସ, ଭିଆଇପି, ଜେଏମଏମ ଏବଂ ବାମଦଳ ଭଳି ଅଂଶୀଦାର ଦଳଗୁଡ଼ିକ ତେଜସ୍ୱୀ ଯାଦବଙ୍କୁ ସେମାନଙ୍କର ସର୍ତ୍ତାବଳୀ ଜଣାଇଛନ୍ତି । ଯଦିଓ ବର୍ତ୍ତମାନ ପାଟନାରେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ସରକାରୀ ବାସଭବନ ବିହାର ରାଜନୀତିର କେନ୍ଦ୍ର ପାଲଟିଛି । ସୂଚନା ଅନୁସାରେ, ତେଜସ୍ୱୀ ଯାଦବ ମହାଗଠବନ୍ଧନ ମଧ୍ୟରେ ଆସନ ବଣ୍ଟନ ପାଇଁ ନିଜର ଫର୍ମୁଲା ପ୍ରସ୍ତୁତ କରିଛନ୍ତି । ଏହି ଫର୍ମୁଲା ସମସ୍ତ



ସାଂଗଠନିକ ଦଳଗୁଡ଼ିକୁ ଜଣାଇ ଦିଆଯାଇଛି । ଜାତୀୟ ଗଣମାଧ୍ୟମ ଅନୁସାରେ, ତେଜସ୍ୱୀ ଯାଦବ ଆରଜେଡି ପାଇଁ ୧୩୦ ରୁ ୧୩୫ ଆସନ ରଖିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ କଂଗ୍ରେସକୁ ୫୫ ରୁ ୫୮ ଆସନ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସୂଚନାରୁ ଜଣାପଡିଛି ଯେ କଂଗ୍ରେସ ଏବେ ବି ୬୦ ଆସନ ଦାବିରେ ଅଟଳ ରହିଛି । ଭିଆଇପି ମୁଖ୍ୟ ମୁକେଶ ସାହାନୀ ୬୦ଟି ଆସନ ଦାବି କରିପାରନ୍ତି, କିନ୍ତୁ ତେଜସ୍ୱୀ ଯାଦବ ତାଙ୍କୁ ୧୪ ରୁ ୧୮ଟି ଆସନ ଦେବାକୁ ରାଜି ହୋଇଛନ୍ତି । ତେଜସ୍ୱୀ ଯାଦବ ବାମଦଳ ଗୁଡ଼ିକୁ ୩୦ ରୁ ୩୨ ଆସନ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ତଥାପି, ବାମଦଳ ୬୫ ଆସନ ଦାବି କରିବାରେ ଅଟଳ ଅଛନ୍ତି । ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସମ୍ପାଦକ ଡି. ରାଜା ପାଟନାରେ ତେଜସ୍ୱୀ ଯାଦବଙ୍କୁ ଭେଟି ୧୫ ଆସନ ଦାବି କରିଛନ୍ତି । ସମସ୍ତ ଦଳର ନେତାମାନେ ଲାଲୁ ଯାଦବଙ୍କ ବାସଭବନରେ ଯିବା ଆସିବା ଜାରି ରଖିଛନ୍ତି ।

## କାନପୁର ମସଜିଦ ନିକଟରେ ବିସ୍ଫୋରଣ: ୮ ଆହତ

ନୂଆଦିଲ୍ଲୀ,୦୮/୧୦ : ଉତ୍ତରପ୍ରଦେଶର କାନପୁରସ୍ଥିତ ମିଶ୍ରି ବଜାର ଅଞ୍ଚଳରେ ଏକ ସଂଦିଗ୍ଧ ବିସ୍ଫୋରଣ ହୋଇଛି । ଏହି ବିସ୍ଫୋରଣରେ ଜଣେ ମହିଳାଙ୍କ ସହ ଆଠ ଜଣ ଲୋକ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଡାକ୍ତରଖାନା ପଠାଯାଇଛି। ବିସ୍ଫୋରଣର କାରଣ ସଂପର୍କରେ ତଦନ୍ତ ପାଇଁ ଏକ ଫୋରେନସିକ୍ ଦଳ ଘଟଣାସ୍ଥଳରେ ପହଞ୍ଚିଛି। କିନ୍ତୁ ଏହା ଏକ ବୋମା ବିସ୍ଫୋରଣ କି ଅନ୍ୟ କୌଣସି ବିସ୍ଫୋରଣ ତାହା ସ୍ପଷ୍ଟ ହୋଇନାହିଁ । କେତେକ ଲୋକଙ୍କ ମତରେ ଘରେ ରଖାଯାଇଥିବା ଏକ ସିଲିଣ୍ଡର ବିସ୍ଫୋରଣ ହେବା ପରେ ଏହି ଘଟଣା ଘଟିଛି । ଆଉ କେତେକ ଲୋକଙ୍କ ମତରେ ସ୍କୁଟରରେ ବାଣ ରଖାଯାଇଥିଲା । ଏହି ବିସ୍ଫୋରଣ ଯୋଗୁଁ ନିକଟସ୍ଥ ଏକ ଫୋଟକା ଦୋକାନରେ ନିଆଁ ଲାଗିଥିଲା, ଯାହା ଫଳରେ ଆହତ ହୋଇଛନ୍ତି। କାନପୁର ପୁଲିସ କମିସନର ରଘୁବୀର ଲାଲ ଏବଂ ଯୁଗ୍ମ ପୁଲିସ କମିସନର ଆଶୁତୋଷ କୁମାର ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପୁଲିସ କମିସନର କହିଛନ୍ତି ଯେ ଏହି ଘଟଣାରେ ୮ ଜଣ ଆହତ ହୋଇଛନ୍ତି, କିନ୍ତୁ କାହାର ମୃତ୍ୟୁ ଘଟିନାହିଁ । ପୁଲିସ ବିଭିନ୍ନ ଦିଗରୁ ତଦନ୍ତ କରୁଛି। ତେବେ ଲୋକମାନେ ଗୁଜବ ପ୍ରତି ଧ୍ୟାନ ନ ଦେବାକୁ ସେ ନିବେଦନ କରିଛନ୍ତି ।

# ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ସ୍ୱଚ୍ଛତା ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ୫.୦ ଆୟୋଜିତ




ରାଉରକେଲା, ୦୭/୧୦ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ସ୍ୱତନ୍ତ୍ର ଅଭିଯାନ ୫.୦ ଆଧାର ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ର ଏକ ଶୃଙ୍ଖଳା ଆୟୋଜନ କରୁଅଛି। ଏହି ଅଭିଯାନର ଏକ ଅଂଶ ସ୍ୱରୂପ, ଆର ଏସ ପି ର ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଅକ୍ଟୋବର ୬ ତାରିଖରେ ସେକ୍ଟର-୩ ବସ୍ ଷ୍ଟାଣ୍ଡ ଅଞ୍ଚଳରେ ଏକ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା ।

ଏହି ଅଭିଯାନରେ ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ଶ୍ରୀ ବି. କେ. ଜୋଜୋ, ନେତୃତ୍ୱ ନେଇଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ସିଭିଲ ବିଭାଗ ର ଜିଏମ ଇନ ଚାର୍ଜ ଶ୍ରୀ ଏସ୍. ନାୟକ ଏବଂ ସହର ଇଞ୍ଜିନିୟରିଂ ଜନ ସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମଓ ଡକ୍ଟର ଦୀପା ଲାଭାଙ୍ଗରେଙ୍କ ସମେତ କାରଖାନାର ବହୁ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଚାରୋଟି ସ୍ୱଚ୍ଛତା ସ୍ୱାଭିମାନ ଦଳ ର ପ୍ରାୟ ୮୦ ଜଣ ସଦସ୍ୟ ଉତ୍ସାହର ସହିତ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ। ସ୍ୱେଚ୍ଛାସେବୀମାନେ ଉକ୍ତ ଅଞ୍ଚଳରେ ବ୍ୟାପକ ସଫେଇ କାର୍ଯ୍ୟକଳାପ କରିବା ସହିତ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତା ଏବଂ ଶୂନ୍ୟ ପ୍ଲାଷ୍ଟିକ୍ ପ୍ରଦୂଷଣ ଉପରେ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହର ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ରସାନନ୍ଦ ପ୍ରଧାନ ସଂଯୋଜନା କରିଥିଲେ। ଉଲ୍ଲେଖନୀୟ ଯେ, ଏହି ସ୍ୱତନ୍ତ୍ର ଅଭିଯାନ ୫.୦ ର ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର ୨ ତାରିଖ ରୁ ଆରମ୍ଭ ହୋଇଛି । ଏହି ପର୍ଯ୍ୟୟର ଏକ ଅଂଶ ଭାବରେ, ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଏକ ସ୍ୱଚ୍ଛ ଏବଂ ସୁସ୍ଥ ପରିବେଶକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ବସ୍ତି ସମେତ ସହରର ବିଭିନ୍ନ ଅଞ୍ଚଳରେ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଚାଲୁଅଛି।

# ମଙ୍ଗଳା ଓଷା ପାଇଁ ଚଳଚଂଚଳ ମଙ୍ଗଳା ପୀଠ

ଧର୍ମଶାଳା, ୦୭/୧୦ (ନି.ପ୍ର): ଓଡିଆଙ୍କ ବାର ମାସରେ ତେର ପରବ । ପାର୍ବଣରେ ସବୁଠି ଉତ୍ସବ ମୁଖର । ଗାଁଠୁଁ ସହର ସବୁଠି ଚଳଚଂଚଳ । ଆଧାତ୍ମିକ ପରିବେଶରେ ଗାଁ ଦାଣ୍ଡ ପ୍ରକମ୍ପିତ । ଏହି ତେର ପରବ ମଧ୍ୟରୁ ମହିଳାମାନଙ୍କ ମଙ୍ଗଳା ଓଷା ନିଆରା । ମାନସିକଧାରୀ ମହିଳାମାନେ ମାସ ତମାମ ଏହି ଓଷା ପାଳନ କରିଥାନ୍ତି । ତେବେ ଆଜି ହେଉଛି ମା'ଙ୍କ ଶେଷ ଓଷା । ଏନେଇ ମଙ୍ଗଳା ମନ୍ଦିର ଚଳଚଂଚଳ ହୋଇ ଉଠିଛି । ଯାଜପୁର ଜିଲାର ଅନ୍ୟତମ ପ୍ରସିଦ୍ଧ ମନ୍ଦିର ମଧ୍ୟରେ ବରୀ ନିର୍ବାଚନ ମଣ୍ଡଳୀ ଗୋଳକୁଣ୍ଡ ମା' ମଙ୍ଗଳା ମନ୍ଦିର ଅନ୍ୟତମ । ଏଠାରେ କାହିଁ କେଉଁ କାଳରୁ ମା' ପୂଜା ପାଇ ଆସୁଛନ୍ତି । ଏଠାରେ ମା' ପର୍ଶ୍ଚିମ ମୁଖୀ ଭାବେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ମା' ହେଉଛନ୍ତି ପ୍ରତ୍ୟକ୍ଷ ଦେବୀ । ଗୁହାରୀ କଲେ ତୁରନ୍ତ ମନସ୍କାମନା ପୁରଣ ହୁଏ ବୋଲି ଶ୍ରଦ୍ଧାଳୁଙ୍କୁ ପ୍ରବଳ ବିଶ୍ୱାସ ରହିଛି । ଆଶ୍ୱିନ ମାସରେ ମା ଗୋଳକୁଣ୍ଡ ମଙ୍ଗଳା ପୀଠ ମାସ ତମାମ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ । ପ୍ରଥମ ମଙ୍ଗଳବାର ଦିନ ଶତାଧିକ ମାନସିକଧାରୀ ମା'ଙ୍କ ନିକଟରେ ଗୁଆ ଓ ନଡିଆ ବସାଇ ମାନସିକ ରଖିଥାନ୍ତି । ଆଜି ହେଉଛି ଶେଷ ମଙ୍ଗଳବାର । ଯାହାକୁ ନେଇ ପୀଠରେ ହଜାରହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସାମଗମ । ଆଜି ସକାଳୁ ସକାଳୁ ମା'ଙ୍କ ପହଡ ଖୋଲିବା ପରେ ବିଭିନ୍ନ ନିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ମା' ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମା'ଙ୍କ ନିକଟରେ ଭୋଗ ପସରା ଧରି ପୂଜା କରି ମା'ଙ୍କୁ ଗୁହାରୀ କରିଥିଲେ । ମନ୍ଦିର ବେଢା ଧର୍ମୀୟ ପରିବେଶ । ଶ୍ରଦ୍ଧାଳୁଙ୍କ ହାତରେ ଭୋଗ ପସରା । ଦୀପ ଜାଳି ମା'ଙ୍କ ନିଜ ପରିବାର ପାଇଁ ଗୁହାରୀ କରି ଅନେକ ଆନନ୍ଦ ଲାଭ କରିଥାନ୍ତି । ଜିଲା ତଥା ଜିଲା ବାହାରୁ ଅନେକ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି ଏହି ପୀଠକୁ । ଭକ୍ତମାନଙ୍କ ସାମଗମକୁ ଦୃଷ୍ଟିରେ ରଖି ମନ୍ଦିର କମିଟି ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଗୋଳକୁଣ୍ଡ ମା' ମଙ୍ଗଳା ଜିଲାରେ ବେଶ ପରିଚିତ । ଏହି ପୀଠରେ ବିଭିନ୍ନ ପାର୍ବଣ ସମୟରେ ବିଭିନ୍ନ ପୂଜା କରାଯାଇଥାଏ ।

# କୁରୁକ୍ଷେତ୍ରର କପିଧ୍ୱଜ ରଥ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୦୭/୧୦ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଉନ୍ନତି ଓ ସୈନ୍ଦର୍ଯ୍ୟକରଣ ଯୋଜନାରେ କୁରୁକ୍ଷେତ୍ର ର କପିଧ୍ୱଜ ମଡେଲର ରଥ ଉଦ୍‌ଘାଟିତ ହୋଇଯାଇଛି । କେଶପୁର ବଜାର ୬ନଂ ୱାର୍ଡ ପଂଚମୁଖୀ ହନୁମାନ ମନ୍ଦିର ନିକଟ ଛକରେ ଏହି ରଥ ସ୍ଥାପନ କରାଯାଇଛି । ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ରଥ ଅଦରକାରୀ ଓ ବ୍ୟବହୃତ ପଲିଥିନ ସାମଗ୍ରୀର ପୁନଃ ପ୍ରକ୍ରିୟାକରଣ ଦ୍ୱାରା ଏହି ମୂର୍ତ୍ତ ନିର୍ମାଣ କରାଯାଇଛି । ଖୋର୍ଦ୍ଧା ତମାଣ୍ଡୋର ଓଡିଶା ପୋଗ୍ରେସିଭ ଆର୍ଟିଷ୍ଟ ଗ୍ରୁପ୍ ଦ୍ୱାରା ଏହି ପ୍ରକଳ୍ପକୁ ରୂପ ଦିଆଯାଇଛି । ଆଜିର ଉଦ୍‌ଘାଟନ କାର୍ଯ୍ୟକ୍ରମ ରେ ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲାପାଳ ରଘୁରାମ ଆର ଆୟାର, ପୌରାଧକ୍ଷା ସରିତା ସାହୁ ଓ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରିଙ୍କ ସମେତ ସାଂସଦଙ୍କ ପ୍ରତିନିଧି ସଲିମ ଖାନ, କଉନସିଲର ନିରାକାର ସ୍ୱାଇଁ, ସୁକୁମାର ଚୌଧୁରୀ, ଉମେଶ ଚନ୍ଦ୍ର ନାୟକ, ପ୍ରଦିପ୍ତ ଜେନା, ହିରଣ୍ୟ ପଣ୍ଡା, ସେକ ଅସଲମ, ହବିବା ବେଗମ, ଫରଜନ ଖାତୁନ, ସମାଜସେବୀ ମନୀନ୍ଦ୍ର କୁମାର ରାଉତ, ସୌମେନ୍ଦ୍ର ପୃଷ୍ଟି, କାଳୀପ୍ରସାଦ ମିଶ୍ରଙ୍କ ସମେତ ସମସ୍ତ କାଉନସିଲର ଓ ସ୍ଥାନୀୟ ବୁଦ୍ଧିଜିବୀ ମାନେ ଉପସ୍ଥିତ ଥିଲେ।

# ପରକ୍ରୀୟା ପ୍ରୀତିରୁ ହତ୍ୟା : ସ୍ତ୍ରୀ ଓ ପ୍ରେମିକ ମିଶି କରିଥିଲେ ହତ୍ୟା

କେନ୍ଦୁଝର, ୦୭/୧୦ (ନି.ପ୍ର): ସେପ୍ଟେମ୍ବର ୨୯ ତାରିଖ କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିକଟସ୍ଥ ରାସ୍ତା କଡ଼ ବୁଦାରୁ ସନ୍ଦେହଜନକ ଅବସ୍ଥାରେ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଜଡ଼ିବିଲ ଗ୍ରାମର ବିରଞ୍ଚି ନାରାୟଣ ମହାନ୍ତ (୪୦ )ଙ୍କ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ କରିଛନ୍ତି ପାଟଣା ପୋଲିସ । ପରକ୍ରୀୟା ପ୍ରୀତି ନିମନ୍ତେ ସ୍ତ୍ରୀ ଓ ପ୍ରେମିକ ମିଶି ବିରଞ୍ଚିଙ୍କୁ ହତ୍ୟା କରିଥିବା ପୋଲିସ ତଦନ୍ତରୁ ଜଣାପଡିବା ପରେ ସ୍ତ୍ରୀ ବର୍ଷାରାଣୀ ଓ ପ୍ରେମିକ ପାଟଣା ଥାନା ଅନ୍ତର୍ଗତ କମାରମରା ଗ୍ରାମର ପୁରେନ୍ଦ୍ର ମାହାକୁଡ(୨୮)କୁ ଗିରଫ କରି ହତ୍ୟା ଘଟଣାର ପୁନଃ ଦୃଶ୍ୟାୟନ କରିଥିବା ଜଣାପଡିଛି । ସୂଚନା ଅନୁସାରେ, ବିରଞ୍ଚି ଓ ବର୍ଷା ରାଣୀ ଭୁବନେଶ୍ୱର ରେ ରହୁଥିବା ବେଳେ ବର୍ଷାରାଣୀ ଓ ପୁରେନ୍ଦ୍ର ମଧ୍ୟରେ ଥିବା ପ୍ରେମ ସମ୍ପର୍କକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ୱାର ଝଗଡ଼ା ହେଉଥିବା ବେଳେ ଦୁର୍ଗାପୂଜା ଛୁଟିରେ ବର୍ଷା ରାଣୀ ଓ ବିରଞ୍ଚି ଭୁବନେଶ୍ୱରରୁ ୨୮ ତାରିଖ ରାତିରେ ଫେରୁଥିବା ବେଳେ ପ୍ରଥମେ କରଞ୍ଜିଆ ବସଷ୍ଟାଣ୍ଡ ରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡ଼ା ହୋଇଥିବା ବେଳେ ବିରଞ୍ଚି ନିଜ ଭଉଣୀ ଘର ପାଟଣା ଥାନା ଅନ୍ତର୍ଗତ ମାଟିଆଗୁନିକୁ ଯାଉଥିବା ବେଳେ ସାହାରପଡା କଲେଜ ନିକଟରେ ପୁନର୍ବାର ଝଗଡ଼ା ହେବାକୁ ଭୁବନେଶ୍ୱରରୁ ସାଙ୍ଗରେ ଆସିଥିବା ପ୍ରେମିକ ପୁରେନ୍ଦ୍ର ସହିତ ମିଶି ସ୍ତ୍ରୀ ବର୍ଷାରାଣୀ ସ୍ୱାମୀ ବିରଞ୍ଚିର ତଣ୍ଟିଚିପି ହତ୍ୟା କରି ସେଇଠି ମୃତଦେହ ଫିଙ୍ଗି ଦେଇଥିବା ବର୍ଷା ରାଣୀ ଓ ପୁରେନ୍ଦ୍ର ସ୍ୱୀକାର କରିଥିବା ବେଳେ ଦୁହିଁଙ୍କ ବିରୋଧ ପାଟଣା ଥାନା କେଶ୍ ନଂ ୨୪୫/୨୦୧୫ ଭାରତୀୟ ନ୍ୟାୟ ସଂହିତା ଧାରା ୧୦୩(୧) ହତ୍ୟା,୩(୫) ରେ ବର୍ଷା ରାଣୀ ଓ ପୁରେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଘଟଗାଁ ଉପଖଣ୍ଡ ପୋଲିସ ଅଧିକାରୀ ବିଜୟ କୃଷ୍ଣ ମହାପାତ୍ର ପାଟଣା ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# କୁଶଙ୍ଗାଇ ପୀଠରେ ପ୍ରସାଦ ବଂଟନ କଲା ବଲାଙ୍ଗିର ଜିଲ୍ଲା ଅଘରିଆ ସମାଜ ଟ୍ରଷ୍ଟ

ବଲାଙ୍ଗିର, ୦୭/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଅଧୀନସ୍ଥ କୁଶଙ୍ଗ ଗ୍ରାମର ଅଧିଷ୍ଠାତ୍ରୀ ମା' କୁଶଙ୍ଗାଇଙ୍କ ଷୋହଳ ପୂଜାର ସମାପ୍ତି ଅବସରରେ ବଲାଙ୍ଗିର ଜିଲ୍ଲା ୮୪ ଘର ଅଘରିଆ ସମାଜ ଟ୍ରଷ୍ଟ ତରଫରୁ ମା'ଙ୍କ ଠାରେ ଭୋଗ ସମର୍ପଣ କରି ହଜାର ହଜାର ଭକ୍ତ ଓ ଦର୍ଶନାର୍ଥୀଙ୍କ ପାଇଁ ଭୋଗ ବଂଟନ କରାଯାଇଥିଲା । ପୂଜା ଦିବା ୧୨ଟାରୁ ଆରମ୍ଭ ହୋଇ ରାତ୍ର ୨ଟା ଯାଏ ଚାଲିଥିଲା । ମା'ଙ୍କ ଠାରେ ଜଗତର କଲ୍ୟାଣ ଓ ସମାଜ କଲ୍ୟାଣର ଶୁଭ ମନାସୀ ମୁଖ୍ୟ କର୍ତ୍ତା ଭାବେ ସଭାପତି ଶୁଭ୍ରାଂଶୁ ଶେଖର ପଟେଲ ଓ ତାଙ୍କ ପତ୍ନୀ ସୀମା ପଟେଲ, ସାଧାରଣ ସମ୍ପାଦକ ଦିଗାମ୍ବର ନାଏକ ଓ ତାଙ୍କ ପତ୍ନୀ ନୀଳକାନ୍ତି ନାଏକ ପୂଜା କାର୍ଯ୍ୟ ସମାପନ କରିଥିଲେ । ପ୍ରସାଦ ବଂଟନ କାର୍ଯ୍ୟକ୍ରମରେ ୬୦ ଜଣ ଶ୍ରଦ୍ଧାଳୁ ଭୋଗ ପାଇଁ ସହଯୋଗର ହାତ ବଢ଼ାଇଥିଲେ । କେନ୍ଦ୍ର କମିଟି, ଉପଦେଷ୍ଟା ମଣ୍ଡଳୀ, ଚାରି ମଣ୍ଡଳ ସଭାପତି ଓ କର୍ମକର୍ତ୍ତା, ଅଠର ଗୁଡ଼ି ସଭାପତି ଓ କର୍ମକର୍ତ୍ତା, ମହିଳା ମଂଚ, ଯୁବା ମଂଚ ଓ କୃଷକ ମଂଚର ସଭାପତି ଓ କର୍ମକର୍ତ୍ତା, ପୁସ୍ତକ କମିଟି, ନିର୍ମାଣ କମିଟି ଓ ଶିକ୍ଷା କମିଟିର ସମସ୍ତ ସଭ୍ୟଙ୍କ ସମେତ କୁଶଙ୍ଗ ଗୁଡ଼ି ଅଧୀନସ୍ଥ ସମସ୍ତ ଗ୍ରାମ୍ୟ ସଭାପତି ଓ କର୍ମକର୍ତ୍ତାଙ୍କ ସହ ଆଖପାଖ ଅଂଚଳର ଯୁବକର୍ମୀ ବଂଟନ କାର୍ଯ୍ୟରେ ସହଯୋଗ କରିଥିଲେ । ରାତ୍ରି ପୂଜାରେ ମା'ଙ୍କ ଦର୍ଶନରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ନିଜ ନିଜ ମନସ୍କାମନା ପୂର୍ଣ୍ଣ ପାଇଁ ଗୁହାରୀ କରିଥିଲେ । କୀର୍ତ୍ତନ ଧାରା ସାଂସ୍କୃତିକ କାର୍ଯ୍ୟକ୍ରମ ପୂଜା କମିଟି ଦ୍ୱାରା ଆୟୋଜନ କରାଯାଇଥିଲା । ମନ୍ଦିରର ମୁଖ୍ୟ ପୂଜକ ଖଗେଶ୍ୱର ଦେହୁରୀ, ମନ୍ଦିର କମିଟି ସଭ୍ୟ ବୃନ୍ଦଙ୍କ ସମେତ କୁଶଙ୍ଗ ଗଉଁନ୍ତିଆ ବୃନ୍ଦାବନ ପଟେଲ, ମଣ୍ଡଳ ସଭାପତି ଦୁଷ୍ମନ୍ତ ପଟେଲ, ଗୁଡ଼ି ସଭାପତି କରୁଣାକର ପଟେଲ, କେନ୍ଦ୍ର ସହ ସମ୍ପାଦକ ଆନନ୍ଦ ପଟେଲ, ଉପ ସଭାପତି ଯୁବରାଜ ପଟେଲଙ୍କ ସମେତ କୁଶଙ୍ଗ ଓ ବିର୍କେଲ ଗୁଡିର କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୂଚାରୁ ଭାବେ ସମ୍ପନ୍ନ ହୋଇଥିଲା ।

# ୧୯ତମ ବିଶ୍ୱ ଯୋଗାଯୋଗ ସମ୍ମିଳନୀରେ ସେଲ, ରାଉରକେଲା ଇସ୍ପାତ କାରଖାନାର ସଂଖ୍ୟାଧିକ ପୁରସ୍କାର ଲାଭ

ରାଉରକେଲା, ୦୭/୧୦ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ସେପ୍ଟେମ୍ବର ୨୫ ଓ ୨୬ ତାରିଖରେ ପବ୍ଲିକ ରିଲେସନ କାଉନ୍ସିଲ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଆୟୋଜିତ ୧୯ତମ ବିଶ୍ୱ ଯୋଗାଯୋଗ ସମ୍ମିଳନୀରେ ବହୁ ପୁରସ୍କାର ଲାଭ କରିଛି। ଯୋଗାଯୋଗ, ଲୋକସମ୍ପର୍କ ଓ ସିଏସଆର କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶିତ କରି ଉକ୍ତ ସମ୍ମିଳନୀରେ ଆରଏସପି ୫ଟି ପୁରସ୍କାର ଜିଣିଛି ଯାହା ଏହାର କାର୍ଯ୍ୟରେ ସୃଜନଶୀଳତା ଓ ଅଭିନବତା ପ୍ରତି ସମର୍ପିତ ପ୍ରୟାସକୁ ସ୍ୱୀକୃତି ପ୍ରଦାନ କରୁଛି। ଗୋଆ ବିଧାନସଭାର ମାନ୍ୟବର ବାଚସ୍ପତି ଶ୍ରୀ ଗଣେଶ ଗାଓଁକର ଏହି ପୁରସ୍କାର ପ୍ରଦାନ କରିଥିଲେ।




ଆରଏସପି ସିଏସଆର ବିଭାଗର ଡ଼ିଜିଏମ ଶ୍ରୀ ଟି ବି ଟପ୍ପୋ, ଲୋକ ସମ୍ପର୍କ ବିଭାଗର ଉପ ପ୍ରବନ୍ଧକ ଶ୍ରୀ ଶଶାଙ୍କ ଶେଖର ପଟ୍ଟନାୟକ ଏବଂ ସହାୟକ ପ୍ରବନ୍ଧକ ଶ୍ରୀ ଜୟଦେବ ମଜୁମଦାର ଏହି ସମ୍ମିଳନୀରେ ଆରଏସପିର ପ୍ରତିନିଧିତ୍ୱ କରି ପୁରସ୍କାର ଗ୍ରହଣ କରିଥିଲେ।

ଆରଏସପି 'କର୍ପୋରେଟ ବ୍ରୋଚର', 'ମ୍ୟୁଜିକ ଭିଡିଓ', ବେଷ୍ଟ ପିଆର କ୍ୟାମ୍ପେନ ଓ ସ୍ଥାୟିତ୍ୱ ଏବଂ ପରିବେଶ କ୍ଷେତ୍ରରେ ପୁରସ୍କାର ହାସଲ କରିଥିଲା।

ଉଲ୍ଲେଖଯୋଗ୍ୟ ଯେ, 'ଲୋକସମ୍ପର୍କର ଶକ୍ତି- ଯୋଗାଯୋଗର ଉଦୀୟମାନ ଧାରା' ବିଷୟବସ୍ତୁ ଉପରେ ଆୟୋଜିତ ହୋଇଥିବା ୧୯ତମ ବିଶ୍ୱ ଯୋଗାଯୋଗ ସମ୍ମିଳନୀକୁ ଗୋଆର ମାନ୍ୟବର ରାଜ୍ୟପାଳ ଶ୍ରୀ ଅଶୋକ ଗଜପତି ରାଜୁ ଉଦଘାଟନ କରିଥିଲେ। ଉଦଘାଟନୀ ଦିବସର ଶେଷ ଅଧିବେଶନରେ ଗୋଆ ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାୱନ୍ତ ଉପସ୍ଥିତ ଥିଲେ। ଏହି ସମ୍ମିଳନୀ ଶିଳ୍ପ ନେତୃବୃନ୍ଦ ତଥା ବିଶେଷଜ୍ଞମାନଙ୍କ ପାଇଁ ସାଂପ୍ରତିକ ଡିଜିଟାଲ୍ ଦୃଶ୍ୟପଟ୍ଟରେ ଯୋଗାଯୋଗର କ୍ରମ ବିକାଶଶୀଳତା ଉପରେ ଆଲୋଚନା ଏବଂ ବିଚାରବିମର୍ଶ ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା । ପବ୍ଲିକ ରିଲେସନ କାଉନ୍ସିଲ ଅଫ ଇଣ୍ଡିଆ ଲୋକସମ୍ପର୍କ ବୃତ୍ତିଧାରୀ, ଯୋଗାଯୋଗକାରୀ, ବିଜ୍ଞାପନ, ଲୋକସମ୍ପର୍କ ପେଷାବିତ ଏବଂ ଅନ୍ୟାନ୍ୟ ସହଯୋଗୀ ସେବାଗୁଡିକର ଏକ ଜାତୀୟ ବୃତ୍ତିଗତ ସଂସ୍ଥା ଅଟେ।

# ତୁଳସୀ କ୍ଷେତ୍ରରେ ରାଇ ଦାମୋଦର ନୀତି ଆରମ୍ଭ

କେନ୍ଦ୍ରାପଡ଼ା, ୦୭/୧୦ (ନି.ପ୍ର): କାର୍ତ୍ତିକ ମାସ ଏକ ପବିତ୍ର ଏବଂ ଧର୍ମ ମାସ ହୋଇଥିବାରୁ ସହ ସହ ସଂଖ୍ୟା ରେ ଭକ୍ତ ହବିଶୀ ଆଳି କାର୍ତ୍ତିକ ବ୍ରତ ପ୍ରଥମ ଦିନରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସଙ୍ଗେ ତୁଳସୀ ଚଉଁରା ନିକଟରେ ବ୍ରତ ଆରମ୍ଭ ପୂର୍ବକ ରାଇ ଦାମ ଦର ପୂଜା ହବିଷ ନୀତି ସନ୍ଧ୍ୟା ରେ ଆକାଶ ଦୀପ ପ୍ରଜ୍ୱଳନ କରିଥିଲେ । ଏହା ସହ ମନ୍ଦିରରେ ସ୍ୱତନ୍ତ୍ର ନୀତି ପାଳନ କରାଯାଇଛି । ସକାଳ ଧୂପରେ ପୂଜାପଣ୍ଡା ମାନେ ଧୂପ ନୀତି ସମ୍ପନ୍ନ କରିବା ସଙ୍ଗେ ସ୍ୱତନ୍ତ୍ର ଦାମ ଦର ଧୂପ ପ୍ରଭୁଙ୍କୁ ଅର୍ପଣ କରିଥାନ୍ତି । ଏହି ଭୋଗରେ ବ୍ୟବହୃତ ଉଖୁଡା ଖଇ ନଡ଼ିଆ ଧୁଆ ମୁଗ ଚୁଡ଼ା କଦଳୀ ଘିଅ ଗୁଡ ନବା ଦହି ମାଟି ସରା ରେ ବଡ଼ ସାଇତି ସେବକ ଙ୍କ ପରସା ଯାଇ ଛାମୁକୁ ଯାଇ ଭୋଗ ହୋଇଥାଏ । ଭୋଗ ସମ୍ପନ୍ନ ପରେ କର୍ପୁର ମୋଟା ଆଳତି ହୋଇଥାଏ ଏହି ନୀତି କାର୍ତ୍ତିକ କୃଷ୍ଣ ପ୍ରତିପଦ ରୁ କାର୍ତ୍ତିକ ପୂର୍ଣ୍ଣିମା ଏକ ମାସ ଧରି ଚାଲିବ ବୋଲି ସେବାୟତ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି ।

# ସ୍ୱାଧୀନତା ସଂଗ୍ରାମୀ ଡ଼. ପ୍ରଭାବତୀ ଦେବୀଙ୍କ ୧୧୫ ତମ ଜନ୍ମଜୟନ୍ତୀ ପାଳିତ

ସମ୍ବଲପୁର, ୦୭/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ବରଗାଁ ପଂଚାୟତ ଅନ୍ତର୍ଗତ ଛଚାନପାଲି ସ୍ଥିତ ରୁକ୍ମିଣୀ ଲାଠ ବାଳନିକେତନ ପରିସରର ଆଜି ଏକ ଆଧାତ୍ମିକ ଓ ପ୍ରେରଣା ଦାୟକ ପରିବେଶ ସୃଷ୍ଟି ହୋଇଥିଲା । 'ସମର୍ପଣ' ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ବିଶିଷ୍ଟ ସମାଜସେବୀ ତଥା ସ୍ୱାଧୀନତା ସଂଗ୍ରାମୀ ଡ଼. ପ୍ରଭାବତୀ ଦେବୀଙ୍କ ୧୧୫ତମ ଜନ୍ମଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଭାବତୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା । ପରେପରେ ଆଶ୍ରମ ପରିସରରେ ଅତିଥିଗଣ ଓ ଅନ୍ତେବାସୀଙ୍କ ଦ୍ୱାରା ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସଦର ଉପ-ଜିଲ୍ଲାପାଳ ଡ଼. ପୁଷ୍ପାଞ୍ଜଳୀ ପଣ୍ଡା, ଧମା ରେଞ୍ଜର ପ୍ରଶାନ୍ତ ସାହୁ, ବରିଷ୍ଠ ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା, ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ସଦସ୍ୟ ଯଦୁମଣି କୁମ୍ଭାର, ବରଗାଁ ସରପଂଚ ପ୍ରଭାସିନୀ ହୋତା, ଅକ୍ଷୟ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସମାଜସେବୀ ପ୍ରତାପ ରଞ୍ଜନ ସାହୁ, ମନୋରମା ସାହୁ, ଚିତ୍ତ ରଞ୍ଜନ ବାଘ, ବାଳ ନିକେତନର ପୂର୍ବତନ ଅନ୍ତେବାସୀ ଜଗବନ୍ଧୁ ବଡ଼େଇ, କଳିଙ୍ଗ କୁମ୍ଭାର, ସଂଜୀବ ଧରୁଆ, ରଞ୍ଜିତ ଦନ୍ତା, ସୁଶାନ୍ତ ବିଶ୍ୱାଳ ଆଶ୍ରମ ପରିଚାଳକ ହେମନ୍ତ ପଧାନ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମର ଉଦ୍ୟୋକ୍ତା ତଥା ସମର୍ପଣ ଅନୁଷ୍ଠାନର ମୁଖ୍ୟ ଦୀପକ ବିଶ୍ୱାଳ ଓ ଯୁବ ସମାଜସେବୀ ହେମସାଗର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ । ଶେଷରେ ସମସ୍ତ ଅତିଥି ଓ ଅନ୍ତେବାସୀମାନେ ଗଣପ୍ରସାଦ ସେବନ କରିବା ପରେ କାର୍ଯ୍ୟକ୍ରମ ଉଦଯାପିତ ହୋଇଥିଲା।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜୟପୁର ପାଇଁ ଟିପିଏସ୍‌ଓଡିଏଲ୍ ତରଫରୁ ଭରସାଯୋଗ୍ୟ ବିଦ୍ୟୁତ ସେବା

ଜୟପୁର, ୭ ଅକ୍ଟୋବର (ହି.ସ.)- ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଜୟପୁର ଠାରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଦ୍ୟୁତ ଭିତିଭୂମିକୁ ସୁଦୃଢ଼ କରିଛି। ନୂତନ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧.୨୫ଏମଭିଏର ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ ହୋଇଛି। ଯାହା ଗତବର୍ଷ ସ୍ଥାପନ ହୋଇଥିବା ୧୨୫୦ କେଭିଏ ବିଦ୍ୟୁତ ଟ୍ରାନ୍ସଫର୍ମର ସହିତ ଚିକିତ୍ସାଳୟରେ ଭରସାଯୋଗ୍ୟ ବିଦ୍ୟୁତ ସେବାକୁ ଦ୍ୱିଗୁଣିତ କରିଛି।

ଟିପିଏସ୍‌ଓଡିଏଲ୍ ତରଫରୁ ବିଦ୍ୟୁତ ସେବା କ୍ଷେତ୍ରରେ ହୋଇଥିବା ଏହି ଉନ୍ନତିକରଣ ଯୋଗୁଁ ହସ୍ପିଟାଲର ଆବଶ୍ୟକୀୟ ବିଦ୍ୟୁତ ଚାହିଦା ପୂରଣ ହୋଇ ପାରିଛି। ଅଧିକ ରୋଗୀଙ୍କ ଆଗମନ ଓ ନୂତନ ଚିକିତ୍ସା ସେବା ସହିତ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଚିକିତ୍ସାଳୟ ପାଇଁ ଅତ୍ୟନ୍ତ ଜରୁରୀ। ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋରାପୁଟ ଓ ନିକଟବର୍ତ୍ତୀ ଗ୍ରାମାଂଚଳ ତଥା ପାହାଡ଼ିଆ ଅଂଚଳର ବହୁ ଜନସାଧାରଣଙ୍କୁ ସେବା ଯୋଗାଇଥାଏ।

ନୂତନ ଭାବେ ସ୍ଥାପନ ହୋଇଥିବା ବିଦ୍ୟୁତ ସେବା ବ୍ୟବସ୍ଥାରେ ଟ୍ରାନ୍ସଫର୍ମର ସହିତ ଏହାର ନିୟନ୍ତ୍ରଣ ଓ ମନିଟରିଂ ପାଇଁ ବ୍ୟବସ୍ଥା ରହିଛି। ଯାହା ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ସମୟରେ ଯେଭଳି ବିଦ୍ୟୁତ ସେବା ବିଚ୍ଛିନ୍ନ ନ ହେବ ତଥା ଟ୍ରିପ୍ ନ ହେବ ସୁନିଶ୍ଚିତ ହୋଇଛି। ଏହି ଅତିରିକ୍ତ କ୍ଷମତା ଯୋଗୁଁ ଚିକିତ୍ସାଳୟରେ ଭୋଲଟେଜରେ ମଧ୍ୟ ସ୍ଥିରତା ଅଣାଯାଇ ପାରିଛି। ଏଥିସହିତ ବିଦ୍ୟୁତ ସେବା ଯେପରି ବିଚ୍ଛିନ୍ନ ନ ହେବ ସେଥିପ୍ରତି ଧ୍ୟାନ ଦିଆଯାଇଛି। କମ୍ପାନୀ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି: "ଜୟପୁର ଠାରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଦ୍ୟୁତ ଭିତିଭୂମିକୁ ସୁଦୃଢ଼ କରିବା ଆମର ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକ ପ୍ରତି ଥିବା ସମର୍ଥନ ତଥା ପ୍ରତିବଦ୍ଧତାକୁ ଦର୍ଶାଇଥାଏ। ରୋଗୀଙ୍କ ଚିକିତ୍ସାରେ ଯେପରି କୌଣସି ବାଧା ନ ଆସିବ ଏବଂ ସୁରକ୍ଷିତ ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଉପରେ ଧ୍ୟାନ ଦେଉଛି ଟିପିଏସ୍‌ଓଡିଏଲ୍। ଏହି ଉଦଘାଟନ କାର୍ଯ୍ୟକ୍ରମରେ ଦ୍ୟାନେଶ୍ୱର ରାମଚନ୍ଦ୍ର ଧର୍ମାଧିକାରୀ (ଚିଫ୍ ଟେକ୍ନିକାଲ ସର୍ଭିସେସ୍), ଜୟପୁର ସର୍କଲ ମୁଖ୍ୟ ମନ୍ମଥନାଥ ମିଶ୍ର, ଜୟପୁର ଇଲେକ୍ଟ୍ରିକାଲ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ ଏବଂ ବିଭିନ୍ନ ସେକ୍ସନର ମୁଖ୍ୟ ଓ ଡିଏଚ୍‌ଏଚ୍ ଜୟପୁରର ମ୍ୟାନେଜର ଉପସ୍ଥିତ ଥିଲେ।

ଟିପିଏସ୍‌ଓଡିଏଲର ଏହି ଉଦ୍ୟମ ଦକ୍ଷିଣ ଓଡ଼ିଶାରେ ଜନସ୍ୱାସ୍ଥ୍ୟ ଭିତିଭୂମିକୁ ଉନ୍ନତ କରିବା ଦିଗରେ ବିଶେଷ ଭାବରେ ସହାୟକ ହେବ। ଯାହା ଚିକିତ୍ସାଳୟଗୁଡ଼ିକୁ ଜରୁରୀ ସ୍ଥିତି, ବର୍ଦ୍ଧିତ ରୋଗୀ ସଂଖ୍ୟା ଏବଂ ଉନ୍ନତ ଚିକିତ୍ସା ଆବଶ୍ୟକତା ପାଇଁ ଅଧିକ ପ୍ରସ୍ତୁତ କରୁଛି।

# କୁମାର ପୂର୍ଣ୍ଣିମା ଉପଲକ୍ଷେ ଭଞ୍ଜ ସାଂସ୍କୃତିକ ନ୍ୟାସ ଓ ସେଲ ରାଉରକେଲା ଇସ୍ପାତ କାରଖାନାର ମିଳିତ ଆନୁକୂଲ୍ୟରେ 'କୁମାର ଉତ୍ସବ ୨୦୨୫' ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

ରାଉରକେଲା, ୦୭/୧୦ (ନି.ପ୍ର): ଭଞ୍ଜ ସାଂସ୍କୃତିକ ନ୍ୟାସ ଓ ସେଲ ରାଉରକେଲା ଇସ୍ପାତ କାରଖାନାର ମିଳିତ ଆନୁକୂଲ୍ୟ ଅକ୍ଟୋବର ୬ ତାରିଖ ଦିନ ରାଉରକେଲା ସିଭିକ ସେଣ୍ଟର ଠାରେ ଓଡ଼ିଶାର ଲୋକପ୍ରିୟ ଗଣ ପର୍ବ କୁମାର ପୂର୍ଣ୍ଣିମା ଉପଲକ୍ଷେ 'କୁମାର ଉତ୍ସବ -୨୦୨୫' ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱ ରଞ୍ଜନ ପଲାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧକ୍ଷା ଶ୍ରୀମତୀ ନମ୍ରତା ବର୍ମା, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ବିତ୍ତ ଓ ଲେଖା ବିଭାଗ ର ସିଜିଏମ ଶ୍ରୀ ରାଜେସ ଦାସଗୁପ୍ତା, ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ ଶ୍ରୀ ବି କେ ଜୋଜୋ, ଦୀପିକା ମହିଳା ସଂଘତିର ଉପାଧକ୍ଷା ଡକ୍ଟର ଶ୍ରୀମତୀ ପ୍ରତିଜ୍ଞା ପଲାଇ ଏବଂ ଶ୍ରୀମତୀ ରୀତା ରାଣୀଙ୍କ ସମେତ ୟୁନିଅନ ଓ ଅଧିକାରୀ ସଂଘର କର୍ମକର୍ତ୍ତା, ବିଭିନ୍ନ ସାମାଜିକ ସାଂସ୍କୃତିକ ସଂଗଠନର ସଦସ୍ୟବୃନ୍ଦ, ଆରଏସପିର ବହୁ ବରିଷ୍ଠ ଅଧିକାରୀ ଏବଂ ସଂସ୍କୃତି ପ୍ରେମୀ ରାଉରକେଲାବାସୀ ଉପସ୍ଥିତ ଥିଲେ।

ଉତ୍ସବର ମୁଖ୍ୟ ଅତିଥି ଶ୍ରୀ ପଲାଇ ଏବଂ ଅନ୍ୟ ଅତିଥି ମାନେ ତୁଳସୀ ଚଉରାରେ ଚନ୍ଦ୍ରଙ୍କ ପାରମ୍ପରିକ ଓଡିଆ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ ଏବଂ ଓଡିଆଙ୍କ ଆରାଧ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରେ ଭକ୍ତି ଅର୍ଘ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ସମସ୍ତ ରାଉରକେଲାବାସୀଙ୍କୁ ପବିତ୍ର କୁମାର ପୂର୍ଣ୍ଣିମାର ଅଭିନନ୍ଦନ ଜଣାଇ ଶ୍ରୀ ପଲାଇ ଓଡିଶାର ଋଦ୍ଧିମନ୍ତ କଳା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ଦିଗରେ ଆରଏସପି ର ପ୍ରତିବଦ୍ଧତାକୁ ଦୋହରାଇ ଥିଲେ। ସେ ଆହୁରି ମଧ୍ୟ ଆର ଏସ ପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଙ୍କ ମାର୍ଗଦର୍ଶନ ରେ ଭଞ୍ଜ ଭବନ ପରିସରକୁ ଏକ ଭବ୍ୟ ସଂସ୍କୃତିକ ପ୍ରାଣ କେନ୍ଦ୍ରରେ ରୂପାନ୍ତରିତ କରିବା ପାଇଁ ପ୍ରସ୍ତୁତ ହେଉଥିବା ରୂପରେଖ ବିଷୟରେ ଉଲ୍ଲେଖ କରିଥିଲେ।




ଶ୍ରୀ ପଲାଇ ଏହି ଉତ୍ସବ ରେ ଦୁଇଜଣ ନିମନ୍ତ୍ରିତ ଅତିଥି , ଓଡିଶା ର ବିଶିଷ୍ଟ ବ୍ୟକ୍ତିତ୍ୱ ତଥା ଜାତୀୟ ପୁରସ୍କାର ବିଜେତା ବର୍ଷିୟାନ ଅଭିନେତା, ନିର୍ଦ୍ଦେଶକ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀ ପ୍ରଶାନ୍ତ ନନ୍ଦ ଏବଂ ଓଡିଶାର ସୁନାମଧନ୍ୟା କଣ୍ଠଶିଳ୍ପୀ ପ୍ରଫେସର ଡକ୍ଟର ସଙ୍ଗୀତା ଗୋସାଇଁଙ୍କୁ କୁମାର ଉତ୍ସବ-୨୦୨୫ ସମ୍ମାନରେ ସମ୍ମାନିତ କରିଥିଲେ। ଉଭୟ ସମ୍ବର୍ଦ୍ଧିତ ଅତିଥି ଏଭଳି ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ନିମନ୍ତେ ଭଞ୍ଜ ସାଂସ୍କୃତିକ ନ୍ୟାସ ଏବଂ ଆରଏସପିର ଉଚ୍ଚ ପ୍ରଶଂସା କରିବା ସହିତ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ନିମନ୍ତେ କୃତଜ୍ଞତା ଜଣାଇଥିଲେ।

ଇସ୍ପାତ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭଞ୍ଜ କଳା କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା 'କୁଆଁର ପୁନେଇ ଜହ୍ନ ଗୋ' ଲୋକ ନୃତ୍ୟ ର ମନୋରମ ଉପସ୍ଥାପନା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

ଏହି ମନୋଜ୍ଞ ସାଂସ୍କୃତିକ ସନ୍ଧ୍ୟାରେ ଲୋକପ୍ରିୟ ଓଲିଉଡ୍ ଗାୟକ ଶ୍ରୀ ବିଷ୍ଣୁ ମୋହନ କବି, ଇସ୍ପାତ ସହରର ଲୋକପ୍ରିୟ ଗାୟିକା ସୁଶ୍ରୀ ବାସବଦତ୍ତା , ଶ୍ରୀ ବିନୟ ମହାନ୍ତି ଏବଂ ମହମ୍ମଦ କାସିମଙ୍କ ଦ୍ୱାରା ଅନେକ ପୁରୁଣା ଓ ନୂଆ ସିନେ ସଙ୍ଗୀତ ପରିବେଷଣ କରାଯାଇଥିଲା । ମାନବ ସମ୍ବଳ ବିଭାଗର ସିଜିଏମ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ଅଧ୍ୟକ୍ଷ ଶ୍ରୀ ମାନସ ରଞ୍ଜନ ରଥ ତାଙ୍କର ସ୍ୱାଗତ ଅଭିଭାଷଣରେ ଭଞ୍ଜ ସାଂସ୍କୃତିକ ନ୍ୟାସ ଦ୍ୱାରା ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ସଂରକ୍ଷଣ ତଥା ପ୍ରଚାର ପ୍ରସାର ପାଇଁ ପ୍ରତିବଦ୍ଧତାକୁ ଦୋହରାଇ ଥିଲେ। ପରିଶେଷରେ ସିସିଡବ୍ଲ୍ୟୁ ବିଭାଗର ସିଜିଏମ ଏବଂ ଭଞ୍ଜ ସାଂସ୍କୃତିକ ନ୍ୟାସ ସମ୍ପାଦକ ଶ୍ରୀ ଆଲୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏସଏସଏମ ବିଭାଗର ଜୁନିୟର ଇଞ୍ଜିନିୟର ଶ୍ରୀ ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଧାରାବାହିକ:

ଭାଗ-୧୭

# ସଂକ୍ଷିପ୍ତ ଭାଗବତ କଥାମୃତ

### ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ହଠାତ୍ ଶ୍ରୀକୃଷ୍ଣ ଧୂଳି ଧୂଷରିତ ହୋଇ ଯଦ୍ଧ ବେଶରେ ସ୍ୱେଦସିକ୍ତ ହୋଇ ହସ୍ତୀ ସମ୍ମୁଖରେ ଆବିର୍ଭୂତ ହୋଇ ମାହୁନ୍ତକୁ କହିଲେ ରେ ମୂର୍ଖ ତୋର ହାତୀକୁ ଏଥର ସମ୍ଭାଳ କହି ବଜ୍ରମୁଥ ମାରିଲେ । ହାତୀ ଧରିବାକୁ ଚେଷ୍ଟାକଲେ ସେ ବିଦ୍ୟୁତ ବେଗରେ ବୁଲିଯାଇ ପୁନର୍ବାର ମୁଥ ମାରିଲେ । ବଳରାମ ମଧ୍ୟ ହସ୍ତୀର ଉଦର ଓ ହୃଦୟକୁ ପଦାଘାତ କଲେ । ମାହୁନ୍ତ ଏ ଦୁଇଭାଇଙ୍କର ପରାକ୍ରମ ଦେଖି ନିଶ୍ଚଳରେ ବସି ରହିଲା, ହାତୀ ମଧ୍ୟ କ୍ଳାନ୍ତ ହୋଇପଡିଲା । ଏହି ସମୟରେ ନିଜ ମାୟାଶକ୍ତି ବଳରେ ଶ୍ରୀକୃଷ୍ଣ ହାତୀକୁ ବୁଲାଇ ବୁଲାଇ ପକାଇ ଦେବାରୁ ତାର ମୃତ୍ୟୁ ହେଲା ଓ ପ୍ରାଣ ଛାଡିଯାଇ ଗୋବିନ୍ଦ ଚରଣରେ ଲୀନ ହେଲା । ଏହାପରେ ଦୁଇଭାଇ ହାତୀର ଦାନ୍ତ ଉପାଡି ଆଣି ମାହୁନ୍ତକୁ ଆଘାତ କରିବାରୁ ତାର ପ୍ରାଣବାୟୁ ଉଡିଗଲା । ମଥୁରାବାସୀ ଏହି ଦୃଶ୍ୟ ଦେଖି ଆନନ୍ଦରେ ନୃତ୍ୟକଲେ । ରାମକୃଷ୍ଣ ଶ୍ରୀମୁଖ ସେତେବେଳେ ଅତ୍ୟନ୍ତ ମନୋରମ ଦେଖାଯିବାରୁ ମଥୁରାବାସୀ ତାହା ପାନକଲେ । ଏହାପରେ ଦୁଇ ଭାଇ ସେହି ଦାନ୍ତକୁ କାନ୍ଧରେ ପକାଇ ରଙ୍ଗସଭାରେ ପ୍ରବେଶ କଲେ । ପୂର୍ବ ସଜ୍ଜିତ ମଲ୍ଲମାନେ ଏମାନଙ୍କୁ ଦେଖି ଭୟରେ ଥରିବାକୁ ଲାଗିଲେ । ମୁହଁ ଶୁଖିଗଲା ଏବଂ ଦୁଇ ଭାଇଙ୍କ ରୂପ ତାଙ୍କୁ ପର୍ବତ ତୁଲ୍ୟ ଲାଗିବା ସମୟରେ ସେଠାରେ ଥିବା ମିତ୍ରଭାବାପନ୍ନ ଲୋକଙ୍କୁ ଏମାନଙ୍କ ରୂପ ଅତ୍ୟନ୍ତ ସୁନ୍ଦର, ସୌମ୍ୟ ଓ ମନୋରମ ଦେଖାଗଲା । ଉପସ୍ଥିତ ବୈଷ୍ଣବମାନଙ୍କୁ ନିଜର ପ୍ରିୟ ଭଗବାନ ତ କଂସକୁ ଯମ ଭଳି ଦେଖାଗଲା । ରାମ ଓ କୃଷ୍ଣଙ୍କର ଏହି ରୂପକୁ ଆକାଶରେ ଥାଇ ତେତ୍ରିଶ କୋଟି ଦେବଦେବୀ, ଗନ୍ଧର୍ବ, କିନ୍ନର ଆଦି ଆଖି ପୂରାଇ ଦେଖୁଥାନ୍ତି । ମଞ୍ଚାସୀନ ରାଜାମାନେ ମଧ୍ୟ ଏ ରୁପଲାବଣ୍ୟରେ ମୋହିତ ହେଲେ । ସେମାନଙ୍କ ନିକଟରେ ଦିବ୍ୟ ଜ୍ଞାନ ସଞ୍ଚାର ଫଳରେ ଜାଣିପାରିଲେ ଯେ ସ୍ୱୟଂ ନାରାୟଣ ଓ ଅନନ୍ତ ମର୍ତ୍ତ୍ୟରେ ଦୁଇଭାଇ ରୂପରେ ଅବତୀର୍ଣ୍ଣ ହୋଇଛନ୍ତି । ଏବେ କଂସର ଆଉ ନିସ୍ତାର ନାହିଁ । ଏହି ସମୟରେ ବୀରବାଦ୍ୟ ବାଜି ଉଠିବାରୁ ରାମକୃଷ୍ଣଙ୍କୁ ମଲ୍ଲମାନେ ଘେରିଗଲେ । ଚାଣୁର ତାଚ୍ଛଲ୍ୟ କରି କହିଲା, ହେ ତୁମେ ତ ମୁଢ ଗୋପାଳ ଜାତି, ମାଲ ବିନ୍ଧାଣ କାହୁଁ ଜାଣିବ ତଥାପି କିଛି ସାଧନା କଲା ପରି ଦେଖା ଯାଉଛ, ଆସ ଆମ ସହ ଲଢ, ରାଜାମାନେ ଦେଖିବେ । ଶ୍ରୀକୃଷ୍ଣ କହିଲେ, ତୁମେ ଠିକ କହିଛ ମାଲଭାଇ, ଆମେ ଗୋପାଳ ଏବଂ ଗୋଚାରଣ ଆମର କାମ । ନଦୀର ଜଳ ଆମର ପେୟ । ଆମେ ମାଲ ବିନ୍ଧାଣ କଉଠୁ ଶିଖିବୁ ? ଯେତେ ସବୁ ଲଢେଇ ତାହା ଆମର ପିଲାଖେଳ କିନ୍ତୁ ତୁମେତ ନିପୁଣ ମାଲ ଏବଂ ବିଷାଳକାୟ । ଏଣୁ ଆମ ସହ ଯୁଦ୍ଧ ଅନ୍ୟାୟ ଓ ଅସମ୍ଭବ । ଏହା କେବଳ ଆମକୁ ମାରିବାକୁ ଚକ୍ରାନ୍ତ । ଚାଣୁର କହିଲା, ତୁମେ ଆଉ ଛଳେଇ ହୁଅ ନାହିଁ । ଯେତେସବୁ କାଣ୍ଡ ତୁମେ ଏଠାରେ କଲଣି ଆମେ ସବୁ ଶୁଣିଛୁ ଓ ଦେଖିଛୁ । କୁବଳୟାକୁ ମାରି ଦାନ୍ତ ଉପାଡିଲ, ଧନୁକୁ ଭାଙ୍ଗି ବେନି ଖଣ୍ଡ କଲ, ଗୋଟାଏ ଚାପୁଡାରେ ରଜକକୁ ମାରିଲ ଆଉ ତୁମକୁ ଉପ୍ରୋଧ ନାହିଁ । ତୋର ବଡଭାଇ କୁଆଡେ ମହା ବଳଶାଳୀ । ଏବେ ମରିବାକୁ ପ୍ରସ୍ତୁତ ହୋଇଯାଅ । ରାଜାମାନଙ୍କ ସହ ତୁମ ପିତାମାତା ତମର ମୃତ୍ୟୁ ଦେଖିବେ । ଏହା କହି ସେ ଶ୍ରୀକୃଷ୍ଣଙ୍କୁ ଧରିଲା ଏବଂ ମୁଷ୍ଟିକକୁ ବଳରାମ ସହ ଯୁଦ୍ଧ କରିବାକୁ ଇଙ୍ଗିତ ଦେଲା । କୃଷ୍ଣ-ଚାଣୁର ଏବଂ ମୁଷ୍ଟିକ-ବଳରାମଙ୍କ ମଧ୍ୟରେ ପ୍ରବଳ ମଲ୍ଲଯୁଦ୍ଧ ଲାଗିଲା ।

### ୪୪ଶ ଅଧ୍ୟାୟ, କଂସ ବଧ ଓ ଉଗ୍ରସେନଙ୍କର ସିଂହାସନ ପ୍ରାପ୍ତି

ରାମ ଓ କୃଷ୍ଣଙ୍କ ମୁଷ୍ଟିଯୁଦ୍ଧ ଦେଖି ଆକାଶର ଦେବତାମାନେ ମଧ୍ୟ ଚମତ୍କୃତ ହେଲେ । ଅବତାରୀ କୃଷ୍ଣଙ୍କ ହାତର କଂସ ବଧ ଜାଣିଥିବା କାରଣରୁ ସେମାନେ ପ୍ରଭୁଙ୍କ ଏହି ଲୀଳା ଦର୍ଶନ କରି ଅତ୍ୟନ୍ତ ଆନନ୍ଦିତ ହେଉଥାନ୍ତି । ଉପସ୍ଥିତ ଜନତା କାତରରେ ଧର୍ମଙ୍କୁ ଡାକୁଥାନ୍ତି ତ ରାଜାମାନେ ଚିତ୍ରବତ ଦେଖୁଥାନ୍ତି ମାତ୍ର ନନ୍ଦ ଓ ଯଶୋଦା ମୂର୍ଚ୍ଛିତ କି ଚେତାଯୁକ୍ତ ଜଣା ପଡୁନଥାଏ । ଯୁଦ୍ଧରେ ହସ୍ତରେ ହସ୍ତ ଛନ୍ଦାଛନ୍ଦି ହୋଇ, ମୁଷ୍ଟିରେ ମୁଷ୍ଟି ତାଳକରି, ଜାନୁରେ ଜାନୁଛନ୍ଦି, ମୁଣ୍ଡକୁ ମୁଣ୍ଡ ମରାମରି ହୋଇ ମଲ୍ଲଙ୍କ ସହ ଦୁଇ ଭାଇ ଯୁଦ୍ଧ କରୁଥାନ୍ତି । କେତେବେଳେ ଛଡାଛଡି ହୋଉଥାନ୍ତି ତ ପୁଣି ଧରାଧରି ହୋଇ ଯୁଦ୍ଧ କରୁଥାନ୍ତି । ବିଶାଳକାୟ ମଲ୍ଲଙ୍କ ସହ ବାଳକ ଦୁଇ ଜଣଙ୍କର ଯୁଦ୍ଧକୁ ବହୁ ଲୋକ ପସନ୍ଦ ନକରି କଂସକୁ ନିନ୍ଦା କରୁଥାନ୍ତି । ମାୟା ମନୁଷ୍ୟ ରୂପୀ ଭଗବାନ ତ ଲୀଳା କରୁଥାନ୍ତି, ଜାଣି ଜାଣି ନିଜର ଶତ୍ରୁଭାବାପନ୍ନ ଭକ୍ତର ବଳକୁ ପରୀକ୍ଷା କରୁଥାନ୍ତି । ନିଜ ଦେହରେ ମିଶିଯିବାକୁ ସତେ ଯେପରି ଅନୁମତି ଦେଉଥାନ୍ତି ନଚେତ ଚାଣୁରର ଏତେ ଭାଗ୍ୟ କେଉଁଠି କି ପ୍ରଭୁଙ୍କୁ ଧରି ଗଡାପଡା ଲାଗନ୍ତା ? ଦୁଇଭାଇଙ୍କ ଶରୀରରୁ ମନୁଷ୍ୟଙ୍କ ଭଳି ସ୍ୱେଦ ବହି ପ୍ରସ୍ଫୁଟିତ ପଦ୍ମକୋଷରେ ଜଳସିଞ୍ଚିଲା ପ୍ରାୟ ଦେଖାଗଲା । ଦେବକୀର ସଞ୍ଜ୍ଞା ଆସିବାରୁ ସେ ନୀରବରେ ଅଶ୍ରୁ ମୁଞ୍ଚନ କଲେ । ଦୀର୍ଘକାଳ ମଲ୍ଲମାନେ ଯୁଦ୍ଧକରି କ୍ଷୟ ନ ହେବାରୁ ସେ ଚିନ୍ତିତ ହୋଇପଡିଲେ । ଶ୍ରୀକୃଷ୍ଣଙ୍କ ଚକ୍ଷୁ ମାତା ଉପରେ ପଡିଯିବାରୁ ସେ ଆଉ ଯୁଦ୍ଧକୁ ବଢାଇବାକୁ ନ ଦେଇ ଏକ ଶକ୍ତ ପ୍ରହାର ଚାଣୁର ଛାତିରେ କରିବାରୁ ଚାଣୁର ରକ୍ତବାନ୍ତି କରି କଚାଡି ହୋଇ ପଡିବାରୁ ମସ୍ତକ ଚୂର୍ଣ୍ଣ ହୋଇଗଲା । ବଳରାମ ମଧ୍ୟ ମୁଷ୍ଟିପ୍ରହାରରେ ମୁଷ୍ଟିକର ମଥାଚୂର୍ଣ୍ଣ କଲେ । ଏହା ଦେଖି ଅନ୍ୟ ମଲ୍ଲମାନେ ଦୁଇଭାଇଙ୍କୁ ଆକ୍ରମଣ କରିବାରୁ ରାମକୃଷ୍ଣ ସମସ୍ତଙ୍କୁ ସଂହାର କଲେ । କଂସ ନିଜ ଚକ୍ଷୁ ସାମ୍ନାରେ ରାମ ଓ କୃଷ୍ଣଙ୍କ ଅଭୂତ ପରାକ୍ରମ ଦେଖି ଭୟରେ ଥରିବାକୁ ଲାଗିଲା । ସେ ସହସା ନିଜ ତରବାରୀ ଉଠାଇ କୃଷ୍ଣଙ୍କୁ ମାରିବାକୁ ମଞ୍ଚରୁ ଓହ୍ଲାଇ ଆସିବା ବେଳକୁ କୃଷ୍ଣ ବିଦ୍ୟୁତ ବେଗରେ ମଞ୍ଚକୁ ଉଠିଯାଇ ତାକୁ ସଞ୍ଚାଣ ପରି ତା ଉପରେ ଝାମ୍ପିପଡିଲେ ଓ ବାମ ହସ୍ତରେ ତାର ଚୁଟି ଧରି ଆକର୍ଷଣ କଲେ । କଂସ ଆଉ ଚଳି ନପାରି ଶ୍ରୀକୃଷ୍ଣଙ୍କ ମୁହଁକୁ ଚାହିଁ ପ୍ରାଣ ଛାଡିଲା ଏବଂ ଆତ୍ମା ଗୋବିନ୍ଦ ଶରୀରରେ ଲୀନ ହେଲା । କଂସର ନିର୍ଜୀବ ଶରୀର ମଞ୍ଚାରୁ ତଳକୁ ପଡିଯିବା ସହ କୃଷ୍ଣ ମଧ୍ୟ ମଞ୍ଚାତଳକୁ ଖସି ପଡିଲେ । ଦୁଷ୍ଟ ରାଜାମାନେ କଂସ ବଧ ଦେଖି ସେ ସ୍ଥାନ ପରିତ୍ୟାଗ କଲେ । ଦେବତାମାନେ ପୁଷ୍ପବୃଷ୍ଟି କଲେ । ଚତୁର୍ଦ୍ଦିଗରେ ଆନନ୍ଦର ମହୋତ୍ସବ ଚାଲିଲା । କଂସର ଅଷ୍ଟଭ୍ରାତା କଂସ ବଧପରେ କୃଷ୍ଣ ଓ ବଳରାମଙ୍କୁ ମାରିବାକୁ ଧାଇଁ ଆସି ବଳରାମଙ୍କ ହସ୍ତରେ ପ୍ରାଣ ବିସର୍ଜନ କଲେ । କଂସର ପତ୍ନୀମାନେ ଆସି ମୃତ ସ୍ୱାମୀକୁ ଧରି ରୋଦନ କରିବାକୁ ଲାଗିଲେ । କହିଲେ ହେ ନାଥ ! ଇନ୍ଦ୍ର ବଜ୍ରଠାରୁ ଶକ୍ତିଶାଳୀ ତୁମ ଶରୀର ଆଜି କିପରି ଭୂମିରେ ଲୋଟୁଛି । ସାରା ସଂସାରର ନାଥଙ୍କୁ ତୁମେ ଜାଣି ନ ଜାଣି ଦ୍ରୋହ କରିବାରୁ ଏହି ଫଳ ଭୋଗକଲ । ଧର୍ମକୁ ଛାଡିବାରୁ ତୁମର ଏହି ଶୋଚନୀୟ ମୃତ୍ୟୁ ହେଲା । ତୁମ ମୃତ୍ୟୁରେ ଆମେ ବିଧବାମାନଙ୍କୁ ଛାଡିଦେଲେ ସାରା ସଂସାର ଆନନ୍ଦିତ ହେଉଛି । ଶ୍ରୀକୃଷ୍ଣ କପଟରେ ମାଇଁ ମାନଙ୍କ ସହ ସ୍ୱର ମିଳାଇ କ୍ରନ୍ଦନ କରିବାକୁ ଲାଗିଲେ । କାନ୍ଦୁ କାନ୍ଦୁ ବାହୁନିବାକୁ ଲାଗିଲେ, ହାୟ ମୋର କି ଭାଗ୍ୟ ? ବନ୍ଦୀ ଘରେ ଜନ୍ମନେଇ ମାତା ପିତାଙ୍କ ଦୁଃଖର କାରଣ ହେଲି । ମାମୁଁ ଡରରେ ନନ୍ଦଘରେ ଲୁଚିଲି । କୁଳଗୋତ୍ରହୀନ ପରି ବଣରେ ବୁଲିଲି, ମାମୁଁ କଣ କିଛି ବୁଝିଲେ । ମୋର ଛଅ ଭାଇକୁ ମାରିଲେ । ମୋତେ ମାରିବାକୁ ଫନ୍ଦି କଲେ । ଦୈବ ଯୋଗକୁ ମୁଁ ସିନା ବର୍ତ୍ତି ଗଲି । ଆମ ଦୁଇ ଭାଇକୁ ମାରୁ ଗୋପପୁରର ସମ୍ପଦ ଜବତ କରିବାକୁ ନିର୍ଦ୍ଦେଶ ଦେଲେ । ତାଙ୍କୁ ବୁଝାଇ ସୁଝାଇ କ୍ରୋଧ ଶାନ୍ତ କରିବାକୁ ମଞ୍ଚାରେ ଉଠି ପାଦତଳେ ପଡିବା ବେଳକୁ ମୋ ଚୁଟିଧରି ମୋତେ ମାରିବାକୁ ଉଦ୍ୟତ ହେଲେ । ବିକଳରେ କହିଲି ମାମୁଁ ମୋତେ ମାରନା । ରାଗରେ ମୋତେ ମଞ୍ଚାରୁ ପେଲିଦେବାବେଳେ ତାଙ୍କ ଗୋଡ ଖସି ଯିବାରୁ ତଳେ ପଡିଯାଇ ପ୍ରାଣ ଚାଲିଗଲା । ମୋତେ ସିନା ଦୈବ ରଖିଲା । ପୁଣି ମାଇଁ ମାନଙ୍କୁ ବୁଝାଇ କହିଲେ, ରାଜାର ଭଣଜା ଭାବରେ ସୁଖ ଭୋଗ ମୋ ଭାଗ୍ୟରେ ନଥିଲା, ବୋଧ ହୁଏ ମୋର ପୂର୍ବ ସୁକୃତ ନଥିଲା । ଏ ତ ମାୟା ସଂସାର, କର୍ମାନୁସାରେ ପ୍ରାଣୀ ଆତଯାତ ହୁଅନ୍ତି । ପଥଶ୍ରମ ଦୂର କରିବାକୁ ପଥିକ କିଛି ସମୟ ବୃକ୍ଷ ଛାୟାରେ ବସିବା ଭଳି ଏହି ସଂସାରରେ ମନୁଷ୍ୟ ଜୀବନ । ଏହା ଭାବି ଯେଉଁମାନେ ନିର୍ଲିପ୍ତ ଜୀବନ ଯାପନ କରନ୍ତି ସେମାନଙ୍କ ଉପରେ କୌଣସି ପ୍ରମାଦ ଆସେନାହିଁ । ତୁମର ପୂର୍ବାର୍ଜିତ କର୍ମଫଳ ଅବଶ୍ୟ ଭୋଗ କରିବ କହି ମାଇଁ ମାନଙ୍କୁ ସାନ୍ତ୍ୱନା ଦେଇ କଂସର ଶବକୁ ବିଧିବିଧାନର ସହ ସଂସ୍କାର କରିବାକୁ ଆଦେଶ ଦେଲେ । ଏହାପରେ ପିତାମାତାଙ୍କୁ ସାନ୍ତ୍ୱନା ଦେଲେ । ଦେବକୀ ପୁତ୍ରକୁ କୋଳରେ ଧରି ଆଲିଙ୍ଗନ କରି କହିଲେ, ତୁ ସ୍ୱୟଂ ଅନାଦି ଅନନ୍ତ । ପୁତ୍ର ମୋହରେ ଆମେ ତୋତେ ଚିହ୍ନି ପାରୁନଥିଲୁ । ଆମକୁ କ୍ଷମା କର । ଶ୍ରୀକୃଷ୍ଣ କହିଲେ ଅଗ୍ରଜ, ଏମାନଙ୍କର ଜ୍ଞାନୋଦୟ ହୋଇଗଲା, ଏବେ ଆମକୁ ବହୁ ଦେବକାର୍ଯ୍ୟ କରିବାକୁ ଅଛି । ଏହାପରେ ପୁନର୍ବାର ମାୟା ବିସ୍ତାର କରି ପିତାମାତାଙ୍କ ଶରୀରରେ ପ୍ରବେଶ କରିବାରୁ ସେମାନେ ପୁତ୍ର ଦ୍ୱୟକୁ କୋଳରେ ବସାଇ ଆଲିଙ୍ଗନ କଲେ । ଶ୍ରୀଶୁକଦେବ କହିଲେ, ହେ ରାଜା ଶ୍ରୀକୃଷ୍ଣ ପିତାମାତାଙ୍କୁ ମାୟା ମୋହିତ କରି ତାଙ୍କ ଚରଣରେ ପ୍ରଣିପାତ କରି କହିଲେ, ହେ ତାତ, ମାତ ବିଧାତା ବଡ ବଳବାନ । କର୍ମଫଳ ହିଁ ବିଧି ନିର୍ଦ୍ଦେଶ । କର୍ମଫଳ ହେତୁ ଜନ୍ମ ଅବଧି ତୁମମାନଙ୍କ ସହ ଆମର ସଂଯୋଗ ହୋଇପାରିଲା ନାହିଁ । କଂସର ଦୌରାତ୍ମ୍ୟ ହେତୁ ଦୁଇ ଭାଇ ଗୋପରେ ଆଶ୍ରୟ ନେଲୁ । ମାତା କୋଳରେ ବସିବାର ସୌଭାଗ୍ୟରୁ ବଞ୍ଚିତ ହେଲୁ । ପିତାମାତାଙ୍କ ଋଣ ସୁଝିହେବ ନାହିଁ । ଗର୍ଭଧାରିଣୀର କଷ୍ଟ ଭାଷାରେ ପ୍ରକାଶ କରିହେବ ନାହିଁ । ପିତାମାତାଙ୍କୁ କଷ୍ଟ ଦେଉଥିବା ସନ୍ତାନକୁ ମୃତ୍ୟୁପରେ ଯମ ଦୂତମାନେ ଖାଇବାକୁ ନ ଦେଇ ତାଙ୍କ ଶରୀର ମାଂସ କାଟି ଖୁଆଇଥାନ୍ତି । କର୍ମ ଦୋଷରୁ ଆମେମାନେ ତୁମର ସେବା କରିପାରିଲୁ ନାହିଁ । ଆମ ଅପରାଧ କ୍ଷମା କର କହି ପିତାମାତାଙ୍କ ସମସ୍ତ ଦୁଃଖ ପାସୋରେଇ ଦେଲେ । ସେମାନେ ଦୁଇଭାଇଙ୍କୁ କୋଳରେ ବସାଇ ଚୁମ୍ବନ ଦେଲେ । ଏହାପରେ ଶ୍ରୀକୃଷ୍ଣ ଉଗ୍ରସେନକୁ ମଥୁରାର ରାଜା ଭାବରେ ଅଭିଷିକ୍ତ କଲେ । ମଥୁରାରେ ଆନନ୍ଦ ଖେଳିଗଲା । ଏହାପରେ କଂସ ଭୟରେ ପଳାଇଥିବା ସାତବଂଶ ଯାଦବ ଓ ଅନ୍ୟମାନଙ୍କୁ ଡଗର ପଠାଇ ଡକାଇ ଆଣି ବହୁ ଧନସମ୍ପଦ ପ୍ରଦାନ ପୂର୍ବକ ପୁନଃ ଥଇଥାନ କଲେ । ଏହିପରି ରାମ ଓ କୃଷ୍ଣ ସମସ୍ତ ବନ୍ଧୁବାନ୍ଧବଙ୍କ ସହ ଆନନ୍ଦରେ କାଳଯାପନ କଲେ । (କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ରାଙ୍ଗି

# ଅହଙ୍କାରରୁ ପତନ



ଶ୍ୱେତା ରାଉତ୍

ଏକଦା ଭଗବାନ ଶ୍ରୀବିଷ୍ଣୁଙ୍କୁ ନେଇ ଗରୁଡ ସମୁଦ୍ର ଉପରେ ଉଡ଼ି ଉଡ଼ି ଯାଉଥିଲା । ଉଡ଼ିବା ବେଳେ ତା ମନରେ ଅହଙ୍କାର ଆସିଲା 'ଯିଏ ସାରା ସଂସାରର ଭାର ସମ୍ଭାଳିଛି, ତାର ଭାର ମୁଁ ସମ୍ଭାଳୁଛି, ମୁଁ ତାକୁ ପିଠିରେ ବୋହି ବୋହି ନେଉଛି' । ଗରୁଡ ମନରେ ଥିବା ଅହଙ୍କାରକୁ ଜାଣି ପାରିଲେ ଶ୍ରୀହରି ।ଗରୁଡ ମୁଣ୍ଡ ଉପରେ ହାତ ପକାଇ ଦେଲେ,ଗରୁଡ ସିଧା ଯାଇ ପଡ଼ିଲା ସମୁଦ୍ରରେ । ଭଗବାନ କହିଲେ 'ଗରୁଡ ତୁ ମୋର ଭାର ଉଠାଉ ନାହୁଁ କି ସଂସାରରେ କେହି ମୋ ଭାର ଉଠାଇ ପାରିବେ ନାହିଁ, ମୋ ଭାର ତ ମୁଁ ନିଜେ ଉଠାଉଛି, ତୋ ମନରେ ଏତେ ଅହଙ୍କାର କାହିଁକି' ? ଗରୁଡ ଲଜ୍ଜିତ ଓ ଅନୁତପ୍ତ ହୋଇ ଭଗବାନ ବିଷ୍ଣୁଙ୍କୁ କ୍ଷମା ମାଗିଲା । ଶ୍ରୀବିଷ୍ଣୁ ଅଳ୍ପ ହସି ପୁଣି ଗରୁଡ ପିଠିରେ ସବାର ହୋଇ ଭ୍ରମଣ ପାଇଁ ଚାଲିଲେ ।

ଯେଉଁ ରାବଣ କଠିନ ତପସ୍ୟା କରି ଅହଙ୍କାର ସ୍ୱରୂପ ମନୁଷ୍ୟକୁ ନିଛ, ଦୁର୍ବଳ ଭାବି ଇତର ଜୀବ ମନୁଷ୍ୟ ତାକୁ ମାରିପାରିବନାହିଁ ବୋଲି ତାଚ୍ଛଲ୍ୟ କରୁଥିଲା, ସେହି ସାଧାରଣ ମନୁଷ୍ୟ ରୂପେ ଭଗବାନ ତାର ଅହଙ୍କାର ଭାଙ୍ଗିବା ପାଇଁ ବଧ କରିଥିଲେ । ରାଜା ବଳି ଯେତେବେଳେ ନିଜକୁ ମହାଦାନି ଭାବି ଅହଙ୍କାର କରୁଥିଲା, ଈଶ୍ୱର ତାକୁ ବାମନ ରୂପ ନେଇ ପାତାଳରେ ଚାପିଦେଲେ । ଈଶ୍ୱର କେବେ ଅହଙ୍କାରକୁ ପ୍ରସୟ ଦିଅନ୍ତି ନାହିଁ କି କାହାକୁ ପୂର୍ଣ୍ଣତା ଦିଅନ୍ତି ନାହିଁ । ସମସ୍ତଙ୍କ ଜୀବନରେ କିଛି ଅପୂର୍ଣ୍ଣ ଆକାଂକ୍ଷା ଥାଏ, ଯାହାକୁ ପୂର୍ଣ୍ଣ କରିବାକୁ ମଣିଷ ଈଶ୍ୱର ତଥା ପୂର୍ଣ୍ଣବ୍ରହ୍ମଙ୍କୁ ପ୍ରାର୍ଥନା କରେ । ଏଇ ଯେମିତି ଦେଶର ବିଶିଷ୍ଟ ଧନୀକ ବ୍ୟକ୍ତି ଅମ୍ବାନୀ, ଯିଏ ଚାହିଁଲେ ସାରା ଦେଶ ତଥା ବିଦେଶର ସମସ୍ତ ଡାକ୍ତରଙ୍କୁ ଲଗାଇ ତାଙ୍କ ପୁଅକୁ ସାଧାରଣ କରାଇ ପାରିଥାନ୍ତେ, କିନ୍ତୁ ସବୁ ପ୍ରଚେଷ୍ଟା ବ୍ୟର୍ଥ ହୋଇଗଲା । ପୁଅର ରୋଗ ଓ ଚେହେରା ପାଇଁ ସାରା ଦୁନିଆର ସମାଲୋଚନାର ଶିକାର ହେଉଛନ୍ତି ।

ତେଣୁ ଅର୍ଥ, କ୍ଷମତା ଥାଇ ମଧ୍ୟ ମଣିଷ ନିଜ ଭାଗ୍ୟକୁ କିଣି ପାରେନାହିଁ ।ତାହା କେବଳ ପୂର୍ବ କର୍ମ ଓ ପ୍ରାରବ୍ଧରୁ ପ୍ରାପ୍ତ ହୋଇଥାଏ । ଈଶ୍ୱରଙ୍କୁ ଆମେ କଣ ଦେବା ! ଏ ସଂସାରରେ ସବୁ ତ ତାଙ୍କର । ଆମେ କେବଳ ଆମର ଅହଙ୍କାରକୁ ଆହୁତି ଦେଲେ ଈଶ୍ୱର ପ୍ରସନ୍ନ ହେବେ ଓ ଆମର ବିଚାର ଶୁଦ୍ଧ ହେବ । ଯାହା ଈଶ୍ୱରଙ୍କୁ ଦରକାର ତାହା ଆମେ ଦିଅନ୍ତି ନାହିଁ, ଯାହା ଦେଉଛେ (ଫୁଲ, ଧୂପ, ଭୋଗ) ସେସବୁ ବି ସେଇ ଈଶ୍ୱରଙ୍କର । ତାଙ୍କ ଜିନିଷ ତାଙ୍କୁ ଦେଇ ଆମର ବାହାଦୂରୀ କଣ ? ଆମ ଭିତରେ ଥିବା ଅବଗୁଣ ହିଁ ତାଙ୍କୁ ଲୋଡା । ସେତିକି ସମର୍ପ ପାରିଲେ ପ୍ରଭୁ ପ୍ରସନ୍ନ ହେବେ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ସକାଳ ସମୟରେ ଏଭଳି ଖାଦ୍ୟ ଆମ ଶରୀରକୁ ରଖିଥାଏ ସୁସ୍ଥ



ସକାଳ ସମୟରେ ଆମେ କ'ଣ ଏବଂ କିପରି ଖାଉ ତାହା ସାରା ଦିନ ଆମର ସ୍ୱାସ୍ଥ୍ୟ, ଶକ୍ତି ଏବଂ ପାଚନକୁ ପ୍ରଭାବିତ କରିଥାଏ ।

ବିଶେଷକରି ସକାଳ ସମୟରେ ଆମ ପେଟ ଖାଲିଥାଏ । ଏହି ସମୟରେ କ'ଣ ଖାଇବା ଉଚିତ କ'ଣ ନଖାଇବା ଉଚିତ ତାହାକୁ ?ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ରହିଥାଏ । ତେବେ ଆସନ୍ତୁ ଜାଣିବା ସକାଳ ସମୟରେ କେଉଁ ଖାଦ୍ୟ ଖାଇବା ଉଚିତ ।

ଖାଲି ପେଟରେ କଫି, ଚା, କିମ୍ବା ସାଇଟ୍ରସ୍ ଫଳ ଖାଇବା ଦ୍ୱାରା ଏହା ଆମ ଶରୀରରେ ସମସ୍ୟା ସୃଷ୍ଟି କରିପାରେ ।

ସକାଳେ ପ୍ରଥମେ ଏକ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ପେଟ ବିଷମୁକ୍ତ ହୁଏ । ଏଥିରେ ଅଳ୍ପ ଲେମ୍ବୁ ମିଶାଇ ପିଇଲେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିବା ସହିତ ମେଟାବୋଲିଜିମ୍ ବୃଦ୍ଧି କରିବାରେ ସାହାଯ୍ୟ କରେ । ଏହା ପାଚନ ତନ୍ତ୍ରକୁ ହାଲୁକା ଏବଂ ସକ୍ରିୟ ରଖେ । ଯାହା ଆପଣଙ୍କୁ ଦିନସାରା କାମ କରିବା ପାଇଁ ଶକ୍ତି ଯୋଗାଇଥାରଏ ।

ସକାଳେ ଖାଲି ପେଟରେ ତେଲ କିମ୍ବା ଭାରି ଖାଦ୍ୟ ଖାଇବା ଦ୍ୱାରା ଗ୍ୟାସ୍ ବଢ଼ିପାରେ । ଏହି କ୍ଷେତ୍ରରେ ଓଟ୍ସ ଭଳି ହାଲୁକା ଖାଦ୍ୟ ଖାଇବା ହେଉଛି ସର୍ବୋତ୍ତମ ବିକଳ୍ପ । ଏଭଳି ଖାଦ୍ୟରେ ଫାଇବର ପ୍ରଚୁର ପରିମାଣରେ ରହିଥାଏ । ଯାହାକି ପାଚନ କ୍ରିୟାରେ ସାହାଯ୍ୟ କରିଥାଏ ।

ଯଦି ଆପଣ ସକାଳ ସମୟରେ କିଛି ହାଲୁକା ଏବଂ ଶୀଘ୍ର ଖାଇବାକୁ ଚାହୁଁଛନ୍ତି ତେବେ କଦଳୀ, ସେଓ କିମ୍ବା ଅମୃତଭଣ୍ଡା ଖାଇ ପାରିବେ । ଏହି ଫଳଗୁଡ଼ିକ ସହଜରେ ହଜମ ହୁଏ ଏବଂ ପେଟକୁ ଥଣ୍ଡା ରଖିଥାଏ । ଖାଲିପେଟରେ ପଇଡ଼ ପାଣି ବି ପିଇ ପାରିବେ ।

ସକାଳେ ଖାଲି ପେଟରେ ରାତିସାରା ଭିଜା ହୋଇଥିବା କିସମିସ୍, ବାଦାମ କିମ୍ବା ଅଖରୋଟ ଖାଇବା ଅତ୍ୟନ୍ତ ଲାଭଦାୟକ । ଏହା କେବଳ ହଜମକୁ ସମର୍ଥନ କରେ ନାହିଁ ବରଂ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହିତ ପେଟ ସମସ୍ୟାକୁ ଦୂର କରିଥାଏ ।

# ଲିପ୍ଷ୍ଟିକ୍‌ରେ ଲୁଚିଛି ଫୁସ୍‌ଫୁସ୍ କର୍କଟ ବିପଦ



ବିଶ୍ୱବ୍ୟାପୀ ସବୁଠାରୁ ଅଧିକ ବ୍ୟବହୃତ ପ୍ରସାଧନ ସାମଗ୍ରୀ ମଧ୍ୟରୁ ଲିପ୍ଷ୍ଟିକ୍ ହେଉଛି ଅନ୍ୟତମ । ଏହା ମୁଖମଣ୍ଡଳକୁ ଆକର୍ଷଣୀୟ କରିବା ସହ ବ୍ୟକ୍ତିତ୍ୱକୁ ପରିମାର୍ଜିତ କରିଥାଏ । ତେବେ ଏହାର ଆକର୍ଷଣ ତଳେ ଲୁଚି ରହିଥିବା ବିପଦ କଥା ହୁଏତ ଅନେକେ ଜାଣିନାହାନ୍ତି । ମହିଳାଙ୍କ ପାଇଁ ଅପରିହାର୍ଯ୍ୟ ପାଲଟିଥିବା ଏହି ସାମଗ୍ରୀରେ ରହିଛି ସୀସା ଓ କ୍ୟାଡ୍‌ମିୟମ୍ ଭଳି ବିଷାକ୍ତ ପଦାର୍ଥ । ଏଗୁଡ଼ିକ ଗମ୍ଭୀର ସ୍ୱାସ୍ଥ୍ୟସଂକଟ ସୃଷ୍ଟିକରେ ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି । ଏହି ଲୋଭନୀୟ ସାମଗ୍ରୀର ଦୀର୍ଘକାଳୀନ ବ୍ୟବହାର ଫୁସ୍‌ଫୁସ୍‌କୁ ପ୍ରଭାବିତ କରି କର୍କଟ ଭଳି ବିପଦର ଆଶଙ୍କା ସୃଷ୍ଟି କରେ ବୋଲି ଜଣାପଡ଼ିଛି । ଏ ସଂପର୍କିତ ଅଧ୍ୟୟନ ଅନୁଯାୟୀ, ବଜାରରେ ଉପଲବ୍ଧ ଅନେକ ଜଣାଶୁଣା କମ୍ପାନିର ଲିପ୍ଷ୍ଟିକ୍‌ରେ ସୀସା, କ୍ୟାଡ୍‌ମିୟମ୍, କ୍ରୋମିୟମ୍, ବେରିଲିୟମ୍ ଓ ଥାଲିୟମ୍ ଭଳି କର୍କଟ ସୃଷ୍ଟିକାରୀ ଧାତୁ ଥାଏ । ଏପରିକି ପରୀକ୍ଷିତ ୯୬% ଲିପ୍ଷ୍ଟିକ୍‌ରେ ସୀସା, ୫୧%ରେ କ୍ୟାଡ୍‌ମିୟମ୍, ୯୦%ରେ ବେରିଲିୟମ୍ ଓ ୬୧%ରେ ଥାଲିୟମ୍ ରହିଛି । ଏହି ଧାତୁଗୁଡ଼ିକ ଚର୍ମ, ଖାଦ୍ୟଗ୍ରହଣ ବା ଶ୍ୱାସକ୍ରିୟା ମାଧ୍ୟମରେ ଶରୀରକୁ ଯାଇଥାଏ । ସୀସା ଏକ କର୍କଟ ସୃଷ୍ଟିକାରୀ ଧାତୁ ଓ ନ୍ୟୁରୋଟକ୍ସିନ୍ ହୋଇଥିବା ବେଳେ କ୍ୟାଡ୍‌ମିୟମ୍ ଏକ ଗ୍ରୁପ୍ ୧ ମାନବ କର୍କଟ ରୋଗ ସୃଷ୍ଟିକାରୀ ଧାତୁ । ଦୀର୍ଘସମୟ ବ୍ୟବହାର କଲେ ଫୁସ୍‌ଫୁସ୍, ସ୍ତନ ଓ ଏଣ୍ଡୋମେଟ୍ରିଆଲ୍ କର୍କଟ ଆଶଙ୍କା ସୃଷ୍ଟି ହୋଇଥାଏ । ଏହି କ୍ରମରେ କ୍ୟାଡ୍‌ମିୟମ୍ ଅତ୍ୟନ୍ତ କ୍ଷତିକାରକ ବୋଲି ବିଶେଷଜ୍ଞ ଡାକ୍ତର ଚେତାବନୀ ଦେଇଛନ୍ତି ।

ଏହା ଫୁସ୍‌ଫୁସ୍ କର୍କଟ, ବୃକ୍କ କ୍ଷତି ଓ ଶ୍ୱାସକ୍ରିୟା ସମସ୍ୟା ସୃଷ୍ଟି କରେ । ଭାରତୀୟ ଔଷଧ ଓ ପ୍ରସାଧନ ସାମଗ୍ରୀ ଆଇନ ଏଗୁଡ଼ିକର ବ୍ୟବହାର ସୀମା ଧାର୍ଯ୍ୟ କରିଛି । ସେଥି ମଧ୍ୟରେ ୨୦ ପିପିଏମ୍ ପର୍ଯ୍ୟନ୍ତ ସୀସା ଏବଂ ୧୦୦ ପିପିଏମ୍ ପର୍ଯ୍ୟନ୍ତ ମୋଟ୍ ଭାରୀ ଧାତୁ(ସୀସା ବ୍ୟତୀତ) ବ୍ୟବହାର ହୋଇପାରିବ । ତଥାପି ଲିପ୍ଷ୍ଟିକ୍ ଉତ୍ପାଦନରେ କ୍ୟାଡ୍‌ମିୟମ୍ ଭଳି କିଛି ଧାତୁ ପାଇଁ ସ୍ୱଷ୍ଟ ଭାବେ ନିର୍ଦ୍ଦିଷ୍ଟ ସୀମା ଧାର୍ଯ୍ୟ କରାଯାଇନାହିଁ । ତେବେ ଏ ବାବଦରେ ତନଖି ବ୍ୟବସ୍ଥା ଅତି ଦୁର୍ବଳ ଏବଂ ନିର୍ମାତାମାନେ ପ୍ରକୃତସ୍ତର ପ୍ରକାଶ କରିବାକୁ ବାଧ ନୁହନ୍ତି । ତେଣୁ ବିଷାକ୍ତ ରାସାୟନିକ ଲିପ୍ଷ୍ଟିକ୍ ବଦଳରେ ପ୍ରାକୃତିକ ଉପାଦାନରେ ତିଆରି ଲିପ୍ଷ୍ଟିକ୍ ଶ୍ରେୟସ୍କର ବୋଲି ଡାକ୍ତରମାନେ କହିଛନ୍ତି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୯ ଅକ୍ଟୋବର ୨୦୨୫, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନୋବେଲ ପୁରସ୍କାର ୨୦୨୫: ଜ୍ଞାନର ନୂତନ ଦିଗବଳୟ

ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ନୋବେଲ ପୁରସ୍କାର ଘୋଷଣା କରାଯାଇଛି ଏବଂ ଏହା ସହିତ ମାନବ ଜ୍ଞାନର ସୀମାକୁ ଆହୁରି ବିସ୍ତାରିତ କରିଥିବା କିଛି ମହାନ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଛି । ଆଲଫ୍ରେଡ୍ ନୋବେଲଙ୍କ ଇଚ୍ଛା ଅନୁଯାୟୀ ପ୍ରତିଷ୍ଠିତ ଏହି ପୁରସ୍କାର ବିଜ୍ଞାନ, ସାହିତ୍ୟ ଏବଂ ଶାନ୍ତି କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ପ୍ରଦାନ କରାଯାଇଥାଏ । ୨୦୨୫ ମସିହାରେ ମଧ୍ୟ ଏହାର ବ୍ୟତିକ୍ରମ ହୋଇନାହିଁ । ଚିକିତ୍ସା ବିଜ୍ଞାନ, ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନ କ୍ଷେତ୍ରରେ ଚଳିତ ବର୍ଷର ବିଜେତାମାନଙ୍କର ଗବେଷଣା କେବଳ ସେମାନଙ୍କ ନିଜ କ୍ଷେତ୍ରରେ ସୀମିତ ନୁହେଁ, ବରଂ ଏହା ସମଗ୍ର ମାନବ ସମାଜ ପାଇଁ ନୂତନ ସମ୍ଭାବନାର ଦ୍ୱାର ଉନ୍ମୁକ୍ତ କରିଛି ।

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ, ମେରି ଇ. ବ୍ରୁନକୋ, ଫ୍ରେଡ୍ ରାମସଡେଲ୍ ଏବଂ ଶିମୋନ୍ ସାକାଗୁଚିଙ୍କୁ ସେମାନଙ୍କର ଯୁଗାନ୍ତକାରୀ ଗବେଷଣା ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି । ଏହି ତିନିଜଣ ବୈଜ୍ଞାନିକ ଆମ ଶରୀରର ପ୍ରତିରକ୍ଷା ପ୍ରଣାଳୀର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ, 'ପେରିଫେରାଲ୍ ଇମ୍ୟୁନ୍ ଟଲେରାନ୍ସ' ଉପରେ ଗବେଷଣା କରିଛନ୍ତି । ସାଧାରଣ ଭାବରେ କହିବାକୁ ଗଲେ, ଆମ ଶରୀରର ପ୍ରତିରକ୍ଷା ପ୍ରଣାଳୀ ବାହ୍ୟ ଶତ୍ରୁ, ଯେପରିକି ବ୍ୟାକ୍ଟେରିଆ ଏବଂ ଭାଇରସ, ଏବଂ ନିଜ ଶରୀରର କୋଷିକା ମଧ୍ୟରେ ପାର୍ଥକ୍ୟ ବୁଝିପାରେ । ଏହି କାରଣରୁ ତାହା କେବଳ ବାହ୍ୟ ଶତ୍ରୁମାନଙ୍କୁ ଆକ୍ରମଣ କରେ ଏବଂ ନିଜ ଶରୀରକୁ ସୁରକ୍ଷିତ ରଖେ । କିନ୍ତୁ କେତେକ କ୍ଷେତ୍ରରେ, ଏହି ପ୍ରଣାଳୀରେ ତ୍ରୁଟି ଦେଖାଯାଏ ଏବଂ ତାହା ନିଜ ଶରୀରର କୋଷିକାଗୁଡ଼ିକୁ ଆକ୍ରମଣ କରିବା ଆରମ୍ଭ କରେ, ଯାହାକୁ ଅଟୋଇମ୍ୟୁନ୍ ରୋଗ କୁହାଯାଏ । ଏହି ତିନି ବୈଜ୍ଞାନିକ 'ରେଗୁଲେଟୋରୀ ଟି ସେଲ୍ସ' ନାମକ ଏକ ବିଶେଷ ପ୍ରକାରର କୋଷିକା ଆବିଷ୍କାର କରିଛନ୍ତି, ଯାହାକୁ ପ୍ରତିରକ୍ଷା ପ୍ରଣାଳୀର 'ସୁରକ୍ଷାକର୍ମୀ' ବୋଲି କୁହାଯାଇପାରେ। ଏହି କୋଷିକାଗୁଡ଼ିକ ପ୍ରତିରକ୍ଷା ପ୍ରଣାଳୀକୁ ନିୟନ୍ତ୍ରଣରେ ରଖନ୍ତି ଏବଂ ଶରୀରକୁ ନିଜ ବିରୁଦ୍ଧରେ କାର୍ଯ୍ୟ କରିବାରୁ ରୋକନ୍ତି । ସେମାନଙ୍କର ଗବେଷଣାରୁ ଏହା ମଧ୍ୟ ଜଣାପଡିଛି ଯେ ଏହି ରେଗୁଲେଟୋରୀ ଟି ସେଲ୍ସର କାର୍ଯ୍ୟରେ ଅସୁବିଧା ହେଲେ ଅଟୋଇମ୍ୟୁନ୍ ରୋଗ ସୃଷ୍ଟି ହୋଇଥାଏ । ଏହି ଆବିଷ୍କାର କେବଳ ଅଟୋଇମ୍ୟୁନ୍ ରୋଗର ଚିକିତ୍ସା ପାଇଁ ନୂତନ ପଥ ଉନ୍ମୁକ୍ତ କରିନାହିଁ, ବରଂ ଷ୍ଟେମ୍ ସେଲ୍ ପ୍ରତିରୋପଣକୁ ଅଧିକ ସୁରକ୍ଷିତ କରିବା ଏବଂ କର୍କଟ ରୋଗର ଚିକିତ୍ସା ପାଇଁ ମଧ୍ୟ ନୂତନ ଦିଗଦର୍ଶନ ଦେଇଛି ।

ପଦାର୍ଥ ବିଜ୍ଞାନ କ୍ଷେତ୍ରରେ, ଜନ୍ କ୍ଲାର୍କ, ମିଶେଲ୍ ଏଚ୍. ଡିଭୋରେଟ୍ ଏବଂ ଜନ୍ ଏମ୍. ମାର୍ଟିନିସ୍ ଙ୍କୁ ସେମାନଙ୍କର ଅଗ୍ରଗାମୀ କାର୍ଯ୍ୟ ପାଇଁ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଛି । ସେମାନଙ୍କର ଗବେଷଣାର ବିଷୟବସ୍ତୁ ହେଉଛି 'ମାକ୍ରୋସ୍କୋପିକ୍ କ୍ୱାଣ୍ଟମ୍ ଫେନୋମେନା ଇନ୍ ସୁପରକଣ୍ଡକ୍ଟିଙ୍ଗ୍ ସର୍କିଟ୍ସ' । ଏହା ଶୁଣିବାକୁ ଜଟିଳ ମନେହେଉଥିଲେ ମଧ୍ୟ, ଏହାର ମୂଳ ତତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କ୍ୱାଣ୍ଟମ୍ ମେକାନିକ୍ସ ହେଉଛି ପଦାର୍ଥ ବିଜ୍ଞାନର ସେହି ଶାଖା ଯାହା ଅତି ସୂକ୍ଷ୍ମ ସ୍ତରରେ, ଯେପରିକି ପରମାଣୁ ଏବଂ ଇଲେକ୍ଟ୍ରନ, କଣିକାମାନଙ୍କର ଆଚରଣକୁ ବୁଝାଇଥାଏ । ସାଧାରଣତଃ, କ୍ୱାଣ୍ଟମ୍ ମେକାନିକ୍ସର ପ୍ରଭାବ ଆମ ଦୈନନ୍ଦିନ ଜୀବନରେ ଦେଖାଯାଉଥିବା ବଡ଼ ବସ୍ତୁମାନଙ୍କ କ୍ଷେତ୍ରରେ ପରିଲକ୍ଷିତ ହୁଏ ନାହିଁ । କିନ୍ତୁ ଏହି ତିନି ବୈଜ୍ଞାନିକ ଏପରି ସୁପରକଣ୍ଡକ୍ଟିଙ୍ଗ୍ ସର୍କିଟ୍ ତିଆରି କରିଛନ୍ତି ଯାହା ଆକାରରେ ବଡ଼ ହୋଇଥିଲେ ମଧ୍ୟ କ୍ୱାଣ୍ଟମ୍ ମେକାନିକ୍ସର ନିୟମ ଅନୁସରଣ କରେ । ସେମାନେ ଏହି ସର୍କିଟ୍ ଗୁଡ଼ିକରେ 'କ୍ୱାଣ୍ଟମ୍ ମେକାନିକାଲ୍ ଟନେଲିଂ' ଏବଂ 'ଏନର୍ଜି କ୍ୱାଣ୍ଟାଇଜେସନ୍' ଭଳି ଘଟଣାକୁ ପ୍ରଦର୍ଶିତ କରିଛନ୍ତି, ଯାହା ପୂର୍ବରୁ କେବଳ ସୂକ୍ଷ୍ମ ସ୍ତରରେ ସମ୍ଭବ ବୋଲି ବିଶ୍ୱାସ କରାଯାଉଥିଲା । ଏହି ଗବେଷଣା ସୂକ୍ଷ୍ମ ଏବଂ ସ୍ଥୁଳ ପଦାର୍ଥ ବିଜ୍ଞାନ ମଧ୍ୟରେ ଏକ ସେତୁ ସ୍ଥାପନ କରିଛି । ଏହାର ସବୁଠାରୁ ବଡ଼ ସମ୍ଭାବ୍ୟ ପ୍ରୟୋଗ ହେଉଛି କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ୍ କ୍ଷେତ୍ରରେ । କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ଆଜିର ସୁପରକମ୍ପ୍ୟୁଟର ତୁଳନାରେ ଅନେକ ଗୁଣ ଅଧିକ ଶକ୍ତିଶାଳୀ ହେବାର ସମ୍ଭାବନା ରଖିଛନ୍ତି ଏବଂ ଏହି ବୈଜ୍ଞାନିକମାନଙ୍କର ଗବେଷଣା ସେହି ଦିଗରେ ଏକ ମାଇଲଖୁଣ୍ଟ ଅଟେ ।

ରସାୟନ ବିଜ୍ଞାନରେ, ସୁସୁମୁ କିଟାଗାୱା, ରିଚାର୍ଡ ରବସନ୍ ଏବଂ ଓମାର୍ ଏମ୍. ୟାଘିଙ୍କୁ ସେମାନଙ୍କର 'ମେଟାଲ୍-ଅର୍ଗାନିକ୍ ଫ୍ରେମୱାର୍କସ୍' (MOFs) ର ବିକାଶ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି । ଏହି ଗଡ଼ଣଗୁଡ଼ିକ ହେଉଛି ଏକ ବିଶେଷ ପ୍ରକାରର ପଦାର୍ଥ ଯାହା ଧାତବ ଆୟନ ଏବଂ ଜୈବିକ ଅଣୁକୁ ନେଇ ଗଠିତ । ଏଗୁଡ଼ିକର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଯେ ସେମାନଙ୍କର ଏକ ଅତ୍ୟନ୍ତ ସଚ୍ଛିଦ୍ର ସଂରଚନା ରହିଛି, ଯେଉଁଥିରେ ଅସଂଖ୍ୟ ସୂକ୍ଷ୍ମ ରନ୍ଧ୍ର ରହିଥାଏ । ଏହି ରନ୍ଧ୍ରଗୁଡ଼ିକ କାରଣରୁ, ଗଡ଼ଣଗୁଡ଼ିକର ପୃଷ୍ଠ କ୍ଷେତ୍ରଫଳ ଅତ୍ୟଧିକ ହୋଇଥାଏ - ଏକ ଚାମଚ ଗଡ଼ଣ ର କ୍ଷେତ୍ରଫଳ ଏକ ଫୁଟବଲ୍ ପଡ଼ିଆ ସହିତ ସମାନ ହୋଇପାରେ । ଏହି ଅଦ୍ଭୁତ ଗୁଣ ଯୋଗୁଁ, ଗଡ଼ଣଗୁଡ଼ିକର ବହୁବିଧ ପ୍ରୟୋଗ ରହିଛି । ସେମାନଙ୍କୁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ୟାସ ଶୋଷିବା, ବିଷାକ୍ତ ଗ୍ୟାସକୁ ସଂରକ୍ଷିତ କରି ରଖିବା, ଏବଂ ରାସାୟନିକ ପ୍ରତିକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟବହାର କରାଯାଇପାରେ । ଏପରିକି ମରୁଭୂମିର ଶୁଷ୍କ ବାୟୁରୁ ଜଳ ସଂଗ୍ରହ କରିବା ପାଇଁ ମଧ୍ୟ ଏଗୁଡ଼ିକର ବ୍ୟବହାର ସମ୍ଭବ । ରିଚାର୍ଡ ରବସନ୍ ପ୍ରଥମେ ଏହିପରି ଏକ ସଂରଚନା ତିଆରି କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ତାହା ଅସ୍ଥାୟୀ ଥିଲା । ପରେ, ସୁସୁମୁ କିଟାଗାୱା ଏବଂ ଓମାର୍ ୟାଘି ଏହି ପଦ୍ଧତିକୁ ବିକଶିତ କରି ଅଧିକ ସ୍ଥାୟୀ ଏବଂ କାର୍ଯ୍ୟକ୍ଷମ ଗଡ଼ଣ ତିଆରି କରିବାରେ ସଫଳ ହୋଇଥିଲେ । ସେମାନଙ୍କର ଏହି ଗବେଷଣା ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଏକ ନୂତନ ଦିଗ ଉନ୍ମୋଚନ କରିଛି ଏବଂ ଶକ୍ତି ସଂରକ୍ଷଣ, ପରିବେଶ ସୁରକ୍ଷା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଏହାର ବ୍ୟାପକ ପ୍ରୟୋଗର ସମ୍ଭାବନା ସୃଷ୍ଟି କରିଛି ।

ସାମଗ୍ରିକ ଭାବରେ ଦେଖିବାକୁ ଗଲେ, ୨୦୨୫ର ନୋବେଲ ପୁରସ୍କାର ବିଜେତାମାନଙ୍କର ଗବେଷଣା ମାନବ ଜ୍ଞାନର ପରିଧିକୁ ବିସ୍ତାରିତ କରିଛି । ଚିକିତ୍ସା ବିଜ୍ଞାନରେ ପ୍ରତିରକ୍ଷା ପ୍ରଣାଳୀର ରହସ୍ୟ ଉନ୍ମୋଚନ, ପଦାର୍ଥ ବିଜ୍ଞାନରେ କ୍ୱାଣ୍ଟମ୍ ଜଗତର ନୂତନ ଦିଗ ଏବଂ ରସାୟନ ବିଜ୍ଞାନରେ ନୂତନ ପଦାର୍ଥର ବିକାଶ - ଏହି ସମସ୍ତ କାର୍ଯ୍ୟ ଭବିଷ୍ୟତରେ ମାନବ ସମାଜ ପାଇଁ ଅନେକ ସୁଫଳ ଆଣିବାର ସମ୍ଭାବନା ରଖିଛି । ଏହି ମହାନ ବୈଜ୍ଞାନିକମାନଙ୍କର ଅଧ୍ୟବସାୟ, ଜିଜ୍ଞାସା ଏବଂ ସୃଜନଶୀଳତା ଆଗାମୀ ପିଢ଼ିର ଗବେଷକମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ନୋବେଲ ପୁରସ୍କାର କେବଳ ଏକ ସମ୍ମାନ ନୁହେଁ, ବରଂ ଏହା ଜ୍ଞାନର ଅନ୍ୱେଷଣରେ ମାନବର ନିରନ୍ତର ଯାତ୍ରାର ଏକ ପ୍ରତୀକ ।

# ଗୋପବନ୍ଧୁ ଦୀନବନ୍ଧୁ

**ଇନ୍ଦୁ ଭୂଷଣ ଭୂୟାଁ**



ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଉତ୍କଳମାତାର ଯୋଗ୍ୟତମ ସନ୍ତାନ। ସମାଜ ସେବା କ୍ଷେତ୍ରରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ। ତୁଳସୀ ଦୁଇ ପତ୍ରରୁ ବାସିବା ପରି ଗୋପବନ୍ଧୁଙ୍କ ସେବା ମନୋବୃତ୍ତିର ପରିପ୍ରକାଶ ପିଲାଟି ଦିନରୁ ଘଟିଥିଲା। ଗୋପବନ୍ଧୁ ଥିଲେ ରୂପାଦେଇପୁର ଭର୍ଣ୍ଣାକୁଲାର ସ୍କୁଲର ଛାତ୍ର। ଏକଦା ସ୍କୁଲ ପଣ୍ଡିତଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ପାଇଁ ଲେମ୍ବୁଟିଏ ଯୋଗାଡ଼ କରିବାକୁ ଗୋପବନ୍ଧୁ ଭାର୍ଗବୀ ନଦୀର ଖଇଫୁଟା ବାଲି ଉପରେ ଚାଲିଥିଲେ। ପଣ୍ଡିତଙ୍କୁ ଲେମ୍ବୁ ପାଣି ପିଆଇବା ପରେ ପଣ୍ଡିତ ସେଦିନ କହିଥିଲେ 'ଗୋପ ଦିନେ ଭାରି ବଡ଼ ଲୋକ ହେବ। ଦୀନ, ଦୁଃଖୀ, ଦରିଦ୍ରଙ୍କ ସେବାରେ ଜୀବନ ଉତ୍ସର୍ଗ କରିବ।' ପଣ୍ଡିତଙ୍କ କଥା ସତ ହେଲା। ଦୀନ, ଦୁଃଖୀଙ୍କ ସେବାରେ ଗୋପବନ୍ଧୁ ସଳିତା ଭଳି ଆଜୀବନ ଜଳିଥିଲେ ଏବଂ ପାଲଟିଯାଇଥିଲେ ସମଗ୍ର ଉତ୍କଳର ତ୍ରାଣକର୍ତ୍ତା। ଗୋପବନ୍ଧୁ କେବଳ ଜନସେବକ ନଥିଲେ; ଏକାଧାରରେ ସେ ଦେଶପ୍ରେମୀ, ସଂଗଠକ, ସଂସ୍କାରକ, ସାହିତ୍ୟିକ ଓ ବାଗ୍ମୀ ଥିଲେ। ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ। ଏହାଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା। ୧୯୨୧ରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ସେ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ପାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ।

ଗୋପବନ୍ଧୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣି। ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ। ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାରସ୍ୱତ ସୃଷ୍ଟି ମଧ୍ୟରୁ ବନ୍ଦୀର ଆତ୍ମକଥା, ଧର୍ମପଦ, କାରା କବିତା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଅବକାଶ ଚିନ୍ତା ଅନ୍ୟତମ। ୧୮୭୭, ଅକ୍ଟୋବର ୯ ତାରିଖ ଦିନରେ ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇଥିଲେ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ।

ଓଡ଼ିଶାର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଥିଲା ଉତ୍କଳ ପ୍ରାଣ ଗୋପବନ୍ଧୁଙ୍କ କର୍ମ ଓ ତ୍ୟାଗର କ୍ଷେତ୍ର। ଓଡ଼ିଆ ଭାଷା ଆଜି ଏଠାରେ ଦ୍ୱିତୀୟ ରାଜ୍ୟ ଭାଷାର ମର୍ଯ୍ୟାଦା ପାଇଛି। ଉତ୍କଳମଣିଙ୍କ ପ୍ରଧାନ ଓ ପ୍ରଥମ କର୍ମଭୂମି ଥିଲା ସିଂହଭୂମ। କଟକ, ପୁରୀ, ବାଲେଶ୍ୱର ଅଞ୍ଚଳରେ ୧୯୨୦ ପର୍ଯ୍ୟନ୍ତ ସେଥିଲେ ଜଣେ ସମାଜସେବୀ। ଗାଁ ଗାଁ ବୁଲି ବଢ଼ି, ମରୁଡ଼ି ସମୟରେ ସ୍ୱେଚ୍ଛାସେବୀ ମାନଙ୍କୁ ଧରି ଚୁଡ଼ା, ଚାଉଳ ବାଣ୍ଟୁଥିଲେ। ସିଂହଭୂମର ଚକ୍ରଧରପୁର ଠାରେ ତାଙ୍କ ରାଜନୈତିକ ଜୀବନର ଆରମ୍ଭ ହୋଇଥିଲା କହିଲେ ଭୁଲ ହେବନାହିଁ। ଏଠାରେ ହୋଇଥିବା ଉତ୍କଳ ସମ୍ମିଳନୀ ଅଧିବେଶନରେ ସେ ସମୟର ରାଜନେତା ମାନଙ୍କୁ ବିରୋଧ ଏଇ ସିଂହଭୂମ ମାଟିରୁ କରିଥିଲେ। କଂଗ୍ରେସ ଦଳର ବାର୍ତ୍ତାକୁ ପ୍ରଚାର ପ୍ରସାର କରି ସେ ସମୟର ନେତା ମାନଙ୍କ ଭିତରେ ମଧ୍ୟରେ ହୋଇପାରିଥିଲେ ଅଗ୍ରଣୀ। ଗୋପବନ୍ଧୁଙ୍କ ଅତି ଆଦରର କର୍ମପୀଠ ସିଂହଭୂମ ଓଡ଼ିଆ ଜାତି ପାଇଁ ଏକ ତୀର୍ଥ ଭୂମିଠୁଁ କମ ନଥିଲା। ୧୯୨୩ ବେଳର କଥା। ସେ ସମୟରେ ଜମିଦାର ମାନଙ୍କର ସେପରି ଥାଟବାଟ ନଥାଏ। ନାମ ଓ ସଞ୍ଜା ସାର ହୋଇ ରହିଯାଇଥିଲେ ରାଜ ପରିବାର, କର୍ପୁର ଉଡିଯାଇ କନା ପଡ଼ି ରହିଥିବା ପରି କଥା। ନାଁ ଥିଲା ଅର୍ଥର ପ୍ରାବଲ୍ୟ ନାଁ କ୍ଷମତା, ପ୍ରତିପତ୍ତି। ଇଂରେଜ ମାନଙ୍କ କଡ଼ା ଶାସନ ଫଳରେ ଜମିଦାର ମାନଙ୍କର ଗୌରବ, ଗାଥା ସବୁ ଅସ୍ତମିତ ହୋଇ ଆସିଥିଲା। ୧୯୧୨ ମସିହାରେ ବିହାର ସହିତ ଏ ଅଞ୍ଚଳକୁ ମିଶେଇ ଦେବା ଫଳରେ ଓଡ଼ିଆ ଭାଷା, କଳା, ସଂସ୍କୃତି ସୁବ ଲୋପ ପାଇବା ଉପରେ ଥିଲା। କେରା ଆସି ଗୋପବନ୍ଧୁ ଦେଖିଲେ ବିହାରୀମାନେ ଓଡ଼ିଆ ଭାଷାର କଣ୍ଠରୋଧ କରିବା ପାଇଁ ଯେଉଁ ପ୍ରପଞ୍ଚ ଚଳେଇଛନ୍ତି ଜମିଦାର ଠାକୁର ଲକ୍ଷ୍ମୀ ନାରାୟଣଙ୍କଠୁ ଶୁଣି ସେ ସ୍ତବ୍ଧ ହୋଇଯାଇଥିଲେ। ଓଡ଼ିଆ ମାରଣ ନୀତି ତାଙ୍କ ମନ ମଗଜକୁ ଦଗ୍ଧ କରିଦେଇଥିଲା। ସିଂହଭୂମର ବିସ୍ତୃତି ଅଞ୍ଚଳ ଭ୍ରମଣ କରି, ଚାଇବସା, ଚକ୍ରଧରପୁର, ପୋଡାହାଟ, ଷଡ଼େଇକଳା, ଖରସୁଆଁ ଓ ବହଳାଗୋଡ଼ାର ପଞ୍ଚରୁଳିଆ, ଚୟନପୁର, ଆନନ୍ଦପୁର, ଧଳଭୂମ ଆଦି ଅଞ୍ଚଳକୁ ଆସି ସେଠାକାର ବିଶିଷ୍ଟ ଓଡ଼ିଆ ମାନଙ୍କ ସହିତ ସମନ୍ୱୟ ରକ୍ଷା କରି କିପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ହୋଇପାରିବ ତାର ସରଜମିନ ତଥ୍ୟ ଗ୍ରହଣ କରି ଉପରସ୍ଥ ବ୍ରିଟିଶ ଶାସକ ମାନଙ୍କୁ ବୁଝାଇ ଥିବାର କଥା ନଜରକୁ ଆସେ।

ୟୁରୋପରେ ବିଶ୍ୱଯୁଦ୍ଧ ଲାଗି ରହିଥିଲା ବେଳେ ସେ ଏଠାରେ ପଇସିକିଆ ଫଣ୍ଡର ଅବଧାରଣା ଆରମ୍ଭ କରିଥିଲେ। କାରଣ ତାଙ୍କ ଦ୍ୱାରା ସ୍ଥାପିତ ଓଡ଼ିଆ ବିଦ୍ୟାଳୟ ସବୁ ଅର୍ଥ ଅଭାବରୁ ବନ୍ଦ ହୋଇନଯାଉ। ୧୭.୧୧.୧୯୨୭ ତାରିଖ ସମାଜରେ ସେ ଲେଖିଥିଲେ ଅର୍ଥ ଅଭାବପରୁ ସିଂହଭୂମ, ଫୁଲଝର ପ୍ରଭୃତି ସ୍ଥାନରେ କରାଯାଇଥିବା ଓଡ଼ିଆ ସ୍କୁଲ ଗୁଡ଼ିକ ଏତେ ବେଳକୁ ଭାଙ୍ଗିଗଲାଣି। ମୁଁ ସେଥିରେ ମର୍ମାହତ। ୧୯୨୨ ପରେ ଗୋପବନ୍ଧୁ ସିଂହଭୂମ ଆଡ଼କୁ ଆଉ ପ୍ରାୟ ଆସି ନାହାନ୍ତି। ତଥାପି କଟକ, ପୁରୀ ଆଦି ଅଞ୍ଚଳରେ ରହି ମଧ୍ୟ ସେ ସିଂହଭୂମ ଓଡ଼ିଆ ଆନ୍ଦୋଳନ ପ୍ରତି ଆନ୍ତରିକ ଦୃଷ୍ଟି ରଖିଥିଲେ। ଏ ବିଷୟରେ ୨୨.୧୧.୧୯୨୭ ସଂଖ୍ୟା ସମାଜରେ ପ୍ରକାଶିତ।

ସିଂହଭୂମର ବିଶିଷ୍ଟ କବି ଦିଲ୍ଲୀପ ଷଡ଼ଙ୍ଗୀ, ଦେବାନନ୍ଦ ବଟ କବିତାରେ ଗୋପବନ୍ଧୁଙ୍କ ବିଷୟରେ ଲେଖିଥିଲେ, କଟକ ଠୁ ଶହ ଶହ ମାଇଲ ଏ ପାରେ, ଏଇ ସିଂହଭୂମରେ ଯେବେ ଥାପେ ତୁମ ଘଟ, ପୂଜା ପାଇଁ ତୁମରି କଳସ, ଜଣେ ମତେ ପ୍ରଶ୍ନ କଲେ କିଏ ଥିଲେ ଗୋପବନ୍ଧୁ ଦାସ ? ଜଣେ ସମ୍ବାଦିକ ଗୋପବନ୍ଧୁ ଶତ ବାର୍ଷିକ ପାଳିତ ପାଳନ ଅବସରରେ ପଚାରିଥିବା ପ୍ରଶ୍ନ ଗୋପବନ୍ଧୁ କିଏ ଥିଲେ ? ଉତ୍ତରରେ କବି ଦିଲ୍ଲୀପ ଷଡ଼ଙ୍ଗୀ ଏକଥା ଲେଖିଥିଲେ। ଆଜି ପ୍ରବାସର ଏହି ସୁଦୂର ଝାଡ଼ଖଣ୍ଡର ଟାଟାନଗରରେ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ଗୋପବନ୍ଧୁଙ୍କ ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହେଉଛି।




ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ମୋ: ୭୪୮୮୯୯୮୫୩୨


# ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ଗୋପବନ୍ଧୁ

**ଅରୁନ୍ଧତୀ ଦେବୀ**





ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଦର୍ଶ ତ୍ୟାଗ ଓ ସମାଜ ସେବା ସମଗ୍ର ଓଡ଼ିଆ ଜାତି ପାଇଁ ଚରିସ୍ମରଣୀୟ ହୋଇ ରହିଛି ଓ ରହିଥିବ । ତାଙ୍କ ଜୀବନୀ ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ପ୍ରଭାବିତ କରିଥାଏ । ଜନ୍ମ ହେଲେ ସମସ୍ତେ ମୃତ୍ୟୁବରଣ କରନ୍ତି । କାଳର କରାଳ ଗର୍ଭରେ ସବୁକିଛି ବିଲୀନ ହୋଇଯାଏ । ସମୟର ସ୍ରୋତ ସମସ୍ତଙ୍କୁ ଭସାଇ ନିଏ । ଯେତେ ଯାହା ହେଲେ ମଧ୍ୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ତାଙ୍କର ନିଷ୍ପାପର ଆନ୍ତରିକ ସେବା କାର୍ଯ୍ୟ ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ ନିକଟରେ ଅଭୁଲା ହୋଇ ରହିଥିବେ । ଗୋପବନ୍ଧୁ ଜନ୍ମ ଲାଭ କରିଥିଲେ ପୁରୀ ଜିଲ୍ଲାର ସୁଆଣ୍ଡୋ ନାମକ ଏକ ଗ୍ରାମରେ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖରେ । ତାଙ୍କ ପିତାଙ୍କ ନାମ ଥିଲା ଦୈତାରୀ ଦାସ ଓ ମାତାଙ୍କ ନାମ ଥିଲା ସ୍ୱର୍ଣ୍ଣମୟୀ ଦେବୀ । ଜନ୍ମର ଅଳ୍ପ ଦିନ ପରେ ସେ ମା'ଛେଉଣ୍ଡ ହୋଇ ପିଉସୀ କମଳା ଦେବୀଙ୍କ ତତ୍ତ୍ୱାବଧାନରେ ପ୍ରତିପାଳିତ ହୋଇଥିଲେ । ଗ୍ରାମରେ ଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଲାଭ କଲାପରେ ରୂପଦେଇପୁରରେ ଥିବା ମଧ୍ୟଇଂରାଜୀ ବିଦ୍ୟାଳୟରେ ପଢ଼ିଲେ । ପୁରୀ ଜିଲ୍ଲା ସ୍କୁଲରୁ ୧୮୯୯ ମସିହାରେ ସେ ମେଟ୍ରିକ୍ୟୁଲେସନ ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ତାଙ୍କର କଲେଜ ଶିକ୍ଷା ଆରମ୍ଭ ହେଲା କଟକ ରେଭେନ୍ସା ମହାବିଦ୍ୟାଳୟରେ । ୧୯୦୨ ମସିହାରେ ସେ ଏଫ୍.ଏ. ପରୀକ୍ଷାରେ ଓ ୧୯୦୪ ମସିହାରେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ରେଭେନ୍ସା କଲେଜରେ ପଢୁଥିବା ସମୟରେ ସେ ଆଚାର୍ଯ୍ୟହରିହର ଆଦି ଦେଶ ସେବକ ମାନଙ୍କ ସଂସ୍ପର୍ଶରେ ଆସି ଦେଶ ସେବାରେ ଆଗ୍ରହୀ ହେଲେ । ୧୯୦୨ ମସିହାରେ ବ୍ରହ୍ମପୁରରେ ହୋଇଥିବା ଉତ୍କଳ ସମ୍ମିଳନୀରେ ଯୋଗ ଦେଇ ସ୍ୱରଚିତ ପ୍ରାରମ୍ଭିକ ସଙ୍ଗୀତ ଗାନ କରି ଉତ୍କଳ ଗୌରବ ମଧୁସୂଦନ ଦାସ ଆଦି ବିଶିଷ୍ଟ ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ରେଭେନ୍ସା ମହାବିଦ୍ୟାଳୟରୁ ବି.ଏ. ପାଶ କଲାପରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଆଇନ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ଦେଶର ଶିକ୍ଷାର ପ୍ରସାର ପାଇଁ ସେ ନିଳଗିରି ଠାରେ ସ୍ଥାପିତ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଲେ ।

ଜଣେ ଆଦର୍ଶ ଶିକ୍ଷକଙ୍କର ଭୂମିକା ସମ୍ବନ୍ଧରେ ଅନ୍ୟ ଶିକ୍ଷକମାନଙ୍କୁ ପ୍ରଶିକ୍ଷିଣ ଦେଲାପରେ ସେ ଆଇନଜ୍ଞ ଭାବେ କଟକରେ କାର୍ଯ୍ୟକଲେ ଓ ପରେ ପୁରୀ ଯାଇ ଓକିଲାତି କରିଥିଲେ । ମିଥ୍ୟାକୁ ତିଳେ ମାତ୍ର ପ୍ରଶୟ ନ ଦେଇ ସତ୍ୟକୁ ସମ୍ବଳ କରି ଓକିଲାତି କରିବା ପାଇଁ ସେ ଅନ୍ୟ ଓକିଲ ମାନଙ୍କୁ କହୁଥିଲେ । ସେତେବେଳେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ନଥିଲା । ବିହାର ଓ ଓଡ଼ିଶା ଏକ ଶାସନାଧୀନ ଥିଲା । ଗୋପବନ୍ଧୁ ୧୯୧୭ରୁ ୧୯୨୦ ମସିହା ପର୍ଯ୍ୟନ୍ତ ବିହାର ଓଡ଼ିଶା ବିଧାନ ସଭାର ସଭ୍ୟ ରହି ବହୁତ ଉନ୍ନତି ମୂଳକ କାର୍ଯ୍ୟ କରିଯାଇଛନ୍ତି। ବିଶେଷତଃ ପରାଧୀନ ଦେଶରେ ଦେଶବାସୀଙ୍କର ପ୍ରକୃତ ଉନ୍ନତି କିପରି ହେବ ସେଥିପାଇଁ ସେ ଚିନ୍ତିତ ଥିଲେ । ଓଡ଼ିଶାରେ ଜାତୀୟ କଂଗ୍ରେସର ସେ ସଭାପତି ହେଲେ । ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରଚାରିତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ସେ ୧୯୨୨ରୁ ଦୁଇବର୍ଷ ପାଇଁ ହଜାରିବାଗ ଜେଲରେ ବନ୍ଦୀ ଜୀବନ ବିତାଇ ଥିଲେ । ଓଡ଼ିଆ ଭାଷାରେ ଲିଖିତ ତାଙ୍କର ଦେଶପ୍ରେମର ବାର୍ତ୍ତା ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମ ଓ ସ୍ୱାଧୀନତାର ବହ୍ନି ଜାଳି ଦେଇଥିଲା । ୧୯୨୪ ମସିହାରେ କଟକ ଠାରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀରେ ତାଙ୍କୁ ଉତ୍କଳମଣି ଉପାଧି ପ୍ରଦାନ କରାଯାଇଥିଲା । ସେ ଲୋକ ସେବକ ମଣ୍ଡଳର ସଦସ୍ୟ ଓ ଉପସଭାପତି ଥିଲେ । ନିଃସ୍ୱାର୍ଥ ସେବାକୁ ସେ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ । ରେଭେନ୍ସା କଲେଜରେ ଛାତ୍ରଥିବା ସମୟରେ ସେ ଗରିବ ଛାତ୍ର ମାନଙ୍କ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଠାରୁ ଅର୍ଥ ସଂଗ୍ରହ କରି ଅଭାବି ଛାତ୍ର ମାନଙ୍କ ପାଇଁ ବହି ଖାତା କିଣିବା ଓ ଖାଇବା ବନ୍ଦୋବସ୍ତ କରୁଥିଲେ । ବନ୍ୟାବାତ୍ୟା ଓ ନାନା ପ୍ରକାର ଦୁର୍ବିପାକ ସମୟରେ ସେ ଲୋକମାନଙ୍କର ଉଦ୍ଧାର କାର୍ଯ୍ୟ କରିବା ସହ ଖାଦ୍ୟପେୟର ସୁବନ୍ଦୋବସ୍ତ କରିବା ପାଇଁ ନିଜ ସୁଖ ସୁବିଧାକୁ ଜଳାଞ୍ଜଳି ଦେଇ ସେବାରେ ଲାଗିପଡୁଥିଲେ । ନିଜ ପରିବାରକୁ ମଧ୍ୟ ଗୌଣ ସ୍ଥାନ ଦେଇ ଅସହାୟଙ୍କ ସେବାକୁ ପ୍ରାଧାନ୍ୟ ଦେଉଥିଲେ । ତାଙ୍କ ନିଜ ପୁଅ ରୋଗଗ୍ରସ୍ତ ଥିବା ସମୟରେ ସେ ଖବର ପାଇଲେ ବନ୍ୟା ଯୋଗୁଁ ଅନେକ ଅଞ୍ଚଳ ଜଳମଗ୍ନ ହୋଇ ଯାଇଥିବାରୁ ଲୋକମାନେ ଘରଦ୍ୱାରା ହରାଇ ଭୋକ ଉପାସରେ ପଡ଼ିରହି କଷ୍ଟ ଭୋଗୁଛନ୍ତି । ନିଜର ଗୁରୁତର ଅବସ୍ଥାରେ ପଡ଼ିଥିବା ରୋଗଗ୍ରସ୍ତ ପୁଅକୁ ଛାଡ଼ି ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ଥଇଥାନ ଓ ଅନ୍ନ ସଂସ୍ଥାନ କରିବା ପାଇଁ ଚାଲିଗଲେ । ଗୋଟିଏ ପୁଅ ତୁଳନାରେ ହଜାର ହଜାର ଲୋକଙ୍କ କଷ୍ଟ ଦୂର କରିବା ତାଙ୍କ ପାଇଁ ଅଧିକ ଉପଯୋଗୀ ମନେହେଲା । ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ସେବା କରି ଘରକୁ ଫେରି ଆସିଲା ବେଳକୁ ପୁଅ ଶେଷ ବିଦାୟ ନେଇ ସାରିଥିଲା । ବାସ୍ତବିକ ଏ ପ୍ରକାର ସେବା କେତେ ଜଣ କରିପାରିବେ ? ନିଜ ପର ମଧ୍ୟରେ ପ୍ରଭେଦ ସେ ଦେଖୁନଥିଲେ । ମାନବ ସେବାକୁ ମାଧବଙ୍କ ସେବା ବୋଲି ସେ ଗ୍ରହଣ କରିଥିଲେ । ଲୋକମାନଙ୍କ ନିକଟରେ ବିଭିନ୍ନ ସମ୍ବାଦ ପହଞ୍ଚାଇବାକୁ ସେ ସେବା ରୂପେ ଗ୍ରହଣ କରିଥିଲେ । ସେଥିପାଇଁ ୧୯୧୫ ମସିହାରେ ନିଜ ଗ୍ରାମରୁ କିଛି ଦୂରରେ ଥିବା ସାକ୍ଷୀଗୋପାଳରୁ 'ସତ୍ୟବାଦୀ' ନାମରେ ଗୋଟିଏ ପତ୍ରିକା ପ୍ରକାଶ କରି ଲୋକମାନଙ୍କ ମଧ୍ୟରେ ବିତରଣ କଲେ । ୧୯୧୯ ମସିହାରେ 'ସମାଜ' ପତ୍ରିକା ପ୍ରକାଶ କଲେ । ପ୍ରଥମରେ ଏହା ସପ୍ତାହରେ ଥରେ ପ୍ରକାଶିତ ହେଉଥିଲା । ପରେ ଏହା ଦୈନିକ ସମ୍ବାଦପତ୍ର ରୂପେ ପ୍ରକାଶିତ ହୋଇ ଖୁବ୍ ଲୋକପ୍ରିୟ ହେଲା । ରାଜନୀତି ଠାରୁ ଆରମ୍ଭ କରି ବିଭିନ୍ନ ସମ୍ବାଦ ପରିବେଷଣ ଦ୍ୱାରା ଲୋକମାନଙ୍କର ଯେଉଁ ସେବା ସେ ଆରମ୍ଭ କଲେ ସେଥିପାଇଁ ସେ ଚୀର ସ୍ମରଣୀୟ ହୋଇ ରହିଛନ୍ତି । ଓଡ଼ିଶାରେ ଅନେକ ସମ୍ବାଦପତ୍ର ପ୍ରକାଶିତ ହେଉଥିଲେ ହେଁ ସମାଜର ଲୋକପ୍ରିୟତା ଗୋପବନ୍ଧୁଙ୍କର ଆଶୀର୍ବାଦରୁ ଅତୁଟ ରହିଛି । ପରାଧୀନ ଦେଶରେ ଲୋକ ମାନଙ୍କୁ ସ୍ୱାଧୀନତା ସମ୍ବନ୍ଧରେ ଉଦ୍‌ବୃଦ୍ଧ କରିବାକୁ ଏକ ବଡ଼ ସେବା ବୋଲି ସେ ଗ୍ରହଣ କରିଥିଲେ । ଦେଶ ଓ ଦଶର ସେବା ବ୍ରତ ପାଇଁ ସେ ଚିରଦିନ ଓଡ଼ିଆ ମାନଙ୍କ ମନରେ ବଞ୍ଚି ରହିଥିବେ ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦


## କବିତା କୋଣାର୍କ

### ଅଭୁଲା ପ୍ରୀତି

**ହରେରାମ ପଣ୍ଡା**



ପାଶେ ନ ଥିଲେ ବି ଅଛ ବୋଲି ତୁମେ
ଅନୁଭବ କରେ ନିତି
ତୁମ କଥା ବେଶୀ ଭାବିବାଟା କାଳେ
ନାମ ତା ଅଭୁଲା ପ୍ରୀତି ।।୦।।

ଛୋଟିଆ କଥାରେ କଟି କରିଦେଲ
ବରଷେ ପୂରିଲା ଏବେ
ମୋ ଭଲ ପାଇବା ସାତ ବର୍ଷ ହେଲେ
ତୁମ ପାଇଁ ଛଅ ତେବେ

ଟିକିଏ ପଛକୁ ଫେରି ଚାହିଁ ଦେଖ
ଲିଭିନି ପ୍ରତୀକ୍ଷା-ବତୀ...
ପାଶେ ନ ଥିଲେ ବି ଅଛ ବୋଲି ତୁମେ
ଅନୁଭବ କରେ ନିତି ।।୧।।

ସବୁ ଗୀତି ସିନା ଲେଖେ ତୁମ ପାଇଁ
ଲେଖେ ନାହିଁ ତୁମ ନାମ
ତୁମ ସାହି ଘର ଜାଣି ବି ଯାଇନି
କାଳେ ହେବ ବଦନାମ

କାଳେ ସପନରେ ଭୁଲ୍ ରେ ଆସିବ
ତେଣୁ ଭଲ ଲାଗେ ରାତି...
ତୁମ କଥା ବେଶୀ ଭାବିବାଟା କାଳେ
ନାମ ତା ଅଭୁଲା ପ୍ରୀତି ।।୨।।


+ପାଟପୁର, କନିସି, ଗଞ୍ଜାମ
ମୋ: ୯୯୩୮୬୧୯୯୮୧


### ଆଗୋ ପ୍ରିୟା...

**ଯଶୋବନ୍ତ ବାରିକ**

ଆସି ଛୁଇଁ ଦେଇ ଯାଅ ଥରେ
ଆଗୋ ପ୍ରିୟା.. ତୁମ ଗଲା ପରଠୁ
ଶୋଇ ନାହିଁ ଆଖି ପୁଣି କେବେ
ମୁଁ ଅହରହ ଖାଲି ତୁମ କଥା ଭାବେ
ଆଗୋ ପ୍ରିୟା.. ତୁମ ଗଲା ପରଠୁ
ଦେଖି ନାହିଁ ଜହ୍ନ କୁ ଆଉ କେବେ
ସେ ରାତିର ବର୍ଷା ଆଜି ବି ଭିଜେଇ
ଦେଇ ଯାଏ
ଆଗୋ ପ୍ରିୟା.. ତୁମ ଗଲା ପରଠୁ
ସେମିତି ବର୍ଷା ହେଇ ନାହିଁ କେବେ
ତୁମ ଭୁଲତା ବି ଆଜିକାଲି ଶୁଣିଛି ମିଛ
କୁହେ
ଆଗୋ ପ୍ରିୟା.. ତୁମ ଗଲା ପରଠୁ
ଶୁଣି ନାହିଁ ମୋ ନାଆଁ ମୁଁ ଆଉ କେବେ
ଅପେକ୍ଷାରେ ଆଜି ବି
ଆଖି ଥକି ଶୋଇ ପଡେ
ଆଗୋ ପ୍ରିୟା.. ତୁମ ଗଲା ପରଠୁ
ସେ ବାଟରୁ ଫେରିନି
ପାଦ ଆଉ କେବେ
ତୁମ ଛାଇ ସବୁଥର ମୋ ଅଶ୍ରୁକୁ
ଉପେକ୍ଷା କରେ
ଆଗୋ ପ୍ରିୟା.. ତୁମ ଗଲା ପରଠୁ
ନିର୍ଦ୍ଦୟ ଛାଇ ଚାଲିନି ପାଦରେ ପାଦ
ମିଶେଇ କେବେ
ଆଜି ବି ତୁମ ନାଆଁ ଶୁଣି ହୃଦୟ ଚମକି
ପଡେ
ଆଗୋ ପ୍ରିୟା.. ତୁମ ଗଲା ପରଠୁ
ନିର୍ଜନ ନିଜକୁ ଆଉ ପାଇନି କେବେ ।


+ଜସ୍ୱନ୍ତ୍ ନିର୍ଜନ
ସୋହେଲା, ବରଗଡ଼
ମୋ: ୬୩୭୦୧୧୭୩୧



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୮୨



ଡ. ସିନ୍ଧୁ ସେନ୍

॥ ଅଠତିରିଶ ॥

କାଳ, ପୁଣି ମହାକାଳ । ଏହାର ଆରମ୍ଭ କେବେ ଓ ଶେଷ କେବେ ଏକଥା କାହାକୁ ଜଣାନାହିଁ । ତଥାପି କାଳର ଗତି ଅଲଙ୍ଘନୀୟ । ସେହି କାଳର ଗତି ହିଁ ମୋ ପାଇଁ ସୃଷ୍ଟି କରିଛି ଏମିତି ଏକ ମହନୀୟ ପରିସ୍ଥିତି । ମୁଁ ଯାହା ଭାବୁଛି ସବୁକିଛି ବିପରୀତ ହେଉଛି । ଏତେଦିନ ଧରି କାଳଜୟୀ ହେବାର ଯେଉଁ ଆଶା କରିଥିଲି ତାହା ମଧ୍ୟ ସମ୍ଭବ ହୋଇପାରୁନି । ମୋର ଏସବୁ ପରିସ୍ଥିତି ପାଇଁ ମୁଁ ନିଜେ ହିଁ ଦାୟୀ । ମୋତେ ଏସବୁକୁ ତେଣୁ ମୁଣ୍ଡପାତି ସହିନେବାକୁ ପଡ଼ିବ । ଧୈର୍ଯ୍ୟର ସହ ସେସବୁର ମୁକାବିଲା କରିବାକୁ ପଡ଼ିବ । ମୋତେ କାଳର ଅଧୀନ ହେବାକୁ ପଡ଼ିବ । କାରଣ ମୁଁ ଚାହିଁଲେ ମଧ୍ୟ କାଳକୁ ମୋ ଅଧୀନକୁ ଆଣିପାରିବି ନାହିଁ । କାଳ କେବେବି ପରାଜିତ ହେବନି । ଏମିତି ହୋଇପାରେ କାଳଦ୍ୱାରା ଘଟି ଯାଉଥିବା କିଛି ଘଟଣାର ଗତିପଥ ହୁଏତ ସାମାନ୍ୟ ମାତ୍ରାରେ ବଦଳି ଯାଇପାରେ, କିଛିଟା ହ୍ରାସ ହୋଇପାରେ । ମାତ୍ର ସଂପୂର୍ଣ୍ଣ ପରିବର୍ତ୍ତନ ହେବା ଆଶା କରାଯାଇ ପାରେନା । ମୋତେ ହିଁ ତେଣୁ କାଳଦ୍ୱାରା ସମତାଳ ଦେଇ ଚାଲିବାକୁ ପଡ଼ିବ । ମୋ ନିଜ ମନକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବାକୁ ପଡ଼ିବ ।

ମୁଁ ରାବଣ, ଚିରକାଳ ନିଜ ଶକ୍ତି ଓ ପରାକ୍ରମ ପାଇଁ ଗର୍ବିତ । ଲଙ୍କା ରାଜ୍ୟରେ ମୋର ଆଧିପତ୍ୟ ନେଇ ମୁଁ ଚର୍ଚ୍ଚିତ । ସହଜରେ ପରାଜିତ ହେବା ଶିଖିନି । ଏବେ ରାମଙ୍କ ଶକ୍ତିରେ ମୁଁ ଭୟଭୀତ ହୋଇପଡ଼ିଛି ସତ, ତେବେବି ଏବେବି ମୁଁ ଧୈର୍ଯ୍ୟ, ସାହସ ହରାଇନି । ବରଂ ମୁଁ ସେହି ସୁଦିନର ପ୍ରତୀକ୍ଷାରେ ରହିଛି । ଏବେବି ମୁଁ ମୋ ରାଜଚକ୍ରବର୍ତ୍ତୀ ଲକ୍ଷଣଟି ହରାଇନି । ମୋ ଉପରେ ଜ୍ୟୋତିଷମାନଙ୍କର ଭବିଷ୍ୟବାଣୀ ରହିଛି । ଯାହା କେବେବି ମିଥ୍ୟା ହେବାର ନୁହେଁ । ଆଜି ହୁଏତ ମୋର ବିପର୍ଯ୍ୟୟ ହୋଇଥାଇ ପାରେ । ମାତ୍ର ଏହା ତ ସବୁଦିନେ ଲାଗି ରହିବ ନାହିଁ, ମୁଁ ରାଜଚକ୍ରବର୍ତ୍ତୀ ଥିଲି, ଏବେବି ଅଛି ଆଗକୁ ରହିଥିବି ମଧ୍ୟ । ମୋ ଉପରେ ଯାହା କିଛି ଘଟିଯାଉଛି, ସେସବୁ ମୋର ସାମୟିକ ବିପର୍ଯ୍ୟୟ ମାତ୍ର । ଏତିକି ବିଶ୍ୱାସ ମଧ୍ୟ ଅଛି, ଆଗକୁ ନିଶ୍ଚିତ ସୁଦିନ ଆସିବ । ସେଇ ସୁଦିନ ଆସିବାର ଉତ୍କଣ୍ଠାରେ ବିହ୍ୱଳିତ ପ୍ରାଣ ମୋର ଆନନ୍ଦରେ କୁରୁଳି ଉଠୁଥିଲା ।

ଦିନ ପରେ ଦିନ ଆଗେଇ ଚାଲିଛି ଯୁଦ୍ଧ । ଯୁଦ୍ଧର ପ୍ରତିଟି ଦିନ ଯେମିତି ବର୍ଷଟିଏ ଭଳି ଲାଗୁଛି । ବିପର୍ଯ୍ୟୟ ପରେ ବିପର୍ଯ୍ୟୟକୁ ସାମ୍ନା କରିବାକୁ ପଡୁଛି । ଆମ ରାକ୍ଷସବୀର ମାନଙ୍କ ମଧ୍ୟରୁ ଧୂମ୍ରାକ୍ଷଙ୍କ ସହ ତ୍ରିଶିରା ଆଦି ବହୁ ମହାବୀର ମାନଙ୍କର ବୀରଗତି ହୋଇସାରିଛି । ଲଙ୍କାଗଡ଼ର ସୁରକ୍ଷା ମୋ ପାଇଁ ଏବେ ଚିନ୍ତାର କାରଣ ହୋଇଛି । ଯେଉଁ ଲଙ୍କାଗଡ଼କୁ ଏକ ଦୁର୍ଭେଦ୍ୟ ଗଡ଼ ଭାବେ ଗର୍ବ କରି ଆସୁଥିଲି, ସେ ବିଶ୍ୱାସ, ଧାରଣା ମୋର ସଂପୂର୍ଣ୍ଣ ଭାବେ ବଦଳି ଯାଇଛି ।

ପିତା ସବୁବେଳେ କହୁଥିଲେ, ଯୁଗେଯୁଗେ ଧର୍ମର ହିଁ ଜୟ ହୁଏ, ଆଉ ଅଧର୍ମର ପରାଜୟ । ଆମ ପକ୍ଷରେ ଧର୍ମ ନାହିଁ, ଯାହା ରାମଙ୍କ ପକ୍ଷରେ ରହିଛି । କେବଳ ସେଇଥିପାଇଁ ରାମପକ୍ଷ ଯେଉଁଠି ଜିତି ଚାଲିଛନ୍ତି ଆମେ ସେଠାରେ ହାରିଯାଉଛୁ । ଏସବୁ କଥା ଭାବିଲେ, ମୋ ମନରେ ଅନେକ ଭାବାନ୍ତର ସୃଷ୍ଟି ହୁଏ । ପ୍ରଶ୍ନ ଜାଗେ ମନରେ । ସତରେ କ'ଣ ମୋ ପାଖରେ ଧର୍ମ ନାହିଁ ? ମୁଁ ବି ତ ଦିନେ ପିତାଙ୍କ ଆଶ୍ରମରେ ଶିକ୍ଷା ପାଇଥିଲି । ଆମ କୁଳର ମଧ୍ୟ ଏକ ପରମ୍ପରା ରହିଛି । ଚଳଣି ରହିଛି, ଆଚାର ବିଚାର ମଧ୍ୟ ଅଛି । ଆମେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ବିଧାନ ପାଳନ କରୁ । ଆମେ ରାକ୍ଷସ ହେଲେ ମଧ୍ୟ ଆମର ଏକ ନିର୍ଦ୍ଦିଷ୍ଟ ସଂସ୍କୃତି ରହିଛି । ଆମେ ମଧ୍ୟ ଚାହୁଁ ଆମ ରାଜ୍ୟରେ ଶାନ୍ତି ଭାବରେ ରହିବୁ । ମୋ ଉପରେ କେବଳ ରକ୍ଷସମାଜର ଦାୟିତ୍ୱ ରହିଛି । ମୁଁ ମୋର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସଠିକ୍ ଭାବେ ପାଳନ କରିବାର କେବଳ ପ୍ରୟାସ କରିଛି ମାତ୍ର । ସେ ଦୃଷ୍ଟିରୁ ବିଚାର କଲେ, ମୁଁ ଅଧର୍ମୀ ହେଲି କେମିତି ?

ହୋଇପାରୁ ଆମେ ଅନାର୍ଯ୍ୟ, ରାକ୍ଷସ । ମାତ୍ର ଆର୍ଯ୍ୟମାନଙ୍କ ଭଳି ଆମେ ତ ସାମ୍ରାଜ୍ୟବାଦୀ ନୋହୁଁ । ସେମାନେ ରାଜନୀତିକ ଓ ସାଂସ୍କୃତିକ ସାମ୍ରାଜ୍ୟ ବାଦକୁ ଏକାଠି ବାନ୍ଧି ରଖିଥାନ୍ତି । ଆର୍ଯ୍ୟମାନେ ମୁନି, ଋଷି ମାନଙ୍କୁ ଶ୍ରେଷ୍ଠସ୍ଥାନ ଦେଇଥାନ୍ତି । ମୁନି ଋଷିମାନେ ପ୍ରଥମେ ଆସି ସେମାନଙ୍କ ସାଂସ୍କୃତିକ ସାମ୍ରାଜ୍ୟବାଦ ବିସ୍ତାର କରିଥିଲେ । ତାପରେ ଆସିଲେ କ୍ଷତ୍ରିୟ । ଯେଉଁମାନଙ୍କ ଠାରେ ରାଜନେଅତିକ ଚିନ୍ତାଧାରା । ସେଇ ରାଜନୈତିକ ଚିନ୍ତାଧାରା ନେଇ ସେମାନେ ଯେତେବେଳେ ସାମ୍ରାଜ୍ୟ ବିସ୍ତାର କରିବାକୁ ଲାଗି ପଡ଼ିଲେ । ମୁଁ ତେଣୁ ତାଙ୍କ ଆଧିପତ୍ୟ ଠାରୁ ଆମ ରାକ୍ଷସ ସମାଜକୁ ରକ୍ଷା କରିବାକୁ ଚେଷ୍ଟା କରିଚି । ପ୍ରତିରୋଧ କରିଛି । ମୁଁ ତେଣୁ ଆକ୍ରମଣକାରୀ ନୁହେଁ, ବରଂ ଆତ୍ମରକ୍ଷା ପାଇଁ ଉଦ୍ୟମ କରିଛି । ତାହା କ'ଣ ମୋର ଭୁଲ୍, ମୁଁ ତ କେବଳ ଆମ ସଂସ୍କୃତିର ସୁରକ୍ଷା ଲାଗି ବ୍ୟବସ୍ଥା କରିଛି । ମୋର ତେଣୁ ଅପରାଧ ରହିଲା କେଉଁଠି ? ପାପ ଲାଗିଲା କେମିତି ? ତେଣୁ ଏତିକି କହିବି, ମୁଁ ଯାହା କରିଛି କିଛି ଭୁଲ୍ କରିନି, ଅଧର୍ମ କରିନି । ଆର୍ଯ୍ୟମାନେ ମୋତେ ଯେତେ ଦୋଷାରୋପ କଲେ ମଧ୍ୟ, ମୁଁ ଏତିକି ଜାଣେ, ମୁଁ ଯାହା ବି କରିଛି ମୋ ଜାତି ପାଇଁ କରିଛି । ନିଜ ସ୍ୱାର୍ଥ ପାଇଁ ନୁହେଁ, ସମୂହ ସ୍ୱାର୍ଥ ପାଇଁ ଲଢ଼ିଛି । ଆର୍ଯ୍ୟମାନଙ୍କର ବିରୁଦ୍ଧାଚରଣ କରିଛି । ଆର୍ଯ୍ୟମାନଙ୍କ ନିକଟରେ ଯାହା ଅଧର୍ମ, ଆମ ପାଇଁ ତା ଧର୍ମ । ତେଣୁ ଆମମାନଙ୍କୁ ଅଧର୍ମୀ କହିବାର ଅଧିକାର ତାଙ୍କର ନାହିଁ । ସେମାନେ ଯଦି ସେମାନଙ୍କ ନିଜସ୍ୱ ଇଚ୍ଛାକୁ ଗୁରୁତ୍ୱ ଦେଇ ପାରନ୍ତି, ତେବେ ଆମ ଅନାର୍ଯ୍ୟମାନେ ଆମ ଇଚ୍ଛାକୁ ଗୁରୁତ୍ୱ ଦେବା କେଉଁ ଦୃଷ୍ଟିକୋଣରୁ ଭୁଲ୍ ? ମୁଁ ତେଣୁ ଜୋରଦେଇ କହିପାରେ, ମୁଁ ଯାହାବି କରିଛି କିଛି ଭୁଲ୍ କରିନି, ପାପ କରିନି, ଅଧର୍ମ କରିନି ।

ହଁ ସୀତା ଅପହରଣ ମୋର ଆଉ ଏକ କୁକର୍ମର ପରିଣାମ । କିନ୍ତୁ ମୁଁ ଯଦି କହେ, ମୋ ଭଉଣୀ ସୂର୍ପଣଖା ଉପରେ ଆର୍ଯ୍ୟମାନଙ୍କ ପକ୍ଷରୁ ପ୍ରଥମେ ଆକ୍ରମଣ କରାଯାଇଥିଲା । ତାହା କ'ଣ ସେମାନଙ୍କ ଅଧର୍ମ ନଥିଲା ? ମୋତେ ତ କେବଳ ତାର ପ୍ରତିଶୋଧ ନେବାପାଇଁ ସୀତାହରଣ କରିବାକୁ ପଡ଼ିଲା, ସେଦିନ ଯଦି ମୋ ଭଉଣୀର ନାକ କାଟି ଦେଇ ତାକୁ ଆହତ, କ୍ଷତାକ୍ତ କରି ନଥାନ୍ତେ, ତେବେ ମୁଁ ବି କାହିଁକି ସୀତାହରଣ କରିଥାନ୍ତି ମାନୁଛି ସୀତାଙ୍କୁ ଘେରାଇ କରି ଆଣିବା ମୋତେ ଅପରାଧି ସଜାଇ ଦେଇଛି ହେଲେ, ସୀତାଦେବୀଙ୍କୁ ପର ସ୍ତ୍ରୀ ବୋଲି ବଳାତ୍କାର କରିନି । ତାଙ୍କ ମାନ, ସମ୍ମାନ, ଇଜ୍ଜତ ପ୍ରତି ଆଘାତ ଦେଇନି । ବରଂ ଆମ ଲଙ୍କାରାଜ୍ୟ ସୁସଜ୍ଜିତ ଉପବନ ମଧ୍ୟରେ ରଖାଇଛି । ମାତୃତୁଲ୍ୟ ସମ୍ମାନ ଦେଇଛି । ଅଶୋକବନରେ ସୁରମ୍ୟ ଭବନ ମଧ୍ୟରେ ତାଙ୍କୁ ରଖିବାର ବ୍ୟବସ୍ଥା କରିଛି । ସୀତାଦେବୀଙ୍କ ପାଇଁ ସେବାକାରୀ ନିଯୁକ୍ତି କରିଛି । ତେଣୁ ମୁଁ ଯଦି କହେ, ସୀତାଦେବୀଙ୍କୁ ମୁଁ କୌଣସି ନିର୍ଯାତନା ଦେଇନି, ଲାଞ୍ଛନା ଦେଇନି, ବରଂ ଯେତେଟା ସମ୍ଭବ, ତାଙ୍କୁ ସୁଖ, ଶାନ୍ତିରେ ରଖିବାର ବ୍ୟବସ୍ଥା କରିଛି । ସେସବୁ କ'ଣ ମୋର ଅପରାଧ ? ମୋ ମନରେ ଯଦି ପାପ ଥାଆନ୍ତା । ତେବେ ମୁଁ ଚାହିଁଥିଲେ ତ ଦେବୀ ସୀତାଙ୍କୁ ଲଙ୍କାର ରାଜପ୍ରାସାଦରେ ରଖିବାର ବ୍ୟବସ୍ଥା କରିଥାଇ ପାରନ୍ତି । ଏତେପରେ ବି ଆମ ରାକ୍ଷସ ସମାଜ ମଧ୍ୟ ମୋତେ ବୁଝିପାରିଲେନି, ଏମିତି ବି ମୋ ଧର୍ମପତ୍ନୀ, ସହୋଦର ଭାଇ ମଧ୍ୟ ମୋ ଚରିତ୍ରକୁ ଠିକ୍ ଭାବେ ତର୍ଜମା କରିପାରିଲେ ନାହିଁ । ସମସ୍ତଙ୍କ ଠାରେ ମୁଁ ପାଲଟିଗଲି ଅପରାଧି, ପାପୀ । ସୀତା ଅପହରଣ ପାଇଁ ମୋତେ ଅନେକ କିଛି ଲାଞ୍ଛନା ସହିବାକୁ ପଡ଼ିଛି । ଏହାହିଁ ମୋ ପାଇଁ ଦୁର୍ଭାଗ୍ୟ । ମୋତେ କେହି ବି ବୁଝିବାକୁ ଚେଷ୍ଟା କରିନାହାନ୍ତି । ଏକ ମସ୍ତବଡ଼ ଭୁଲ ବୁଝାମଣାର ପ୍ରତିଶ୍ରୁତି ଯେ କେତେ ଭୟଙ୍କର ହୋଇପାରେ, ସେ କଥା ଭାବିଲେ ଅନ୍ତର ଭିତରେ ମୋତେ ବହୁତ ଆଘାତ ଲାଗେ । ସେଇଥିପାଇଁ ତ ମୋ ଅନ୍ତର୍ମନରେ ବାରମ୍ବାର ଝଡ଼ ଉଠୁଥିଲା କେଉଁଥିପାଇଁ, କାହିଁକି ମୋତେ ସମଗ୍ର ଆର୍ଯ୍ୟସମାଜ ଏମିତି ଭୁଲ୍ ବୁଝୁଥିଲା ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର

(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା

॥ ଭାଗ-୧୦୯ ॥



'ଏହି ଆୟୁର୍ବେଦର କିପରି ସୃଷ୍ଟି ହେଲା ?'

'ଯାହାକିଛି ସୃଷ୍ଟିର ପ୍ରଥମ ସ୍ରଷ୍ଟାଙ୍କ ବିଷୟରେ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ନଥାଏ, ସେହି ସ୍ରଷ୍ଟାଙ୍କୁ ଆମେ ପ୍ରଜାପତି ବ୍ରହ୍ମା ବୋଲି କହିଥାଉ । ଏହି ବ୍ରହ୍ମା ହିଁ ପ୍ରଥମ ସ୍ରଷ୍ଟା ବା ବୈଜ୍ଞାନିକ ଅଟନ୍ତି । ଯେତେବେଳେ ଅନନ୍ତ ସମୟ ଓ ଶୂନ୍ୟର ଏକାଂଶ ଉପରେ ଅନନ୍ତ ଜୀବନ ବିଷ୍ଣୁ ଯୋଗ ନିଦ୍ରାରେ ଶାୟିତ, ସେତେ ବେଳେ କେବଳ ମହାକାଶ ସମୟ ମଧ୍ୟରେ କ୍ଷୁଦ୍ର କଣ, ଅନ୍ଧକାରର ଉର୍ଜା ବା କଶ୍ୟପ ସହ ଚୁମ୍ବକୀୟ ତରଙ୍ଗ ମାନ ସୃଷ୍ଟି ହେଲା । (ମହତ୍ ବିକାରର ତରଙ୍ଗ) । ଏହି ଅନ୍ଧକାରରୁ ଶବ୍ଦ ଓ ଶବ୍ଦରୁ ଅନ୍ତରୀକ୍ଷ ସୃଷ୍ଟି ହେଲା । ଏମାନେ ଯୋଗ ବଳରେ ଯୁକ୍ତ ହୋଇ ଏକ ନାଭିକ ସୃଷ୍ଟି କଲେ । ଏହି ବିଷ୍ଣୁଙ୍କ ନାଭିକ ମଧ୍ୟରେ ଯୁକ୍ତ ହେଲା ଅନନ୍ତ ଶକ୍ତି, ଅନନ୍ତ ଜୀବନ ଓ ଅନନ୍ତ ଜ୍ୟୋତି ରାଶି !! ( ଯେପରି ବର୍ତ୍ତମାନ ଗୋଟିଏ କଂପ୍ୟୁଟରରେ ଥିବା ସମସ୍ତ ଜ୍ଞାନ ଏକ କ୍ଷୁଦ୍ର କ୍ୟାପ୍ସୁଲ ମଧ୍ୟରେ ରଖାଯାଇପାରୁଛି,) ସୃଷ୍ଟିର ସକଳ ଉପାଦାନ ସେହି ନଭିକ ମଧ୍ୟରେ ଥିଲା । ଦିତି, ଆମେ ଯଦି ଗୋଟିଏ ଶବ୍ଦ ବା ବାକ୍ୟକୁ ବିଶ୍ୱାସରେ ପ୍ରତିଦିନ ମନ ମଧ୍ୟରେ ଆବୃତ୍ତି କରିଥାଉ, ତାହା ଅଦୃଶ୍ୟ ଜଗତରେ ଏକ ପ୍ରତିକ୍ରିୟା ସୃଷ୍ଟି କରେ । କାରଣ ଶବ୍ଦ ହିଁ ବ୍ରହ୍ମ । ବେଦ ସ୍ରଷ୍ଟା ବ୍ରହ୍ମାମାନେ ବର୍ଷ, ବର୍ଷ ଧରି ବେଦ ମନ୍ତ୍ର ଗୁଡ଼ିକରେ ପ୍ରାକୃତିକ ଶକ୍ତି ଗୁଡ଼ିକର ବନ୍ଦନା କରିବାରୁ, ତାଙ୍କର ବଂଶଜ ମାନଂକ ଗୁଣ ସୂତ୍ରରେ ମଧ୍ୟ ଏହି ଶକ୍ତି ରହିଥିଲା । ଏହି ସକଳ ବେଦ ମନ୍ତ୍ର ମାନେ ଏକ ବୃକ୍ଷ ରୂପରେ ଫଳ ଲାଭ ପର୍ଯ୍ୟନ୍ତ ସଫଳ ହୋଇଗଲେ । ବାୟୁ ହେଉଛି ଯୋଗ ଶକ୍ତି । ଏହି ନିଗମ ଯୋଗ ଶକ୍ତି ଫଳକୁ ପୃଥିବୀରେ ଅବତରଣ କରାଇଲା ।' ସକଳ ବେଦ ହୋଇ ବୃକ୍ଷେ, ଫଳ ଫଳିଲେ ଅନ୍ତରୀକ୍ଷେ । ଏହି ଫଳ ଥିଲା ଜ୍ଞାନ ଫଳ । (ଶ୍ରୀମଦ୍ ଭାଗବତ ରେ ଏହି ଫଳ ଶବ୍ଦ ଟିର ପ୍ରୟୋଗ ଗଛର ଫଳ ଅର୍ଥରେ ପ୍ରୟୋଗ କରାଯାଇନାହିଁ । ଏହା ଏକ ଫଳାଫଳର ସୂଚନା ମାତ୍ର ।ଶୁକ ମୁନୀ ଏହି ଜ୍ଞାନ ଫଳର ସ୍ୱାଦ ପାଇ ତପସ୍ୟା ଛାଡି ସାଂସାରିକ ମାୟା, ମୋହ ରେ ଜୀବନ ବିତାଇଲେ । କେହି ପାର୍ଥିବ ବାଦୀ ଏହି ବୃକ୍ଷକୁ ଏକ ବୃକ୍ଷ ଏବଂ ଫଳକୁ ସୂର୍ଯ୍ୟ କହିଥାନ୍ତି, ଯାହା ସୃଷ୍ଟିର ଜୀବନ । ମାତ୍ର ବ୍ରହ୍ମା, ଯିଏକି ବ୍ରହ୍ମକୁ ଧାରଣ କରିଥିଲେ, ସେ ଏହି ଯୋଗ ବଳରେ ସୃଷ୍ଟିର ସମସ୍ତ ତତ୍ତ୍ୱ ଓ ଜ୍ଞାନ ଲାଭ କଲେ । ବିଷ୍ଣୁଙ୍କ ନାଭିରୁ ବ୍ରହ୍ମା ବା ସ୍ରଷ୍ଟା ଯୋଗ ବା ଯୁକ୍ତ ହୋଇ ତାରକା ମାନଙ୍କର ସୃଜନ କଲେ । ଏହି ତାରକା ମାନଂକ ମଧ୍ୟରେ କେତେକ ଗ୍ରହ ଥିଲେ, ଯେଉଁ ମାନଙ୍କରେ ପୃଥିବୀ ପରି ଜଳ, ବାୟୁ, ପ୍ରାଣୀ ଓ ଉଦ୍ଭିଦ ମାନେ ମଧ୍ୟ ରହିଥିଲେ । ଏହିପରି ଜୀବନ୍ତ ଗ୍ରହ ମାନଙ୍କ ଉପାଦାନକୁ କଶ୍ୟପ କୁହାଯାଉଥିଲା । କୋଟି, କୋଟି ବର୍ଷ ପରେ ସୃଷ୍ଟିର ନିୟମ ଅନୁସାରେ ଏହି ଗ୍ରହ ଓ ତାରା ମାନେ ଶକ୍ତିହୀନ ବା ମୃତ ହୋଇଗଲେ ଓ ଧୂଳି କଣାରେ ପରିଣତ ହୋଇ ଗୋଟିଏ କୃଷ୍ଣାବର୍ତ୍ତ ( ପୁରୀକୁ ଶଙ୍ଖ ନାଭିମଣ୍ଡଳ କୁହାଯାଏ । ବିଷ୍ଣୁଙ୍କ ହସ୍ତରେ ଥିବା ଶଙ୍ଖ ହେଉଛି ଏହି ନାଭି । ଶ୍ରୀମଦ୍ ଭାଗବତ ଅନୁସାରେ ସତ୍ତ୍ୱ ବିକାରରୁ ମନ, ଜଳରୁ ପୃଥିବୀ ବା ଜୀବନ, ଏହାପରେ ବିଜ୍ଞାନ ମହିମାରେ କୌଣସି ସ୍ଥାନ ପାଇନଥିବା ଭୂତମାନେ ଏକତ୍ରିତ ହୋଇ ଅଣ୍ଡ ସୃଷ୍ଟି କଲେ । ତେଜ ବିକାରରୁ ବୁଦ୍ଧି, ଇନ୍ଦ୍ରିୟ ଆଦି ଜନ୍ମ ହେଲେ । ଜୀବର ଅଙ୍ଗ ମାନେ ସୃଷ୍ଟି ହେଲା । କିନ୍ତୁ କେବଳ ଭଗବାନ ହିଁ ଅଚେତନ ଜୀବଠାରେ ଚେତନା ସୃଷ୍ଟି କଲେ । ଏହି ଅଣ୍ଡ ବହୁଦିନ ଜଳରେ( ପୃଥିବୀରେ ପ୍ରଥମେ ଜଳରୁ ଜୀବନ ସୃଷ୍ଟି) ରହିବା ପରେ ଜୀବ ମାନେ ଜନ୍ମ ହେଲେ । ବିଷ୍ଣୁଙ୍କ ନାଭିରେ ଭୁର୍ବ ଲୋକ, ଶିରରେ ସତ୍ୟ ଲୋକ, କଣ୍ଠରେ ମହର୍ଲୋକ ଆଦି ଓ ତଳ ମାନେ ପାଦ ପର୍ଯ୍ୟନ୍ତ ରହିଥିଲେ । ଭୁଲୋକ ଥିଲା ପୃଥିବୀ । ବିଷ୍ଣୁଙ୍କଠାରୁ ଉତ୍ପତ୍ତି ଏହି ଉପାଦାନ ଓ ଲୋକ ମାନେ ମାନବଠାରେ ମଧ୍ୟ ନିର୍ଦ୍ଦିଷ୍ଟ ରହିଅଛି । ଏହି ଭୁର ଲୋକ ହେଉଛି ନାଭି, ଯାହା ମଧ୍ୟ ଭାଗରେ ଥାଇ ଉଭୟ ଦିଗରେ ଜୀବନ ସଞ୍ଚାଳନ କରେ । ଏହା ବ୍ୟତୀତ ଜୀବନ ଧାରଣ ହୁଏନାହିଁ । ଅଶ୍ୱିନୀ କୁମାର ମାନେ ନାସାରେ ଥାଇ ବାୟୁଚାଳନା ବା ରୋଗ ପ୍ରତିରୋଧ କରନ୍ତି । ଦେହର ନାଡୀ ମାନେ ନଦୀ ଏବଂ ରସନା ସର୍ବଦା ଜଳ ଦେଉଥିବାରୁ ଏହା ବରୁଣ ବା ସମୁଦ୍ର, ଅଗ୍ନିରୁ ଶବ୍ଦ ସୃଷ୍ଟି ହେଲା । ଏହା ନାଭିକ(ସୁପର ନୋଭା କୃଷ୍ଣା ଗର୍ତ୍ତ ଅଞ୍ଚଳ । ହୋଇପାରେ ! ଯାହା ମଧ୍ୟରେ ବିଶ୍ୱର କୌଣସି ଶକ୍ତି ପ୍ରବେଶ କରିପାରନ୍ତି ନାହିଁ । ଏହି କୃଷ୍ଣ ଗର୍ତ୍ତ ମଧ୍ୟରେ ବିଶାଳ ଜଳ ରାଶି ଥିବାର ସନ୍ଧାନ ମିଳିଛି । (ପଠିତ) ଏହା ହିଁ ସୃଷ୍ଟିର ଆରମ୍ଭ ଓ ଶେଷ ସ୍ଥାନ ଓ ପୁଣି ପୁନର୍ଜନ୍ମ ଦେଇଥାଏ ।) ସୃଷ୍ଟି କରି ଅପର ପାର୍ଶ୍ୱରେ ବା ସେହିଠାରେ ଏକ ନୀହାରୀକା ସୃଷ୍ଟି କଲେ । ଏହି ନୀହାରିକାର ଆକୃତି ଏକ ପ୍ରଜାପତି ପରି ଥିଲା । ଏହାହିଁ ଥିଲା ବ୍ରହ୍ମାଙ୍କ ସ୍ୱରୂପ । କିନ୍ତୁ ସେହି ଧୂଳି କଣ ମଧ୍ୟରେ, ଶରୀର ମଧ୍ୟରେ ଚେତନା ବା ଆତ୍ମାପରି ଶକ୍ତିମାନେ ଅମୃତ ହୋଇ ରହିଥିଲେ । ଏହି ପ୍ରଜାପତି ନୀହାରିକ । ମଧ୍ୟରେ ସୃଷ୍ଟିର ପ୍ରସାରଣ କରୁଥିବା ନବଧା ପ୍ରଜାପତିଙ୍କ ସହ ସମସ୍ତ ପ୍ରଜାପତି ମାନେ,ଯେଉଁ ମାନେ ବଂଶ ରକ୍ଷା ଓ ନୂତନ ଜୀବ ସୃଷ୍ଟି କରନ୍ତି, ସମସ୍ତେ ବାସ କରୁଥିଲେ । ମନ୍ଥନ (ଧୀରେ ଧୀରେ ଗୋଟିଏ ସ୍ଥାନର ଅଣୁ ଅନ୍ୟ ସ୍ଥାନରେ ମିଶାଇବା ) ବା ବିଭାଜନ କରିବା, ପାଳନ କରିବା, ଯୁକ୍ତ ବା ଯୋଗ ବା ଗୁଣିତକ କରିବା ଓ ମିଶ୍ରଣ କରି ସୃଷ୍ଟିର ପ୍ରସାରଣ କରିବା ପ୍ରଜାପତି ମାନଂକ କାର୍ଯ୍ୟ ଥିଲା । ଏଥିରେ ଅଦିତି ଜ୍ୟୋତି (ପ୍ଲାଜମା) ଥିଲେ ଏବଂ ସେମାନେ କ୍ରମେ ଛାୟା ପଥ ମାନ ସୃଷ୍ଟି କଲେ ଓ କ୍ରମେ ଆକାଶ ଗଙ୍ଗା ଛାୟାପଥ ମଧ୍ୟରେ ଏକ ନିହାରିକା । ଓ ସେଥିରୁ ଏକ ଅଣ୍ଡ ସୃଷ୍ଟି କଲେ । ସେହି ଅଣ୍ଡରୁ ସୂର୍ଯ୍ୟ ଓ ଗ୍ରହ ମାନେ ସୃଷ୍ଟି ହେଲେ । ଅଦୃଶ୍ୟ ଭାବରେ ଏହି ବ୍ରହ୍ମ ବିଭିନ୍ନ ଲୋକ ବା ଜଗତ ମଧ୍ୟ ସୃଷ୍ଟି କଲେ ଓ ସେହି ଉପାଦାନ ମନୁଷ୍ୟ ଶରୀର ରେ ଯୁକ୍ତ ହେଲା । (ଗୀତାରେ ଭଗବାନ କହିଛନ୍ତି ଯେ ସମସ୍ତ ଜୀବମାନଂକ ମଧ୍ୟରେ ମୁଁ ଅଛି । କିନ୍ତୁ ମୋ ମଧ୍ୟରେ ସେମାନେ କେହି ନାହାନ୍ତି ।) ଦିତି, ଏହି ପ୍ରଜାପତି ମାନବ ମାନଂକଠାରୁ ସହସ୍ର ଗୁଣରେ ଶକ୍ତିଶାଳୀ ଥିଲେ ଓ ନିବିଡ ଅନ୍ଧକାର ମଧ୍ୟରେ ମାନବ ଠାରୁ କୋଟି, କୋଟି ଗୁଣ ଦୃଷ୍ଟି, ଶ୍ରବଣ, ପର୍ଯ୍ୟବେକ୍ଷଣ ଆଦି ଶକ୍ତି ବଳରେ ଅତି ଶୃଙ୍ଖଳିତ ଭାବେ ନିଜର କାର୍ଯ୍ୟ କରି ଚାଲି ଥିଲେ ।'

'ତାପରେ ?'

'ଦିତୀ, ପ୍ରାୟ ଚାରିଶହ ପଚାଶ କୋଟି ବର୍ଷ ତଳେ ସୂର୍ଯ୍ୟ ସୃଷ୍ଟି ହେଲେ । ଏହାପରେ ବୃହସ୍ପତି ଓ ପୃଥିବୀ ଆଦି ସୃଷ୍ଟି ହେଲେ । ବୁଧ ,ଶୁକ୍ର ଓ ମଙ୍ଗଳ ଗ୍ରହ ସୃଷ୍ଟି ହୋଇ ନଥାନ୍ତି । ସେହି ସମୟରେ ପୃଥିବୀ ଓ ବୃହସ୍ପତି ମଧ୍ୟରେ ଏକ ଗ୍ରହ ବା ଉପଗ୍ରହ ଥିଲା । ଏହାର ନାମ ତାରା । ପୃଥିବୀ ଅଣ୍ଡାକାର ପଥରେ ସୂର୍ଯ୍ୟଙ୍କୁ ପରିକ୍ରମା କରୁଥିଲା ବେଳେ, ଏହା ଏକ ବିଶାଳ ବୃତ୍ତାକାର ପଥରେ ପରିକ୍ରମା କରୁଥିଲା ଓ ଉଭୟର କକ୍ଷ ପଥ ଦୁଇଟି ସ୍ଥାନରେ ପରସ୍ପରକୁ ଛେଦ କରୁଥିଲେ । କୌଣସି ସମୟରେ ଉଭୟ ଗ୍ରହ ମଧ୍ୟରେ ଧକା ଲାଗି ପୃଥିବୀର ଗୋଟିଏ ବିଶାଳ ଖଣ୍ଡ ଓ ଗୋଟିଏ କ୍ଷୁଦ୍ର ଖଣ୍ଡ ଏବଂ ଏହି ଗ୍ରହର ଏକ ବିଶାଳ ଓ କ୍ଷୁଦ୍ର ଖଣ୍ଡ ତଫାତ ହୋଇ ପୃଥିବୀ ଚାରିପଟେ ଘୁରିବୁଲିଲେ । ସମୟ କ୍ରମେ ବିଶାଳ ଖଣ୍ଡଟି ତାରାର କ୍ଷୁଦ୍ର ଖଣ୍ଡ ସହ ଯୁକ୍ତ ହୋଇ ଚନ୍ଦ୍ର ସୃଷ୍ଟି ହେଲେ ଓ ତାରାର ବିଶାଳ ଖଣ୍ଡଟି ପୃଥିବୀର କ୍ଷୁଦ୍ର ଖଣ୍ଡ ସହ ମିଳିତ ହୋଇ ବୁଧ ଗ୍ରହ ସୃଷ୍ଟି ହେଲେ ଓ ସୂର୍ଯ୍ୟଙ୍କ ନିକଟକୁ ଟାଣି ହୋଇ ଘୁରିବାରେ ଲାଗିଲେ । (କଳ୍ପିତ) । ଏହାପରେ ଅନ୍ୟ କେତେକ ଗ୍ରହ ସୃଷ୍ଟି ହେଲେ । ସୂର୍ଯ୍ୟଙ୍କ ପୂର୍ବରୁ ଧ୍ରୁବ ତାରା ସୃଷ୍ଟି ହୋଇ ଥିଲେ । ସେ ବର୍ତ୍ତମାନର ଧ୍ରୁବ ତାରା ନଥିଲେ । ଜୀବନ ସୃଷ୍ଟିର ଆରମ୍ଭରେ ଆକାଶରେ ଦେଖା ଦେଇଥିଲେ କଶ୍ୟପ ତାରା । (କାସ୍ୱିଆ ନାମରେ ଏକ ତାରା ତିନି ଶହ କୋଟି ବର୍ଷପୂର୍ବେ ଥିଲା । ଏହା କଶ୍ୟପ ତାରା ହୋଇପାରେ !! କିନ୍ତୁ ବିଜ୍ଞ ମାନଂକ ମତରେ କଶ୍ୟପ ଏକ ସପ୍ତ ଋଷି ମଣ୍ଡଳ ମଧ୍ୟରେ ଥିଲେ । ପଚାଶ କୋଟି ବର୍ଷ ହେଲା ସେ ଆଉ ଆକାଶରେ ନାହାନ୍ତି । ପ୍ରଥମେ ଯଦି ପୃଥିବୀର ଦିନ, ରାତି ଛ' ଘଣ୍ଟା ଥିଲା, ପ୍ରଥମ କୋଟିରେ ତିନି ଘଣ୍ଟା, ଦ୍ୱିତୀୟ କୋଟିରେ ଚାରି ଘଣ୍ଟା, ତୃତୀୟ କୋଟି ରେ ପାଞ୍ଚ ଘଣ୍ଟା ଓ ଚତୁର୍ଥ କୋଟିରେ ଛ ଘଣ୍ଟାରୁ ଚାରି ଘଣ୍ଟା ବଢ଼ିଛି । ଶେଷ ଶୋହଳ ଘଣ୍ଟା ଏକରୁ ଛ କୋଟି ବର୍ଷ ପୂର୍ବେ ସୃଷ୍ଟି ହୋଇଥିଲା ।

(କ୍ରମଶଃ)


+ ବାଲିଝରି, କାନପୁର, ବଡ଼ମ୍ବା, କଟକ


## ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ

ଟିନା ଚଲାନ

ଦଶରଥ ସୁତ ତୁମେ ଅଟଇ ଶ୍ରୀରାମ
କୌଶଲ୍ୟା ନନ୍ଦନ ତୁମେ ରାଜିବ ଲୋଚନ ।

ପିତା ସତ୍ୟ ରକ୍ଷା ପାଇଁ ଗଲ ବନବାସ
ଭାଇ ଲକ୍ଷ୍ମଣ ସହ ବନେ ସୀତା କଲେ ବାସ।।

ପ୍ରଜା ର ପ୍ରିୟ ତୁମେ ରଘୁକୂଳନାଥ
ପ୍ରଜା ପାଇଁ ତ୍ୟାଗ କଲ ଭାରିଜାର ହାତ ।।

ବନେ ଜାଇ କରିଥିଲ ଦାନବଙ୍କ ନାଶ
ଋଷି ମୁନି ମାନେ ବନେ
କଲେ ଆନନ୍ଦରେ ବାସ।

ଭାବରେ ବାନ୍ଧି ହୋଇ ଶବରୀ ଅଇଁଠା ଖାଇଲ
ମାଁର ସ୍ଥାନ ଦେଇ ବୈକୁଣ୍ଠକୁ ନେଲ ।

ସୁଗ୍ରୀବ ସହ ମୈତ୍ର କରି ବାଲିକୁ କଲ ବଧ
କିଷ୍କିନ୍ଧ୍ୟାର ରାଜା କରି ମିତ୍ରତାର
ରଖିଲ ଯେ ଭାବ।

ଶ୍ରୀ ରାମଙ୍କର ଭକ୍ତ ଅଟଇ ହନୁମାନ
ଲଙ୍କା ଜାଇ ମାତା ସୀତାଙ୍କର
ଆଣିଲେ ସନ୍ଧାନ।

ବିଭିଷଣଙ୍କୁ ରାଜା ହେବ ବୋଲି
ଦେଇଥିଲ ଯେ ବଚନ
ରାବଣର ବଧ କରି ଲଙ୍କାର
କରାଇଲ ରାଜନ।

ମର୍ଯ୍ୟାଦାରେ ରହି ତୁମେ ରାଣୀ
ମନ୍ଦୋଦରୀ ଛାଇରୁ ଘୁଂଚିଲ
ମର୍ଯ୍ୟାଦା ପୁରୁଷୋତ୍ତମ ବୋଲି
ଜଗତେ ବୋଲାଇଲ।


+ଖଡ଼ିଆଳ, ନୂଆପଡ଼ା


## ସମୟ ପଥେ

ସୁନନ୍ଦା ମହାନ୍ତି

ଅପରାହ୍ନ ଯାଇ ସାୟାହ୍ନ ହେଲାଣି
ବୟସ ମାଗୁଛି ଦିଅ ମେଲାଣି
ବୟସର ଯେତେ ମାନ ଅଭିମାନ
ପୁରୁଣା ହେଲାଣି ଛିଡି ଗଉଣି।

ବାପାଙ୍କ ରାଜକୁମାରୀ ହଜିଲା ଯେବେ
ହୋଇ କାହା ଘରର ରାଣୀ
ଫଗୁଣରେ ଫଗୁ ଶ୍ରାବଣରେ ଫଳ୍ଗୁ
ସାଜି ପାଲା କଲା ଫାଲ୍ଗୁନୀ।

ମଳୟ ଚଇତି କେତେ ଚିତ୍ରଗୀତି
ଜୀବନ ଯମୁନା ଉଠାଣି ଗଡ଼ାଣି
ପ୍ରେମ ବତୁରା ସ୍ୱପ୍ନ ଅଧୁରା
ଚୈତନ୍ୟ ଚେତନା କହେ କାହାଣୀ।

ବିତିଲା ଦିନର ପିଛିଲା କଥାର
ମାନେ ନାହିଁ ବହି ପୃଷ୍ଠା ହେଲାଣି
କିଏ କେତେ ଆସି ଏ ଧରା ଧାମକୁ
ସ୍ୱର୍ଣ୍ଣ ଅକ୍ଷରେ ନାମ ଲେଖି ଗଲେଣି।

ଫେରିବକି ଆଉ ଜୀବନେ ସେଦିନ
ସ୍ୱପ୍ନ କେବେ ବାସ୍ତବ ହେଲାଣି
ସଂସାର ନାଆର ଦଦରା ଆହୁଲା
ତୁଠ ପଥରଟା କହେ କାହାଣୀ।

ପୁରୁବା ପବନ ପୁବେଇ ନଇଧାରେ
ସୁରୁଜ ପରିକା ଡୁବି ଗଲାଣି
କେତେ କାହାଣୀ ଜିଇଁ ମରି ଏଠି କହେ
କିଏ ରାଜା ଅବା କିଏ ରାଣୀ ମାଲ୍ୟାଣୀ।


+ସାକ୍ଷୀଗୋପାଳ
ପୁରୀ
ମୋ: ୯୦୪୦୯୭୭୩୨୭


## ଚିତ୍ରକରର ଚିତ୍ରକଳା

ପ୍ରତିଭା ଦାଶ

ନୁହେଁ ସେ ବିଶ୍ୱକର୍ମା
ନୁହେଁ ସେ ଯାଦୁଗର
ତଥାପି ଗଢି ତୋଳେ ରଙ୍ଗ ବେରଙ୍ଗ
ସୁନ୍ଦର ମନୋହର ଚିତ୍ର ।

ହାତରେ ଧରି ତୂଳୀ
ସଜେଇ ଦିଏ ଥୁଣ୍ଟା ଗଛକୁ ସବୁଜ
କରିଦିଏ କଞ୍ଚାକୁ ପାଚିଲା
ଗଣିଦିଏ ଉଡ଼ନ୍ତା ଚଢ଼େଇର ପର ।

ଶୁଷ୍କ ନିର୍ଜୀବକୁ କରେ ଜୀବନ୍ତ
କାନ୍ଥକୁ କରେ କେତେବେଳେ ପାହାଡ଼
ପୁଣି କେବେ ଜଙ୍ଗଲ କେବେ ସମୁଦ୍ର
ତା' ମନ ଇଚ୍ଛାରେ ଦିଏ ରୂପ ।

ମନ ଯାଏ କ୍ଷୀପ୍ର ବେଗେ
ମାତ୍ର ମନକୁ ସେ ତୂଳୀରେ କରିଛି ଆୟତ୍ତ
ଯାହା ଚାହେଁ ସେଥିରେ
ଦିଏ ଆକୃତି ଆକାର ।

ଚିତ୍ରକରର ନାହିଁ କାହା ସଙ୍ଗେ ତୁଳନା
ଭଗବାନଙ୍କ ସୃଷ୍ଟିରେ ସେ ପାଇଛି
ଏକ ଅପରୂପ ବରଦାନ
ତା' କଳା ଜଗତେ ହୁଏ ପ୍ରଶଂସିତ
ଆଖି ଯାଏ ଲାଖି ଦେଖି
ତା' ଚିତ୍ରର ସୁନ୍ଦରତା ।


+ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଡୁମେରପାଣି, ନୂଆପଡ଼ା
ମୋ:-୭୮୯୪୫୨୮୪୯୩


## ତୋ ବିନା

ଶୁଭଶ୍ରୀ ଜେନା

ତୋ ବିନା କବିତା ମୋ ନୁହେଁ ସେ କବିତା
ଯେଉଁଠାରେ ନାହିଁ ଫୁଟି ଉଠିବାକୁ
ଶବ୍ଦର ପରାକାଷ୍ଠା
ଝୁରି ହୁଏ ମନ ମୋର ତୋ ଶବ୍ଦର ଚାତୁରୀ
ସେ ଶବ୍ଦର ଛନ୍ଦେ ଛନ୍ଦେ ତତେ
ଦିଅନ୍ତି ସଜେଇ ।

ସତେକି ସେ ନିଷ୍ପାପ ହୃଦୟର
ସ୍ପନ୍ଦନଟି ତୁମେ
କଳ୍ପନାର ନୀରୀମାଖି ପୁନେଇଁର
ଜହ୍ନଟିଏ ତୁମେ
କବିତା ଯେ ସୃଜନୀ ମରାଳମାଳିନୀ
ଲେଖି ଯାଇଛନ୍ତି କେତେ
କବି ମହିୟସୀ ।

କବିତା ଏକ ଲହରୀ ବହିଯାଏ
ଧାନର କ୍ଷେତରେ
ହଳୁଆର ଗୀତ ହୋଇ
ସୁଲୁସୁଲିଆ ସଞ୍ଜବେଳେ
କେତେବେଳେ ଶବ୍ଦ ସବୁ ବିଞ୍ଚିହୁଏ
ପ୍ରକୃତି କୋଳରେ
ପୁଣି କେତେବେଳେ ଉତପ୍ତ
ମରୁଭୂମିର ମରୀଚିକାଧାରେ ।

ବହିଯାଏ ଅଦିନିଆ ବର୍ଷା ଝଡି ପରି
ସାଉଁଟି ଆଣେ କେଜାଣି
କେତେ ସ୍ମୃତି ଅସୁମାରୀ
ବିଭିନ୍ନତାରେ ଅଭିନ୍ନତାର ଭରିଦେଇ ରଙ୍ଗ
ସେ ଫଗୁଣରେ ରଙ୍ଗ ଖେଳେ
ଏହି ଧରା ଧାମ ।


+ଜଗତସିଂହପୁର
ମୋ: ୭୩୮୧୪୦୨୫୨୮

# ଅଦିନିଆ କାଳ ବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି : ଗଛ ପଡି ଜାତୀୟ ରାଜପଥ ଅବରୋଧ

ଚମ୍ପୁଆ, ୦୭/୧୦ (ନି.ପ୍ର): ଚମ୍ପୁଆ ସଦର ମହକୁମା ରେ ଅଦିନିଆ କାଳ ବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାପଡ଼ିଛି। ଅପରାହ୍ନ ପ୍ରାୟ ତିନି ଘଟିକା ସମୟରେ ହଠାତ୍ ପ୍ରବଳ ବେଗରେ ପବନ ବୋହିବା ସହ ଘଡଘଡି ମାରିବା ସହ ବର୍ଷା ହୋଇଥଲା। ପ୍ରାୟ ଚାଳିଶ ମିନିଟ ଧରି ଚମ୍ପୁଆରେ ପ୍ରବଳ ବର୍ଷା ହୋଇଥିଲା । ପାଣିପାଗ ବିଭାଗ ସୂଚନା ଅନୁସାରେ ଚାଳିଶ ମିନିଟ ମଧ୍ୟରେ ଚମ୍ପୁଆରେ ୭୬ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଏହାର ପ୍ରଭାବରେ ଚମ୍ପୁଆ ବସ ଷ୍ଟାଣ୍ଡରୁ ନିକୋଲସନ୍ ବନବିଦ୍ୟାଳୟ ମଧ୍ୟରେ ରାଜପଥ ଉପରେ ବହୁ ବଡ଼ ବଡ଼ ଗଛ ଡ଼ାଳ ଭାଙ୍ଗିପଡ଼ିବା ସହ ବନ ବିଦ୍ୟାଳୟ ସମ୍ମୁଖରେ ଏକ ବଡ ସିତାହାର ଗଛ ଉପୁଡ଼ି ପଡିଥିଲା । ଜାତୀୟ ରାଜପଥ ଉପରେ ଗଛ ପଡିବା ଯୋଗୁଁ ରାସ୍ତା ଅବରୋଧ ହେବା ସହ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏଥିଯୋଗୁଁ ରାଜପଥ ର ଦୁଇ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା। ଖବରପାଇ ଚମ୍ପୁଆ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଂଚି ଗଛ କାଟି ରାସ୍ତାକୁ ସଫା କରିଥିଲେ। ପ୍ରାୟ ଦୁଇ ଘଂଟା ପରେ ରାଜପଥରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା । କାଳ ବୈଶାଖୀ ଯୋଗୁ ବୁଧବାର ଚମ୍ପୁଆ ଅଂଚଳର ଅନେକ ସ୍ଥାନରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ଜଣାପଡିଛି। ଏଥି ସହିତ ଚଡକ ମାରିବା ଯୋଗୁଁ ଚମ୍ପୁଆ ନିକଟବର୍ତ୍ତୀ ଝାଡଖଣ୍ଡର ଦଳପଶି ଗ୍ରାମରେ ଛେଳି ଚରାଉ ଥିବା ବେଳେ ନରୋତମ କେରାଇ ନାମକ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

# ସୁନ୍ଦରଗଡ଼ରୁ ବାହାରିଲେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ

ସୁନ୍ଦରଗଡ଼, ୦୭/୧୦ (ନି.ପ୍ର): ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ଆଜି ତୀର୍ଥ ଯାତ୍ରୀ ମାନେ ସମ୍ବଲପୁର ଅଭିମୁଖେ ଯାତ୍ରା କରିଛନ୍ତି। ସମ୍ବଲପୁରରୁ ଆସନ୍ତା କାଲି ଏକ ସ୍ୱତନ୍ତ୍ର ଟ୍ରେନ ମାଧ୍ୟମରେ ଅଯୋଧ୍ୟା ଏବଂ ବାରାଣାସୀ କୁ ଯାତ୍ରା କରିବେ। ଏହି ଅବସରରେ ଆଜି ସ୍ଥାନୀୟ ବିକାଶ ଭବନ ପରିସର ଠାରେ ବିଭିନ୍ନ ବ୍ଲକରୁ ଆସିଥିବା ତୀର୍ଥ ଯାତ୍ରୀ ମାନଙ୍କର ବସକୁ ଉପ - ବାଚସ୍ପତି , ଓଡ଼ିଶା ବିଧାନସଭା, ଭବାନୀ ଶଙ୍କର ଭୋଇ , ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ନିରଞ୍ଜନ ମହାପାତ୍ର ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ସୁନ୍ଦରଗଡ଼ ଜିଲ୍ଲାରୁ ମୋଟ ୧୭୭ ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି । ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ତୀର୍ଥ ଯାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପ୍ରକାଶ ଥାଉ କି ଏହି ତୀର୍ଥ ଯାତ୍ରାରେ ଉତରାଂଚଳ ରାଜସ୍ୱ ଡିଭିଜନର ୭ ଗୋଟି ଜିଲ୍ଲାର ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି।

# ଲାଂଚୁଆ ଗିରଫ ସହକାରୀ ଯନ୍ତ୍ରୀ ଗଲେ ଜେଲ

ଜୟପୁର, ୦୭/୧୦ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଗତକାଲି ଅପରାହ୍ନରେ କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସହକାରୀ ଯନ୍ତ୍ରୀ ସରକାରୀ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢଉ କରାଯାଇ ୨୦ ହଜାର ଟଙ୍କା ଲାଂଚ ନେଉଥିବା ଅଭିଯୋଗରେ ସହକାରୀ ଯନ୍ତ୍ରୀ ଲମ୍ବୋଧର ନାୟକଙ୍କୁ ଗିରଫ କରାଯାଇଛି । ଗତକାଲି ଭିଜିଲାନ୍ସ ବିଭାଗ ପକ୍ଷରୁ ଏସ.ପି କାର୍ଯ୍ୟାଳୟରେ ରଖାଯାଇ ପଚରାଉଚରା ପରେ ଆଜି ସଂଧ୍ୟାରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ କୋର୍ଟରେ ହାଜର କରାଯାଇଥିଲା । ଏହିପରି ତାଙ୍କ ଆଇନଜୀବିଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇଥିଲା । ଏହି ଜାମିନ ଶୁଣାଣି ଆସନ୍ତା ୧୮ ତାରିଖରେ ଧାର୍ଯ୍ୟ କରାଯାଇଛି । ଏହିପରି ଅଭିଯୁକ୍ତ ସହକାରୀ ଯନ୍ତ୍ରୀ ଶ୍ରୀ ନାୟକଙ୍କୁ ବିଚାର ବିଭାଗିୟ ସ୍ଥାନୀୟ ସ୍ୱତନ୍ତ୍ର ଜେଲ ହାଜତକୁ ପଠାଯାଇଛି । ପ୍ରକାଶ ଯେ, କୁନ୍ଦୁରା ବ୍ଲକ ଏକ ମନେରେଗା ଯୋଜନାର କାର୍ଯ୍ୟର ବକେୟା ବିଲ ବାବଦକୁ ୨୦ ହଜାର ଟଙ୍କା ଲାଞ୍ଚ ନ ନେଉଥିବା ବେଳେ ପୂର୍ବରୁ ଅଭିଯୋଗ କ୍ରମେ ଭିଜିଲାନ୍ସ ଦଳ ଚଢଉ କରିବା ସହ ଅଭିଯୁକ୍ତଙ୍କ ଗିରଫ କରିବା ସହ ତାଙ୍କ ନିକଟରୁ ଲାଂଚ ଟଙ୍କା ଜବତ କରିଥିଲେ । ଏହିପରି ହାତ ପାଣିରେ ଧୋଇବା ବେଳେ ଟଙ୍କାରେ ଲେପନ ହୋଇଥିବା ରସାୟନିକ ପଦାର୍ଥ ଯୋଗୁଁ ତାଙ୍କ ହାତ ଲାଲ ହୋଇଯାଇଥିଲା । ଅଭିଯୁକ୍ତ ସ୍ଥାନୀୟ ଜଣେ ଠିକାଦାର ପ୍ରଫୁଲ୍ଲ କୁମାର ସ୍ୱାଇଁ ନାମକ ଜଣେ ବ୍ୟକ୍ତି ୬ ଲକ୍ଷ ଟଙ୍କା ମନେରେଗା ଯୋଜନା କାର୍ଯ୍ୟ ନିର୍ମାଣ କରିଥିଲେ । ବକେୟା ରହିଥିବା ବିଲ ୩ ଲକ୍ଷ ୧୭ ହଜାର ଟଙ୍କା ବିଲ ବାବଦରୁ ୭୫ ହଜାର ଟଙ୍କା ଲାଂଚ ମାଗିଥିଲେ। ପୂର୍ବରୁ ୨୦ ହଜାର ଅଗ୍ରିମ ଭାବେ ଅଭିଯୁକ୍ତ ୨୦ ହଜାର ଟଙ୍କା ଲାଂଚ ନେଇଥିବା ବେଳେ ବକୟା ମଧ୍ୟରୁ ଗତକାଲି ୨୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଦଳ ବସିଥିଲା । ଏହି ମାମଲାରେ ସ୍ଥାନୀୟ ଜିଆରଏସଙ୍କୁ ମଧ୍ୟ ଭିଜିଲାନ୍ସ ବିଭାଗ ଆଣି ପଚରା ଉଚରା ପରେ ତାଙ୍କ ବିରୋଧରେ କୌଣସି ସୂରାକ ନ ମିଳିବାରୁ ଛାଡି ଦେଇଥିଲେ । ଭିଜିଲାନ୍ସ ଏସ.ପି ରବିନ୍ଦ୍ର ନାଥ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଡିଏସପି ସଦାନନ୍ଦ ପାଣି, ଅଭୟ ପ୍ରଦାନ, ଇନସପେକ୍ଟର ସୂର୍ଯ୍ୟ ପ୍ରକାଶ ନାୟକଙ୍କ ନେତୃତ୍ୱରେ ଭିଜିଲାନ୍ସ ଦଳ ଏହି ଚଢଉରେ ସାମିଲ ରହିଥିଲେ । ଏହିପରି ଅଭିଯୁକ୍ତ ସହକାରୀ ଯନ୍ତ୍ରୀଙ୍କ ପୈତୃକ ଗ୍ରାମ କେନ୍ଦୁଝର ଜିଲ୍ଲା ଗୃହରେ ଉପରେ ଚଢଉ କରାଯାଇ ଯାଂଚ କରାଯାଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ତୁଳସୀ କଲଚରାଲ ତରଫରୁ ସ୍ମୃତିସଭା ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୦୭/୧୦ (ନି.ପ୍ର): କେନ୍ଦ୍ରାପଡ଼ାର ଅଗ୍ରଣୀ ଥିଏଟର ନାଟ୍ୟାନୁଷ୍ଠାନ 'ତୁଳସୀ କଲଚରାଲ ଆସୋସିଏସନ ' ତରଫରୁ ବରିଷ୍ଠ ମଂଚ ଅଭିନେତା,ସୁସଂଗଠକ ଓ ଦନ୍ତ ଚିକିତ୍ସକ ଗଙ୍ଗାଧର ପାତ୍ରଙ୍କ ମୃତ୍ୟୁ ଉଦେଶ୍ୟରେ ଏକ ମିଳିତ ସ୍ମୃତିସଭା ସ୍ଥାନୀୟ ଗଣକ୍ଷମାହାଲସ୍ଥିତ ' ଡେଷ୍ଟିନେସନ ମଣ୍ଡପ' ଠାରେ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସଦସ୍ୟ ସୁଧାଂଶୁ ଶେଖର ପଣ୍ଡା, ନିରଞ୍ଜନ ଦାସ,ପ୍ରଦୀପ ନାୟକ, ସମ୍ପାଦକ କୈଳାସ ମହାନ୍ତିଙ୍କ ମିଳିତ ପରିକଳ୍ପନା ଓ ସଦସ୍ୟ, କବି ଅଶୋକ କୁମାର ସାହୁଙ୍କ ମଂଚ ସଂଚାଳନ ଏହି ଆୟୋଜିତ ସଭାରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାହୁ, ସାହିତ୍ୟିକ ଶୁଭାଂଶୁ ଦାସ, ଚିତ୍ରଶିଳ୍ପୀ ରତ୍ନାକର ସାହୁ,ଯାତ୍ରା ନିର୍ଦ୍ଦେଶକ ଚିତ ଦାସ, ଯୁବ ରାଜନେତା ସୟଦ ଅବଦୁଲ ସତାର, ଆଇନଜୀବୀ ହାଡିବନ୍ଧୁ ସିଂହ, କବୟିତ୍ରୀ ବିଷ୍ଣୁପ୍ରିୟା ସାମଲ, ଗୀତାଞ୍ଜଳି ସାହୁ,ବରିଷ୍ଠ ଅଭିନେତା ପ୍ରଭାତ ସିଂ ସମେତ ଐଶ୍ୱର୍ଯ୍ୟ ରଞ୍ଜନଜେନା, କୈଳାଶ ସେନାପତି, ଇତିଶ୍ରୀ ଦାସ, ଅକ୍ଷୟ ସେନାପତି, ନିରଞ୍ଜନ ଦାସ, ବିକ୍ରମ ସାମଲ, ସାମ୍ବାଦିକ ଶାନ୍ତନୁ ମଲିକ,ମହେନ୍ଦ୍ର ସୁଆର, ଗଗନ ରାଉତ, ପ୍ରଭାକର ସାହୁ, ଉମାକାନ୍ତ ଜେନା, ରାଜୁ ପତ୍ରୀ, ସଂଯୁକ୍ତା ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାତ୍ରଙ୍କ ଜୀବନ ସମ୍ପର୍କିତ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ. ସର୍ବଶେଷରେ ସ୍ୱର୍ଗତ ପାତ୍ରଙ୍କ ସମସ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟମାନେ ଯୋଗଦାନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା. ଶେଷରେ ସଦସ୍ୟ ଅଜୟ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

# ସମ୍ବଲପୁର ରେଳମଣ୍ଡଳରେ ସ୍ୱତନ୍ତ୍ର ଅଭିଯାନ ୫.୦ ଅନ୍ତର୍ଗତ 'ଅମୃତ ସମ୍ବାଦ'

ସମ୍ବଲପୁର, ୦୭/୧୦ (ନି.ପ୍ର): ପୂର୍ବତଟ ରେଳପଥ, ସମ୍ବଲପୁର ମଣ୍ଡଳରେ ଆଜି ସମ୍ବଲପୁର ରେଳ ଷ୍ଟେସନରେ ସ୍ୱତନ୍ତ୍ର ଅଭିଯାନ ୫.୦ ଅନ୍ତର୍ଗତ "ଅମୃତ ସମ୍ବାଦ" କାର୍ଯ୍ୟକ୍ରମ ଆରମ୍ଭ କରିଛି । ଯାହାର ଲକ୍ଷ୍ୟ ରେଳ ପ୍ରଶାସନ ଏବଂ ଯାତ୍ରୀମାନଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗକୁ ସୁଦୃଢ଼ କରିବା । କାର୍ଯ୍ୟକ୍ରମ ସମୟରେ, ମଣ୍ଡଳ ରେଳ ପ୍ରବନ୍ଧକ ସମ୍ବଲପୁର, ସୁବାଷ ଚନ୍ଦ୍ର ଚୌଧରୀ, ଷ୍ଟେସନ ସଫାସୁତୁରା, ଏସ୍କାଲେଟର ପ୍ରବେଶ, ଅନ୍‌ବୋର୍ଡ ଖାଦ୍ୟ ଯୋଗାଣ ବ୍ୟବସ୍ଥା ଏବଂ ସୁରକ୍ଷା ପଦକ୍ଷେପ ସମେତ ବିଭିନ୍ନ ଯାତ୍ରୀ ସୁବିଧା ଉପରେ ମତାମତ ସଂଗ୍ରହ କରିବା ପାଇଁ ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ଚୌଧୁରୀ ସ୍ୱଚ୍ଛତା ଅଭିଯାନ ଅଧୀନରେ ଷ୍ଟେସନ ଏବଂ ଟ୍ରେନଗୁଡ଼ିକରେ ସ୍ୱଚ୍ଛତାକୁ ଆହୁରି ବୃଦ୍ଧି କରିବା ପାଇଁ ମଣ୍ଡଳର ଚାଲିଥିବା ପ୍ରୟାସ ଉପରେ ମଧ୍ୟ ଆଲୋକପାତ କରିଥିଲେ। ରେଳ ସେବାରେ ସ୍ୱଚ୍ଛତା, ପ୍ରତିକ୍ରିୟାଶୀଳତା ଏବଂ ଲୋକ-କୈନ୍ଦ୍ରିକ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଯାତ୍ରୀମାନଙ୍କ ଦ୍ୱାରା ଏହି ପାରସ୍ପରିକ ଆଲୋଚନା ଅଧିବେଶନକୁ ଭଲ ଭାବରେ ଗ୍ରହଣ ଏବଂ ପ୍ରଶଂସା କରାଯାଇଥିଲା । ଅମୃତ ସମ୍ବାଦ ପଦକ୍ଷେପ ନିରନ୍ତର ଆଲୋଚନା ଏବଂ ପ୍ରଭାବଶାଳୀ ମତାମତ କାର୍ଯ୍ୟକାରୀ କରି ଯାତ୍ରୀ ସନ୍ତୁଷ୍ଟିକୁ ଉନ୍ନତ କରିବା ପାଇଁ ସମ୍ବଲପୁର ମଣ୍ଡଳର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

# ଗ୍ରାମ୍ୟ ରାସ୍ତା ଶୋଚନୀୟ : ଯିବା ଆସିବାରେ ବାଧା

ଘଟଗାଁ, ୦୭/୧୦ (ନି.ପ୍ର): ସ୍ଥାନୀୟ ବ୍ଲକ - ତରାଗ୍ରାମପଂଚାୟତ ଅଧିନସ୍ଥ ମନତାଏବଂ ବେଢାପାଳ ଗ୍ରାମକୁ ପଂଚାୟତ ଠାରୁ ସଂଯୋଗ କରିଥିବା ୨ କିଲୋମିଟର ମାଟି ରାସ୍ତା ପୁନଃ ନିର୍ମାଣ କିମ୍ୱା ମରା ମତି ବର୍ଷ ବର୍ଷଧରି ହେଉନଥିବାରୁ ଅତି ଶୋଚନୀୟ ହୋଇ ପଡିଛି । ଫଳରେ ଦୁଇ ଗ୍ରାମର ଅଧିବାସୀ ଓ ଉକ୍ତ ରାସ୍ତାରେ ନିର୍ଭର କୁରୁଥିବା ଲୋକ ଓ ଜାନ ବାହାନଯିବା ଆସିବାରେ ବାଧା ସୃଷ୍ଟି ହୋଇଛି । ରାସ୍ତାଟି ଏପରି ଖାଲ ଖମାରେ ପୂର୍ଣ୍ଣ ହୋଇଛି ଯେ ଖରା ଦିନରେ ଯିବା ଆସିବାରେ ବାଧକ ସାଜି ଥାଏ । ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ରାସ୍ତା ନିର୍ମାଣ ପାଇଁ ଗ୍ରାମ ବାସୀ ଦାବୀ କରିଛନ୍ତି ।

# କେନ୍ଦ୍ରାପଡାରେ ବିଶ୍ୱ ପ୍ରାଣୀ ଦିବସ ପାଳନ

କେନ୍ଦ୍ରାପଡ଼ା, ୦୭/୧୦ (ନି.ପ୍ର): କେନ୍ଦ୍ରାପଡା ପ୍ରାଣୀ ସମ୍ପ ବିସର୍ଗ ଆନୁକୁଲ୍ୟରେ ମୁଖ୍ୟ ଚିକିତ୍ସାଳୟର ସଭା ଗୃହରେ ୧୦୦ ତମ ବିଶ୍ୱ ପ୍ରଣୀ ଦିବସ ପାଳନ କରାଯାଇଛି । ଉକ୍ତ ସଭାରେ ସି.ଡି.ଭି.ଓ ଡଃ ମନୋଜ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ସରକାରୀ ଜିଲ୍ଲାପାଳ ଦିନେଶ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଏସ୍.ପି.ସିଏ ର ଉପାଧ୍ୟକ୍ଷ ଫକୀର ଚରଣ ଖଟୁଆ,ଏଡି.ଭି.ଓ ଡଃ ପ୍ରଭଞ୍ଜନ ରଞ୍ଜନ କବି ଅଂଶ ଗ୍ରହଣ କରିଥିଲେ । ଉପନିର୍ଦ୍ଦେଶ ଡଃ ତୁଷାର ଚନ୍ଦ୍ର ମିଶ୍ର ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ଗୋଶାଳର ପ୍ରତିନିଧି ତରୁଣ ରଞ୍ଜନ ପ୍ରଧାନ, ବିଜୟ କୁମାର କବି, ସର୍ବେଶ୍ୱର ମିଶ୍ର, ସରୋଜ କୁମାର ଦାସ ଓ ସତ୍ୟଭାମା ରାଉତ ଯୋଗ ଇେଥିଲେ । ପ୍ରାକ ଐତିହାସିକ କାଳରୁ ପ୍ରଣୀଜଗତ ସହିତ ମାନବ ସମାଜର ସଂପର୍କ ଯୁଗ ଯୁଗ ଧରି ରହି ଆସିଛି । ଏକ ସୁସ୍ଥ ଓ ବିକଶିତ ସମାଜ ଗଠନ ଦିଗରେ ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କର ଭୂମିକାଗୁରୁତ୍ୱ ପୂର୍ଣ୍ଣ, କୀଟ ପତଙ୍ଗ ଠାରୁ ଆରମ୍ଭ କରି ବଣ ଜଙ୍ଗଲର ହିଂସ୍ର ପ୍ରାଣୀ ପର୍ଯ୍ୟନ୍ତଏକ ସନ୍ତୁଳିତ ଉନ୍ନତପ୍ରୁଷଣ ମୁକ୍ତ ସମାଜ ଗଠନ ପାଇଁ ଅପରିହାର୍ଯ୍ୟ । ଆମ ଓଡିଶାବଣ ଜଙ୍ଗଲ, ପହାଡପର୍ବତ, ସମୁଦ୍ର, ହ୍ରଦ, ନଈନାଳ, ଝରଣା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ହୋଇଥିବା ବେଳେ ଶିମିଳିପାଳର କଳାବାଘ ଠାରୁ ଆରମ୍ଭ କରି ଭିତର କନିକାର କୁମ୍ଭୀର, ଚିଲିକାର ରିଗାବାଢ ଡଲଫିନ୍ ଠାରୁ ଟିକରପଡାର ଅଭୟାରଣ୍ୟର ଜୀବଜନ୍ତୁ, ଗହୀର ମଥାର ଅଲିଭ ଭିତରେ କଇଁଛ ଓ ପାରାଦୀପ ସମୁଦ୍ରର ମାଛ, କଙ୍କଡା, ବିଶେଷ କରି ଶୀତ ଋତୁରେ ବିଶୋଗତ ସୁନ୍ଦର ପକ୍ଷୀମାନଙ୍କର ସମାଗମ ଆମ ଓଡିଶାର ବଣ, ଜଙ୍ଗଲ, ପାହାଡପର୍ବତ, ନୀନାଳ ଭଳି ପ୍ରାକୃତିକ ଆଶ୍ରୟ ସ୍ଥଳରେଅବସ୍ଥାନ କରି ଓଡିଶାକୁ ସୌନ୍ଦର୍ଯ୍ୟମୟ ଓ ଆକର୍ଷଣୀୟ କରି ଲକ୍ଷ ଲକ୍ଷ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିଥାନ୍ତି । ଏହି ସବୁ ପ୍ରାଣୀମାନଙ୍କର ଆଗମନ ଚଳ ପ୍ରଚଳ ଆମ ମଣିଷ ସମାଜ ପାଇଁ ବରାନ ସୃଶ ଜୈବ ବିଭିଧତାରେ ପରିପୂର୍ଣ୍ଣ ଓଡିଶାର ପ୍ରାକୃତିକ ସମ୍ପର ସୁରକ୍ଷା ସହିତ ପ୍ରାଣୀ ମାନଙ୍କର ସୁରକ୍ଷା ବୋ ସହିତ ହିଂସ୍ର ପ୍ରାଣୀ ମାନଙ୍କ ଆକ୍ରମଣରୁ ରକ୍ଷା ପାଇଁ ସତର୍କତା ଅବଲମ୍ବନ କରିବା ସଂପର୍କରେ ବକ୍ତାମାନେ ମତ ପ୍ରକାଶ କରିଥିଲେ । ସେଥିପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଥିବା ସଂପର୍କରେ ସି.ଡି.ଭି.ଓ ଡଃ ପଟ୍ଟନାୟକ ସୂଚନା ଇେଥିଲେ । ବୁଲା ଗାଈଗୋରୁ ଓ ଗାଁ ଗହଳରେ କୁକୁର ମାନଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ରାସ୍ତା ଘାଟରେ ୍ଘର୍ଘଟଣା ଘଟିବା ସହିତ ଲୋକମାନେ କୁକୁର କାମୁଡାର ଶିକାର ହେଉଛନ୍ତି । ତାହାର ପ୍ରତିକାର ପ୍ରତି ଦୃଷ୍ଟି ବୋକୁ ଏସ୍.ପି.ସି.ଏ ର ଉପାଧ୍ୟକ୍ଷ ଫକୀର ଚରଣ ଖଟୁଆ ଅନୁରୋଧ କରିଥିଲେ ।

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ଗ୍ରାମବାସୀ

ଘଟଗାଁ, ୦୭/୧୦ (ନି.ପ୍ର): ଘଟଗାଁ ବ୍ଲକ ପଇଦାପାଟଣା ପଂଚାୟତ ଠାରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର କାର୍ଯ୍ୟ ସମ୍ପୂର୍ଣ୍ଣ ସରିଯାଇଛି, ଆଉ କିଛି ଦିନପରେ ପାଠପଢା ଆରମ୍ଭ ହେବ। ତେବେ ଉକ୍ତ ବିଦ୍ୟାଳୟଟି ଖୁଂଟାପଡା ଠାରୁ ନୂଆଗାଁ କୁ ସଂଯୋଗ କରୁଥିବା ରାସ୍ତା କଡରେ ଅବସ୍ଥିତ। ଖୁଂଟାପଡା ଠାରୁ ନୂଆଗାଁ କୁ ଦୂରତ୍ୱ ତିନି କିଲୋମିଟର। ଆଗରୁ ଏ ରାସ୍ତା ଭଲଥିଲା। ଯେବେଠାରୁ ଏ ବିଦ୍ୟାଳୟ ତିଆରି କାର୍ଯ୍ୟ ଆରମ୍ଭହେଲା ସେହି ଦିନଠାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବଡ ବଡ ଗାଡି ଚଳପ୍ରଚଳ ଯୋଗୁ ରାସ୍ତା ଖାଲଢିପ ହୋଇଯାଇଛି। ରାସ୍ତା ସଙ୍କୁଚିତ ହେବା ସହିତ ପାଣି କାଦୁଅରେ ଚାଲିକି ଯିବା କଷ୍ଟକର ହୋଇଯାଇଛି। ଦୈନିକ ଦୁର୍ଘଟଣା ଘଟୁଛି। ବିଦ୍ୟାଳୟ କାମରେ ଯେତେ ସବୁ ମୋରମ୍, ମାଟିକୁ ଠିକାଦାର କଂଟ୍ରାକ୍ଟର ଓ ଇଞ୍ଜିନିୟର ମାନେ ରାସ୍ତା କଡରେ ପକାଇ ରାସ୍ତାକୁ ସଂକୀର୍ଣ୍ଣ କରି ବନ୍ଦ କରିଦେଇଛନ୍ତି। ଉକ୍ତ ବିଦ୍ୟାଳୟ ଭିତରେ ଚାଲିଛି ଅନେକ ଅସାମାଜିକ କାର୍ଯ୍ୟ। ବିଦ୍ୟାଳୟର ଦେଖାଶୁଣା କରୁଥିବା ଜଣେ ବେଙ୍ଗାଲୀ ଏଚ.ଏସ.ସି.ଏଲ. ର ପ୍ରୋଜେକ୍ଟ ଇଂଜିନିୟର ଯାହାର ନାମ ଆଇ.ଡି.ପ୍ରସାଦ ସେ ରାସ୍ତା ମରାମତି ହେବ ହେବ କହି ତିନିବର୍ଷ ହେଲାଣି ସ୍ଥାନୀୟ ଲୋକଙ୍କୁ ଠକି ଚାଲିଛନ୍ତି। ଆଜି ଉକ୍ତ ପଂଚାୟତର ଶହ ଶହ ଲୋକ ଆସି ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତା କାମ ନକଲେ ସବୁଦିନ ପାଇଁ ବିଦ୍ୟାଳୟ କୁ ତାଲା ପକାଇବାକୁ ଚେତାବନୀ ଦେଇଥିଲେ। ଖବରପାଇ ସ୍ଥାନୀୟ ସାମ୍ବାଦିକ ଓ ଢେଙ୍କିକୋଟ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଂଚିଥିଲେ। ଏ ସଂକ୍ରାନ୍ତରେ କାର୍ଯ୍ୟଭାର ନେଇଥିବା ତ୍ରିବେଣୀ କମ୍ପାନୀର ଏମଡି ଙ୍କୁ ପଚାରିବାରୁ ସେ ସନ୍ତୋଷମୂଳକ ଉତର ଦେଇ ପାରି ନଥିଲେ। ଟେଣ୍ଡର ହୋଇଛି ଏବଂ ଆର.ଡି ବିଭାଗ କୁ ଦିଆଯାଇଛି ବୋଲି କହିଥିଲେ। ଅନ୍ୟ ଜଣେ ସାଇଡ ଇଞ୍ଜିନିଅର ପ୍ରିୟବ୍ରତ ଦାସ ଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ରାଜ୍ୟ ସରକାର ଙ୍କୁ ଚିଠି ହୋଇଛି, ଜିଲ୍ଲାପାଳ ଙ୍କୁ ଜଣାଯାଇଛି, ବର୍ଷା ଦିନଗଲେ କାମ ହେବ। ତେବେ ନାନା ମୁନି ନାନା ମତ ଦେଇଥିଲେ। ଯ ଦ୍ୱାରା ଗ୍ରାମବାସୀ ଅଧିକ ଉତ୍ୟକ୍ତ ହୋଇଥିଲେ। ଉପସ୍ଥିତ ଥିବା ବେଙ୍ଗାଲୀ ଇଞ୍ଜିନିୟର ସମାଧାନର ବାଟ ନ କରି ଓଲଟି ଉପସ୍ଥିତ ଲୋକ ମାନଙ୍କୁ ଖରାପ ବ୍ୟବହାର କରିଥିଲେ। ତେବେ ବର୍ତମାନ ଉକ୍ତ ରାସ୍ତା ପାଲଟି ଯାଇଛି ମରଣଯନ୍ତା। ଶେଷରେ ପୋଲିସ ସାମ୍ନାରେ ଏକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଉକ୍ତ ବେଙ୍ଗାଲୀ ଇଞ୍ଜିନିୟର। ଆସନ୍ତା ଏକ ମାସ ମଧ୍ୟରେ ରାସ୍ତା କାମ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଜିର ଏହି ଘେରାଉରେ ପଇଦାପାଟଣା ପୂର୍ବତନ ସରପଂଚ ସୁକାନ୍ତି ନାୟକଙ୍କ ସମେତ ଭାଗ୍ୟବତୀ ନାୟକ, ସୁଲୋଚନା ନାଏକ, ସେବତୀ ନାୟକ, ରଞ୍ଜିତା ନାୟକ, କୁଳମଣି ସିଂହ, ନବକିଶୋର ନାୟକ, ସୁବଳ ନାୟକ, ବିକି ପଣ୍ଡା, ଜଜାତି ପଣ୍ଡା, ନାଥ ନାୟକ, ରାଜ ନାୟକ, ପଦ୍ମାବତୀ ସିଂ ପ୍ରମୂଖ ଏକଶହ ରୁ ଅଧିକ ଲୋକ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ରାସ୍ତାକାମ ନ ସରିଲେ ଗ୍ରାମବାସୀ ଉକ୍ତ ବିଦ୍ୟାଳୟକୁ ସବୁଦିନ ପାଇଁ ତାଲା ପକାଇବା ସହିତ କର୍ମଚାରୀ ମାନଙ୍କୁ ବିଦ୍ୟାଳୟ ଭିତରକୁ ପଶିବାକୁ ଦେବେନାହିଁ ବୋଲି ଚେତାବନୀ ଦେଇଛନ୍ତି।

# ସୁବର୍ଣ୍ଣପୁର ଜିଲ୍ଲାର ୫୦ ଜଣ ବରିଷ୍ଠ ନାଗରିକ ସହ ସାଥୀ ଅଧିକାରୀଙ୍କ ଅଯୋଧ୍ୟା ଓ ବନାରସ ଯାତ୍ରା

ସୁବର୍ଣ୍ଣପୁର , ୦୭/୧୦ (ନି.ପ୍ର): ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଆନୁକୁଲ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ୫୦ ଜଣ ବରିଷ୍ଠ ନାଗରିକ ଓ ୦୨ (ଦୁଇ) ସହଯାତ ବା ସାଥୀ ଅଧିକାରୀ ଶ୍ରୀ ସହଦେବ ମେହେର, ସହକାରୀ ନାଜିର ଓ ଶ୍ରୀ ବିଶ୍ୱନାଥ ସେଠ୍, ବରିଷ୍ଠ ରାଜସ୍ୱ ସହାୟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଙ୍କ ଅଯୋଧ୍ୟା ଓ ବନାରସ ଯାତ୍ରା ପାଇଁ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁଙ୍କ ଦ୍ୱାରା ପତାକା ଦେଖାଇ ଯାତ୍ରା ଶୁଭାରମ୍ଭ କରାଯାଇଥିଲା। ଏହି ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଶୁଭାରମ୍ଭ ସମୟରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଶ୍ରୀମତି ଅଞ୍ଜଳିନା ପ୍ରଧାନ, ସହକାରୀ ଜିଲ୍ଲାପାଳ, ନିଜାରତ, ସୁବର୍ଣ୍ଣପୁର, ଶ୍ରୀ ସତ୍ୟବ୍ରତ ସାହୁ, ସହକାରୀ ଜିଲ୍ଲାପାଳ, ସଂସ୍ଥାପନା ଶାଖା ତଥା ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ସୁବର୍ଣ୍ଣପୁର, ଶ୍ରୀ ରମେଶ ଚନ୍ଦ୍ର ଗୋଛି, ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବର୍ଣ୍ଣପୁର, ଶ୍ରୀ ଅର୍ଜୁନ ମାଝୀଙ୍କ ସମେତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଏହି ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଦୁଇ ଗୋଟି ବସରେ ୫୦ ଜଣ ବରିଷ୍ଠ ନାଗରିକଙ୍କୁ ନେଇ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ଠାରୁ ଆଜି ଅପରାହ୍ନ ଠାରୁ ଆରମ୍ଭ ହେଲା । ଆଜି ସନ୍ଧ୍ୟାରେ ସମସ୍ତ ତୀର୍ଥ ଯାତ୍ରୀ ସମ୍ବଲପୁର ପାନ୍ଥ ନିବାସରେ ରାତ୍ରି ଯାପନ କରି ଆସନ୍ତାକାଲି ପୂର୍ବାହ୍ନରେ ରେଳ ଷ୍ଟେସନରେ ପହଂଚି ରେଳଗାଡ଼ି ଯୋଗେ ଅଯୋଧ୍ୟା ଓ ବନାରସ ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ତୀର୍ଥ ଯାତ୍ରା ତୀର୍ଥ ସ୍ଥାନ ଦର୍ଶନ ଶେଷ ହେବାପରେ ଆସନ୍ତା ୧୩.୧୦.୨୦୨୫ ରିଖ ଦିନ ସୁବର୍ଣ୍ଣପୁର କୁ ଫେରି ଆସିବେ।

# ଭଜନ ଆଲବମ୍ ଜୟ ତୁଳସୀ ମା' ଉନ୍ମୋଚିତ

କେନ୍ଦ୍ରାପଡ଼ା, ୦୭/୧୦ (ନି.ପ୍ର): ତୁଳସୀ କ୍ଷେତ୍ରାଧିଶ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଉନବିଂଶତମ ଅନନ୍ତ ବେଶ ଅବସରରେ ଅନନ୍ତ ବଳିଆ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ପୂଜ୍ୟପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ କଥାମୃତ କାର୍ଯ୍ୟକ୍ରମ ପୂର୍ବରୁ ବାରୁଅ ସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନର କଳାକାରମାନେ ବିଗତ ବର୍ଷ ମାନଙ୍କ ପରି ଶ୍ରୀ ବଳଦେବଜୀଉଙ୍କ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ବାବା ବଳିଆଙ୍କ କର କମଳରେ ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀ ନିବେଦିତ ଭକ୍ତି ସଙ୍ଗୀତ ଆଲବମ୍ ଜୟ ତୁଳସୀ ମା ଉନ୍ମୋଚିତ ହୋଇଯାଇଛି। ଏକାଧାରରେ ଗାୟକ, ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ରଚନା ଏବଂ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଆଲ୍ବମ୍ ରେ ଆଠ ଗୀତ ରହିଛି। ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା ଏବଂ ଗୀତିକାର ଅଭୟ ମହାନ୍ତିଙ୍କ ଦ୍ୱାରା ପ୍ରଯୋଜିତ ଏହି ଆଲବମ୍‌ରେ ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ଦାଶ, ସୌରଭ ନାୟକ, ନିରୁପମା ଜେନା, ବିମଳ ପରିଡା ଏବଂ ପଦ୍ମାବତୀ ଦ୍ୱିବେଦୀ କଣ୍ଠଦାନ କରିଛନ୍ତି। ପ୍ରଥମେ ଆଲବମ୍ କଭର୍ ଶ୍ରୀ ସିଦ୍ଧ ବଳଦେବଜୀଉ ଏବଂ ମାଆ ତୁଳସୀ ଦେବୀଙ୍କୁ ସମର୍ପଣ କରାଯାଇଥିଲା। ପରେ ପରେ ନିରୁପମା ଜେନା ମା ତୁଳସୀ ଦେବୀ ଏବଂ ରସାବଳି ଉପରେ ପ୍ରସ୍ତୁତ ସ୍ୱତନ୍ତ୍ର ଭଜନ ଗାଇ ସମସ୍ତଙ୍କୁ ବିମୋହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ, ଉପେନ୍ଦ୍ର ପାଢ଼ୀ, ରଞ୍ଜନ ବରାଳ, ଅଜୟ ଜେନା, ସଂତୋଷ ନାୟକ, ବଳରାମ ମଲିକ, ଧୀରାମଣି ପରିଡା, ଅମର ଅମିତ୍ ବିଶ୍ୱାଳ, ଉମେଶ ଆଚାର୍ଯ୍ୟ, ପ୍ରସନ୍ନ ପରିଡା, ରଶ୍ମୀତା ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

## ଗାଁରେ ବୁଲୁଛି ଚିତା ବାଘ ଲୋକେ ଆତଙ୍କିତ

ଧର୍ମଶାଳା, ୦୭/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ମିର୍ଜାପୁର ପଂଚାୟତ ମୁଣ୍ଡମାଳ ଗ୍ରାମରେ ଏକ ଚିତାବାଘ ବୁଲୁଥିବା ଗାଁଲୋକେ ଦେଖି ଭୟଭିତ ହୋଇପଡିଛନ୍ତି । କିଛି ଦିନ ତଳେ ରାତିରେ ଏକ ଚିତାବାଘ ନଦୀବନ୍ଧ ଅତିକ୍ରମ କରି ମୁଣ୍ଡମାଳ ଗ୍ରାମ ଆଡକୁ ଅସିଥିବା ଲୋକେ ଦେଖିଥିଲେ । ତେବେ କିଛି ଦିନ ହେବ ଚିତାର କୌଣସି ପତା ମିଳି ନଥିଲା । ଏବେ କିନ୍ତୁ ୨ ଦିନ ହେବ ସନ୍ଧ୍ୟ ସମୟରେ ନିକଟସ୍ଥ ପରିବା କିଆରିରେ ଚିତା ବୁଲୁଥିବା ଲୋକେ ଦେଖି ଭୟ ଭିତ ହୋଇପଡିଛନ୍ତି । ତେବେ କିଛି ଦିନ ତଳେ ନଦୀବନ୍ଧ ଦେଇ ଗାଁ ଭିତରକୁ ଚଲି ଅସିଥିବା ସେହି ଚିତାବାଘ ବୋଲି ଲୋକେ ଆଶଙ୍କ କରିଚନ୍ତି । ତେବେ ଚିତାଟି ଅଦ୍ୟାବଧି କହାରି କ୍ଷତି ଘଟାଇନଥିବା ଜଣପଡିଛି । ଚିତା ବାଘ ଏକ ହିଂସ୍ରଜନ୍ତୁ ହୋଇଥିବା ବେଳେ ଯୋକୌଣସି ସମୟରେ ଏହା ଅଘଟଣଘଟାଇବା ନେଇ ଲୋକେ ଆଶଙ୍କା କରି ଭୟଭିତ ହୋଇପଡିଛନ୍ତି । ବନବିଭଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# କୁଟ୍ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ: ସବୁଜ ସହରାଞ୍ଚଳ ଗତିଶୀଳତା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୦୭/୧୦ (ନି.ପ୍ର): ଓଡ଼ିଶା ମୁଖ୍ୟ ସଚିବ ଶ୍ରୀ ମନୋଜ ଆହୁଜା ଆଜି ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନ (କୁଟ୍ ) ମୁଖ୍ୟ କାର୍ଯ୍ୟାଳୟ ଏବଂ ଗାଡକଣା ଇଲେକ୍ଟ୍ରିକ୍ ବସ୍ ଡିପୋ ପରିଦର୍ଶନ କରି ଭୁବନେଶ୍ୱରରେ ଚାଲିଥିବା ସାଧାରଣ ପରିବହନ କାର୍ଯ୍ୟ ଏବଂ ବର୍ଦ୍ଧିତ ବୈଦ୍ୟୁତିକ ବସ୍ ନେଟୱାର୍କର ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ, ଶ୍ରୀ ଆହୁଜା ବସ୍ କ୍ରୁ ସଦସ୍ୟ, ଗାଇଡ୍ ଏବଂ ବୈଷୟିକ କର୍ମଚାରୀଙ୍କ ସହ ଆଲୋଚନା କରି ସୁଗମ, ନିରାପଦ ଏବଂ ନିର୍ଭରଯୋଗ୍ୟ ସାର୍ବଜନୀନ ପରିବହନ ସେବା ସୁନିଶ୍ଚିତ କରିବାରେ ସେମାନଙ୍କର ଅଭିଜ୍ଞତା ଏବଂ ଚ୍ୟାଲେଞ୍ଜଗୁଡ଼ିକୁ ବୁଝିଥିଲେ।

କୁଟ୍ କମାଣ୍ଡ ଆଣ୍ଡ୍ କଂଟ୍ରୋଲ୍ ସେଂଟରରେ, ସେ ସମୟାନୁବର୍ତ୍ତିତା, ଦକ୍ଷତା ଏବଂ ଯାତ୍ରୀ ସନ୍ତୁଷ୍ଟି ବୃଦ୍ଧି କରିବାରେ ସାହାଯ୍ୟ କରୁଥିବା ରିଅଲ୍-ଟାଇମ୍ ମନିଟରିଂ ସିଷ୍ଟମ୍, ଡାଟା ଆନାଲିଟିକ୍ସ ଏବଂ ସିଡ୍ୟୁଲ୍ ଅପ୍ଟିମାଇଜେସନ୍ ପ୍ରକ୍ରିୟା ଗୁଡ଼ିକର ସମୀକ୍ଷା କରିଥିଲେ।

କୁଟ୍ ର ପଦକ୍ଷେପଗୁଡ଼ିକୁ ପ୍ରଶଂସା କରି, ଶ୍ରୀ ଆହୁଜା ସାର୍ବଜନୀନ ପରିବହନ ପରିଚାଳନାରେ ଡିଜିଟାଲ୍ ପ୍ରଯୁକ୍ତିର ଅଭିନବ ବ୍ୟବହାରକୁ ପ୍ରଶଂସା କଲେ। ସେ ସେମାନଙ୍କୁ ଉଚ୍ଚ ସେବା ମାନଦଣ୍ଡ ବଜାୟ ରଖିବା ଏବଂ ସବୁଜ ଗତିଶୀଳତା ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ପରାମର୍ଶଦେଇଛନ୍ତି। ସେ ସହରାଞ୍ଚଳ ପରିବହନକୁ ସ୍ୱଚ୍ଛ ଏବଂ ଅଧିକ ସ୍ଥାୟୀ କରିବା ପାଇଁ ବୈଦ୍ୟୁତିକ ବସ୍ ପରିଚାଳନାକୁ ବିସ୍ତାର କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି ।କୁଟ୍ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଏନ. ଥିରୁମାଲା ନାଏକ ମୁଖ୍ୟ ସଚିବଙ୍କୁ ଚାଲୁଥିବା କାର୍ଯ୍ୟ ଏବଂ ଆଗାମୀ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ, ମହାପ୍ରବନ୍ଧକ ସଞ୍ଜୟ ବିଶ୍ୱାଳ ଏବଂ ସହଦେବ ସମାଧିଆ, ବରିଷ୍ଠ କୁଟ୍ ଅଧିକାରୀମାନଙ୍କ ସହିତ ମୁଖ୍ୟ ଶାସନ ସଚିବଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ।

# ନେହେରୁ ବଙ୍ଗଳା ମୁହାଣରେ ଓଲଟିଲା ମାଛଧରା ବୋଟ୍ : ଅଳ୍ପକେ ବର୍ତ୍ତିଲେ ୪ ମତ୍ସ୍ୟଜୀବୀ



ପାରାଦୀପ, ୮/୧୦ : ବୁଧବାର ଦିନ ପାରାଦୀପ ନେହେରୁ ବଙ୍ଗଳାସ୍ଥିତ ମହାନଦୀ ଓ ସମୁଦ୍ର ମୁହାଣରେ ଏକ ମାଛଧରା ବୋଟ୍ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଅନ୍ୟ ଡଙ୍ଗା ସାହାଯ୍ୟରେ ୪ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଛି । ଘଟଣାରୁ ପ୍ରକାଶଯେ, ବୁଧବାର ଦିନ ନେହେରୁ ବଙ୍ଗଳାସ୍ଥିତ ମାଛଧରା ବନ୍ଦରରୁ ଏକ ମାଛଧରା ବୋଟ୍ ମାଛଧରିବାକୁ ସମୁଦ୍ର ମଧ୍ୟକୁ ଯାଉଥିଲା । ସମୁଦ୍ର ଅଶାନ୍ତ ଥିବାରୁ ସମୁଦ୍ରର ଉଚ୍ଚ ଢେଉ ବୋଟ୍‌ରେ ମାଡ ହେଉଥିଲା । ଏହି ଢେଉର କରାଳତାକୁ ସାମ୍ନା କରିନପାରି ବୋଟ୍‌ଟି ମୁହାଣରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ମତ୍ସ୍ୟଜୀବୀମାନେ ବୋଟ୍‌ରୁ ଖସି ପଡି ମତ୍ସ୍ୟଜୀବୀମାନେ ଉଦ୍ୟମ କରିଥିଲେ । ନିକଟରେ ଥିବା ଅନ୍ୟ ବୋଟ୍‌ମାନେ ସାମୁଦ୍ରିକ ଢେଉକୁ ଅତିକ୍ରମ କରି ସେମାନଙ୍କ ନିକଟର ପହଂଚିବାକୁ ଉଦ୍ୟମ କରିଥିଲେ । ହେଲେ ବଡ ବଡ ଢେଉକୁ ଅତିକ୍ରମ କରି ସେମାନଙ୍କ ପାଖରେ ପହଂଚିବା ସମ୍ଭବ ପର ହୋଇନଥିଲା । ହଠାତ୍ ଓଲଟି ପଡିଥିବା ବୋଟ୍‌ଟି ଢେଉ ମାଡରେ ସିଧା ହୋଇଯାଇଥିଲା । ସମସ୍ତ ଚାରିଜଣ ଯାକ ମତ୍ସ୍ୟଜୀବୀ ବୋଟ୍‌ଟି ସିଧା ହୋଇଯିବା ପରେ ବୋଟ୍ ଉପରୁ ଚଢି ଯାଇଥିଲେ । ବୋଟ୍‌ରେ ଥିବା ଜାଲ ଓ ମଟର ଢେଉରେ ଭାସି ଯାଇଥିଲା ଫଳରେ ଅନ୍ୟ ବୋଟ୍ ସହାୟତାରେ ବୋଟ୍ ?ଟି ରଶି ଦ୍ୱାରା ଟଣା ହୋଇ କୂଳକୁ ଆସିଥିବା ଜଣା ପଡ଼ିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଘୂର୍ଣ୍ଣିବଳୟ ପ୍ରଭାବରେ...

ସବୁଠି ସମାନ ସ୍ଥିତି । ବିଶେଷକରି ଉପକୂଳ ଓ ଉତ୍ତର-ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷିଛି । ଆଗାମି ୩ଦିନ ପର୍ଯ୍ୟନ୍ତ ଏଭଳି ପ୍ରଭାବ ଜାରି ରହିବ ବୋଲି ଆକଳନ କରିଛି ଆଇଏମଡି । ଆଇଏମଡିର ଆକଳନ ଅନୁସାରେ, କାଲି ସକାଳ ପର୍ଯ୍ୟନ୍ତ ଉପକୂଳ, ଉତ୍ତର-ଓଡ଼ିଶା, ଆଭ୍ୟନ୍ତରୀଣ ଓଡ଼ିଶାର ୨୪ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ତାପରେ ଦିନ ତମାମ ୨୦ରୁ ଅଧିକ ଜିଲ୍ଲାରେ ପବନ ସହ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ପାଣିପାଗର ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଅକ୍ଟୋବରରେ ବାତ୍ୟା ଆଶଙ୍କା କମ୍ ରହିଛି । ନଭେମ୍ବରରେ ବାତ୍ୟା ଆଶଙ୍କା ଅଧିକ ରହିଛି ବୋଲି କହିଛନ୍ତି ଆଇଏମଡି ପୂର୍ବତନ ଡିଜି । କାର୍ତ୍ତିକ ମାସରେ ପାଣିପାଗର ଏଭଳି ଖେଳ ସମସ୍ତଙ୍କୁ ଚିନ୍ତାରେ ପକାଇଛି ।

### ଭିଜିଲାନ୍ସ ପଞ୍ଝାରେ...

ଜେନା ଚାକିରି କରୁଥିଲେ। ତାଙ୍କର ୩ ମାସ ପୂର୍ବେ ନୟାଗଡ଼ ମ୍ୟୁନିସିପାଲଟିକୁ ବଦଳି ହୋଇଯାଇଥିଲା । ଏହାପରେ ସରୋଜ ନୟାଗଡ଼ ଚାଲି ଯାଇଥିଲେ। କିନ୍ତୁ ତାଙ୍କର ଏଲପିସି ଯାଇନଥିଲା। ଏନେଇ ସରୋଜ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଏଲପିସି ପଠାଇବା ପାଇଁ ବହୁବାର ଅନୁରୋଧ କରିଥିଲେ। କିନ୍ତୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶତପଥି ଏଲପିସି ପଠାଇବା ପାଇଁ ୨୫ ହଜାର ଟଙ୍କା ଦାବି କରିଥିଲେ। ଫଳରେ ସରୋଜ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ର ସହଯୋଗ ଲୋଡିଥିଲେ। ଆଜି ସକାଳ ପ୍ରାୟ ୯ଟା ସମୟରେ ପୂର୍ବ ଯୋଜନା ପ୍ରକାରେ ସରୋଜ କାର୍ଯ୍ୟନିର୍ବାହୀ ଅଧିକାରୀ ଲଙ୍କୁ କେମିକାଲ ବୋଳା ଟଙ୍କା ଅଫିସ୍ ଛକରେ ଦେଇଥିଲେ। ଏହି ସମୟରେ ଅଫିସ୍ ଛକରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଟିମ୍ ବନମାଳୀଙ୍କୁ କାବୁ କରିନେଇଥିଲେ। ନିଜ ତଳିଆ କର୍ମଚାରୀଙ୍କୁ ଏଲପିସି ପଠାଇବାରେ ଯଦି ଏତେ ଟଙ୍କା ଦାବି କରାଯାଉଛି ତେବେ ଅନ୍ୟ କାମରେ ମଧ୍ୟ ଦୁର୍ନୀତି ହେଉଥିବା ଆଶଙ୍କା କରାଯାଉଛି। ତେଣୁ ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ଅଧିକ ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ସଂସ୍କାର ଶିଶୁ ମହୋତ୍ସବ ମୟୁରୀ ପାଇଁ ପ୍ରସ୍ତୁତି ବୈଠକ

## ■ଶିମିଳିପାଳ ଥିମ ଉପରେ ହେବ ମାସ ପେଣ୍ଟିଂ
## ■ପଥ ଉତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଉଦ୍ଘାଟନୀ ସମାରୋହ



ବାରିପଦା , ୦୮/୧୦ (ନି.ପ୍ର): ଆସନ୍ତା ନଭେମ୍ବର ମାସ ୧୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ହେବାକୁ ଥିବା ସଂସ୍କାର ଶିଶୁ ମହୋତ୍ସବ ମୟୁରୀ ପାଇଁ ଏକ ପ୍ରସ୍ତୁତି ବୈଠକ ବାରିପଦା ମ୍ୟୁନିସିପାଲଟି ଗେଷ୍ଟ ହାଉସ ଠାରେ ଅନୁଷ୍ଠିତ ହୋଇ ଯାଇଛି. ବିଶିଷ୍ଟ ଶିକ୍ଷାବିତ ଡ.ବନଜା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଚଳିତ ବର୍ଷ ଏକାଦଶତମ ସଂସ୍କାର ଶିଶୁ ମହୋତ୍ସବ ମୟୁରୀ ରେ ଚାରି ଦିନ ଧରି ହେବାକୁ ଥିବା କାର୍ଯ୍ୟକ୍ରମର ରୂପ ରେଖ ସମ୍ପର୍କରେ ଆଲୋଚନା କରା ଯାଇଥିଲା. ପ୍ରତିଷ୍ଠାତା ସଞ୍ଜୟ କୁମାର ଚୌଧୁରୀ ଚଳିତ ବର୍ଷର ଶିଶୁ ମହୋତ୍ସବର ଥିମ ଉନ୍ମେଷ ରଖଯାଇଥିବା ଏବଂ ପିଲା ମାନଙ୍କ ଦ୍ୱାରା ଆମ ଶିମିଳିପାଳ ଥିମ ରେ କାନଭାସ ଉପରେ ଏକ ବିଶାଳ ମାସ ପେଣ୍ଟିଂ ପ୍ରଦର୍ଶନ କରାଯିବ ବୋଲି କହିଥିଲେ। ଆଲୋଚନାରେ ବିବେକାନନ୍ଦ ପଟ୍ଟନାୟକ, ବିଶେଶ୍ୱର ଦ୍ୱିବେଦୀ, ଡ. ସନ୍ଦୀପ ଚାନ୍ଦ, ଦୁର୍ଗା ପ୍ରସାଦ ମିଶ୍ର, ଡ.ଗଣେଶ୍ୱର ଭୋଇ, ମନୋଜ କୁମାର ଦାସ, କବି ଅଜିତ ପାତ୍ର, ରାକେଶ ମହାନ୍ତ, ଇଂ ସୁନିଲ କୁମାର ପ୍ରଧାନ, କ୍ଷେତ୍ର ମୋହନ ପଣ୍ଡା, ମନୋଜ କୁଁଅର, ପ୍ରଶାନ୍ତ କୁମାର ବେହେରା, ପଦ୍ମଲୋଚନ ଗିରି, କଲ୍ୟାଣ ବାରିକ ପ୍ରମୁଖ ଅଂଶ ଗ୍ରହଣ କରି ସୁଚିନ୍ତିତ ମତା ମତ ଦେଇଥିଲେ। ନଭେମ୍ବର ୧୨ ସକାଳ ୭ ଟା ରେ ଶିଶୁ ଉଦ୍ୟାନ ସମ୍ମୁଖ ସହିଦ ସ୍ମୃତି ଭବନ ଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ପଥ ଉତ୍ସବ ଭଳି ନିଆରା ରଙ୍ଗାରଙ୍ଗ କାର୍ଯ୍ୟ କ୍ରମ ପରେ ପୂର୍ବାହ୍ନ ସାଢ଼େ ୧୦ଟାରେ ଶିଶୁ ମହୋତ୍ସବ ଉଦଘାଟିତ ହେବ। ଏହା ସହିତ ଛାତ୍ର ଛାତ୍ରୀ ମାନେ ବିଶିଷ୍ଟ ବାଲୁକା ଶିଳ୍ପୀ ଦଶରଥ ମହାନ୍ତ ଙ୍କ ବାଲୁକା କଳା କର୍ମ ଶାଳା, ବିଶିଷ୍ଟ ଶିଳ୍ପୀ ସମରେନ୍ଦ୍ର ବେହେରାଙ୍କ ଦ୍ୱାରା ଗଛ ଦେହରେ ଖୋଦେଇ ଚିତ୍ର ଓ ପତ୍ର ଉପରେ ବିଭିନ୍ନ କଳା କୃତି ଅଙ୍କନ, ୧୪ ତାରିଖ ପୂର୍ବାହ୍ନରେ ସେବକ ଗୋପାଳ ଦାସଙ୍କ ପ୍ରବଚନ, ପ୍ରତି ଦିନ ସନ୍ଧ୍ୟାରେ ବିଭିନ୍ନ ବିଦ୍ୟାଳୟର ପିଲା ମାନଙ୍କ ଦ୍ୱାରା ନାଟକ ପରିବେଷଣ, ମ୍ୟାଜିକ ସୋ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବା ସହ ଅଭିଭାବକ ମାନଙ୍କ ପାଇଁ ମଧ୍ୟ କେତେକ ପ୍ରତି ଯୋଗିତା ରହିଥିବା ନେଇ ସୂଚନା ଦିଆ ଯାଇଛି। ବୈଠକରେ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗଦେଇଥିବା ବେଳେ ଅଙ୍କୁର ଖୁରାନା ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତଟ ରେଳ ପଥର ମାଲ ପରିବହନରେ ୧୧.୩୩% ଅଭିବୃଦ୍ଧି ହାସଲ

ଭୁବନେଶ୍ୱର, ୦୮/୧୦ (ନି.ପ୍ର): ପୂର୍ବତଟ ରେଳ ପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମାର୍ଦ୍ଧ (ଏପ୍ରିଲ-ସେପ୍ଟେମ୍ବର)ରେ ମାଲ ପରିବହନ ଏବଂ ଯାତ୍ରୀ ପରିବହନରେ ଏକ ପ୍ରଭାବଶାଳୀ ପ୍ରଦର୍ଶନ ପଞ୍ଜିକୃତ କରିଛି, ଯାହା ପୂର୍ବ ବର୍ଷର ସମାନ ସମୟ ତୁଳନାରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଏପ୍ରିଲ-ସେପ୍ଟେମ୍ବର ୨୦୨୫ ମଧ୍ୟରେ, ପୂର୍ବତଟ ରେଳ ପଥ ଗତ ବର୍ଷ ସମାନ ଅବଧିରେ ୧୨୩.୬ ନିୟୁତ ଟନ ତୁଳନାରେ ୧୩୭.୬ ନିୟୁତ ଟନ ମାଲ ପରିବହନ କରିଛି, ଯାହାକି ୧୧.୩୩% ର ଅଭିବୃଦ୍ଧିକୁ ଦର୍ଶାଉଛି।ମାଲ ପରିବହନ ମଧ୍ୟ ରାଜସ୍ୱ ବୃଦ୍ଧିରେ ଯଥେଷ୍ଟ ଅବଦାନ ରଖିଛି। ପୂର୍ବତଟ ରେଳ ପଥ ସାମଗ୍ରୀ ପରିବହନରୁ ୧୪,୧୬୨.୫୮ କୋଟି ଟଙ୍କା ଆୟ କରିଛି, ଯାହା ଗତ ବର୍ଷର ସମାନ ଅବଧିରେ ୧୨,୮୦୮.୩୦ କୋଟି ଟଙ୍କା ଥିଲା - ଯାହା ୧୦.୫୭% ବୃଦ୍ଧି। ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ଜୋନର ମୋଟ ରାଜସ୍ୱ ଆୟ ୧୫,୫୭୧.୦୮ କୋଟି ଟଙ୍କାରେ ପହଂଚିଛି , ଯାହା ଗତ ବର୍ଷ ସମାନ ଅବଧିରେ ୧୪,୨୨୭.୧୮ କୋଟି ଟଙ୍କା ଥିଲା, ଯାହା ୯.୪୫% ବୃଦ୍ଧିକୁ ପ୍ରତିଫଳିତ କରେ। ଯାତ୍ରୀ ପରିବହନ କ୍ଷେତ୍ରରେ , ପୂର୍ବତଟ ରେଳ ପଥ ଏପ୍ରିଲ-ସେପ୍ଟେମ୍ବର ୨୦୨୫ ମଧ୍ୟରେ ୪୮.୨୧ ନିୟୁତ ଯାତ୍ରୀ ପରିବହନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୪୫.୫୬ ନିୟୁତ ଯାତ୍ରୀ ପରିବହନ କରିଥିଲା - ଯାହା ୫.୮୧% ବୃଦ୍ଧିକୁ ସୂଚିତ କରୁଛି ।

# ଖାଣ୍ଡିଆ ମୁହାଣରେ ବନ୍ୟପ୍ରାଣୀ ସପ୍ତାହ ପାଳନ



ବାଲେଶ୍ୱର , ୦୮/୧୦ (ନି.ପ୍ର): ବନ୍ୟପ୍ରାଣୀ ସପ୍ତାହର ଶେଷଦିନରେ ଆସୋସିଏସନ୍ ଫର୍ ବାଇଓଡାଇଭାର୍ସିଟି କଞ୍ଜର୍ଭେସନ (ଏବିସି), ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ବନ ବିଭାଗର ମିଳିତ ସହଯୋଗରେ ଏକ ଜନସଚେତନତା ଓ ନୀଳରକ୍ତ କଙ୍କଡ଼ା ଉଦ୍ଧାର କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି ବାଲେଶ୍ୱର ସଦର ବ୍ଲକର ଖାଣ୍ଡିଆ, ଖାପରା ଓ ମହିଶାଳୀ ମୁହାଣ ମାନଙ୍କରେ । ଆଜି ପୂର୍ବାହ୍ନ ୯ ଘଟିକାରେ ମହୀଶାଳୀ ମୁହାଣରେ ଗୁରୁ ଜୁଆରରେ ଅଣ୍ଡା ଦେବା ପାଇଁ କୂଳକୁ ଆସିଥିବା ହଳ ହଳ ନୀଳରକ୍ତ କଙ୍କଡ଼ାକୁ ଗଣି ପରିସଂଖ୍ୟାନ କରାଯାଇଥିଲା। ଏବିସିର କାର୍ଯ୍ୟକାରୀ ସଦସ୍ୟା ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ଫେଲୋ ଉପାସନା ପଟ୍ଟନାୟକଙ୍କ ସ୍ଥାନୀୟ ଲୋକମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସଭାର ସଭାପତି ଭାବେ ଏବିସିର ସଭାପତି ଡ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଚାନ୍ଦିପୁର ରେଞ୍ଜର ଆଇଷା ନିଶା ଦେଇ ଗ୍ରାମବାସୀଙ୍କୁ ବିରଳ ନୀଳରକ୍ତ କଙ୍କଡ଼ା ଓ ଝାଉଁ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ନେବାକୁ ପରାମର୍ଶ ଦେଇଥିଲେ। ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚର ସଭାପତି ଶିଳ୍ପୀ କେଶୁଦାସ ସୁରକ୍ଷାର ସଂସ୍କୃତି ବିଷୟରେ ଆଲୋକପାତ କରିଥିବା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଜୁଲୋଜୀ ବିଭାଗର ସହକାରୀ ପ୍ରଫେସର ଡ ନିଳାଦ୍ରୀ ଭୂଷଣ କର ଯୋଗଦାନ ନୀଳରକ୍ତ କଙ୍କଡ଼ାର ଉପଯୋଗୀତା ବିଷୟରେ ଆଲୋକପାତ କରିଥିଲା। ଶେଷରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ର ପ୍ରୋଜେକ୍ଟ ଫେଲୋ ସୌମ୍ୟରଞ୍ଜନ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ ର ଜୁଲୋଜୀ ବିଭାଗର ବହୁ ଛାତ୍ରଛାତ୍ରୀ ଓ ସ୍ଥାନୀୟ ମତ୍ସ୍ୟଜୀବୀ ଗ୍ରାମବାସୀ ସୁଶାନ୍ତ ଦାସ, ଶୁକ୍ଲା ଦଳେଇ, ବିକ୍ରମ ସୋରେନ, ଶମ୍ଭୁ ନାଥ ଦଳେଇ, କମଳାକାନ୍ତ ହାଜରା ପ୍ରମୁଖ ଯୋଗ ଦେଇଥିଲେ। ପରେ ପରେ ଖାପରା ମୁହାଣ ଓ ମହୀଶାଳୀ ମୁହାଣରେ ନୀଳରକ୍ତ କଙ୍କଡ଼ାର ପରିସଂଖ୍ୟାନ କରିବା ସହ ଜାଲରେ ଛନ୍ଦି ମୃତ୍ୟୁ ମୁଖରେ ପଡ଼ିଥିବା ନୀଳରକ୍ତ କଙ୍କଡ଼ା ଦମ୍ପତିଙ୍କୁ ଉଦ୍ଧାର କରାଯାଇ ପାଣିରେ ଛଡ଼ାଯାଇଥିଲା। ଏଥିସହ ଜାଲରେ ଧରୁଥିବା ମତ୍ସ୍ୟଜୀବୀମାନଙ୍କ ପାଖରୁ ଅନ୍ୟାନ୍ୟ ଉପକାରୀ ଜଳଜୀବକୁ ଉଦ୍ଧାର କରାଯାଇ ପାଣିରେ ଛଡ଼ାଯାଇଥିଲା।

# ଆଧାର କାର୍ଡ଼ ନଥିବା ଯୋଗୁଁ କଲେନାହିଁ ଆଡ଼ମିସନ: ପାଠପଢ଼ାରେ ଡ଼ୋରି ବାନ୍ଧିଲେ ମା' ଛେଉଣ୍ଡ ପୁତ୍ର 'ଗନ୍ଦ'



ଉଦଳା, ୦୮/୧୦ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ବଡ଼ଖଲାଡ଼ି ପଂଚାୟତ ଅନ୍ତର୍ଗତ ଚତୁରୀଘାଟି ଗ୍ରାମର ଦୃଶ୍ୟ । ଏହିଗ୍ରାମର ବାସିନ୍ଦା ସମାୟ ସୋରେନଙ୍କ ୧୪ବର୍ଷ ବୟସର ପୁତ୍ର 'ଗନ୍ଦ' ଆଜକୁ ଦୁଇବର୍ଷ ତଳେ ପାଠପଢ଼ାରେ ଡ଼ୋରିବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ ଗ୍ରାମ ନିକଟରେ ଥିବା ଫୁଲବାଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ 'ଗନ୍ଦ' ଅଷ୍ଟମ ଶ୍ରେଣୀ ପାସ କରିଛନ୍ତି । ପରେ ନବମ ଶ୍ରେଣୀରେ ନାମ ଲେଖାଇବାକୁ ଯିବାରୁ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ମାଗିଲେ । 'ଗନ୍ଦ'ଙ୍କର ଆଧାର କାର୍ଡ଼ ନଥିବାରୁ ନାମ ନଲେଖାଇ ଫେରାଇଦେଇଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଫଳରେ ଅନ୍ୟ କୌଣସି ଉପାୟ ନପାଇ ଶେଷରେ 'ଗନ୍ଦ' ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଥିବାର କହିଛନ୍ତି । ସେହିପରି ଖାଦ୍ୟ ଯୋଜନାରେ ମୁଣ୍ଡପିଛା ମଞ୍ଜୁରଥିବା ୫କିଗ୍ରା ଚାଉଳ ପାଇବାରୁ ମଧ୍ୟ 'ଗନ୍ଦ' ବଂଚିତ ଅଛନ୍ତି । ବିଭାଗୀୟ କର୍ତୃପକ୍ଷ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଜନଜାଗୃତି ମଂଚ ତରଫରୁ ଦାବି ହେଉଛି ।

## ପୋଲିସ୍‌କୁ ମାଡ ଅଭିଯୋଗ: ୫ ଅଟକ

ଭୁବନେଶ୍ୱର, ୦୮/୧୦ (ନି.ପ୍ର): ରାଜଧାନୀରେ ପୋଲିସକୁ ମାଡ଼ ଅଭିଯୋଗ ହୋଇଛି। ତମାଣ୍ଡୋ ଥାନା ଅଂଚଳରେ ଅସଦାଚରଣ ଅଭିଯୋଗ ଖବର ପାଇ ଯାଇଥିବା ବେଳେ ପୋଲିସକୁ ମାଡ଼ ସହ ପିସିଆର ଭଙ୍ଗାରୁଜା ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି ।
ମିଳିଥିବା ସୂଚନା ମୁତାବକ କେ୪ରେ ଯୁବତୀଙ୍କୁ ଅସଦାଚରଣ ନେଇ ଗତକାଲି ରାତି ପ୍ରାୟ ୧୦ ଟା ସମୟରେ ଥାନାରେ ଅଭିଯୋଗ ହୋଇଥିଲା। ଖବର ପାଇ ପିସିଆର ପହଂଚିବା ବେଳକୁ ସ୍ଥାନୀୟ ଲୋକେ ଓ ଅଭିଯୋଗକାରୀଙ୍କ ପକ୍ଷରୁ ଉତ୍ୟକ୍ତ ଲୋକେ ପିସିଆର ଭାଙ୍ଗିବାକୁ ଉଦ୍ୟମ କରିବା ସହ ପୋଲିସ ଷ୍ଟାଫଙ୍କୁ ଆକ୍ରମଣ କରିବାକୁ ପଛାଇ ନଥିଲେ ।

# ୱାର୍ଲଡ ରେକର୍ଡ ଏକ୍ସଲେନସ ଇଂଲଣ୍ଡ ରେକର୍ଡରେ ଭଦ୍ରକ ବାସୁଦେବପୁରର ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରର ପରିଚାଳିକା ସସ୍ମିତା ଦାସ



ବାସୁଦେବପୁର, ୦୮/୧୦ (ନି.ପ୍ର): ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ସଂଗଠନ ରାଷ୍ଟ୍ରୀୟ ଏକିକୃତ କଳାକାର ଏବଂ କାର୍ଯ୍ୟକର୍ତ୍ତା ମଞ୍ଚର ୨୫ ବର୍ଷ ଉପଲକ୍ଷେ ଗତ ସେପ୍ଟେମ୍ବର ୨୧ରୁ ୨୪ ମଧ୍ୟରେ ଦିଲ୍ଲୀ ର ଭାରତ ମଣ୍ଡପ ଏବଂ ହରିୟାଣାର କରନାଲରେ ୪ ଦିନିଆ ରଜତ ଜୟନ୍ତୀ ସ୍ଥାପନା ସମାରୋହ ଆୟୋଜିତ ହୋଇ ଯାଇଛି। ବିଭିନ୍ନ ବର୍ଗରୁ ଦେଶ ବିଦେଶରୁ ଆସିଥିବା ଶତାଧିକ ସମାଜ ସେବି ଏବଂ କଳାକାର ମାନଂକୁ ସମ୍ମାନିତ କରା ଯାଇଥିବା ବେଳେ, ଓଡିଶା ରୁ ଯୋଗ ଦେଇଥିବା ୧୩ ଜଣଙ୍କ ମଧ୍ୟରୁ ଭଦ୍ରକରୁ ଦୁଇ ଜଣଙ୍କ ମଧ୍ୟରେ ବାସୁଦେବପୁରର ମହିଳା ବର୍ଗରେ ସସ୍ମିତା ଦାସ ସ୍ୱାମୀ ସୁବାସ ଚନ୍ଦ୍ର ଦାସ, ଜୟକୃଷ୍ଣପୁର YOUNG COMUNITY CHAMPION AWARD, I WORLD RECORD EXCELLENCE, ENGLAND ତରଫରୁ ପ୍ରଶଂସା ପତ୍ର ପାଇଛନ୍ତି। ସୂଚନା ଥାଉ କି ସସ୍ମିତା ଦାସ ଜଗନ୍ନାଥ ପ୍ରସାଦ ଗ୍ରାମ ପଞ୍ଚାୟତ ରେ ଗ୍ରାମୀଣ ବ୍ୟାଙ୍କିଙ୍ଗ ରେ ମିନି ଷ୍ଟେଟ ବ୍ୟାଙ୍କ ଶାଖା ଖୋଲି ଉତ୍ତମ ମାନର ସେବା ଯୋଗାଇ ଆସିଛନ୍ତି। ନିଜ ପଞ୍ଚାୟତ ସହ ଆଖ ପାଖ ଅଞ୍ଚଳ ର ଜନ ସାଧାରଣଙ୍କୁ ଉଲ୍ଲେଖ ନୀୟ ସେବା ପ୍ରଦାନ କରି ଉତ୍ତମ ପରିଚାଳିକା ଭାବେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି ସସ୍ମିତା। ଦିଲ୍ଲୀରେ ଭାରତ ମଣ୍ଡପ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମରିସସର ରାଷ୍ଟ୍ରପତି ଓ ନିଫାର ଅଧକ୍ଷ ପ୍ରୀତିପଲ ସିଂହ ପଂନୁ ଏହି ଉତ୍ସବରେ ପୌରାହିତ କରିଥିବା ବେଳେ, ହରିୟାଣା ସରକାର ଆଇଟିଡିସି ମୁଖ୍ୟ ବୀରେନ୍ଦ୍ର ସିଂ ଚୌହାନ ଅତିଥି ରୂପେ ଯୋଗ ଦେଇ ଥିବା ବେଳେ, ହରିୟାଣା ବାଚସ୍ପତି ହରବିନ୍ଦ୍ର କଲ୍ୟାଣ, ସଭାପତି ଡ଼ା ଅଶ୍ୱନୀ କଲ୍ୟାଣ, ମଣିପୁର ନିଫାର ପ୍ରେମଜୀତ ଓ ଉତ୍ତରାଖଣ୍ଡର ରାଣୀ ଡ଼ା ଅଞ୍ଜୁ ସିଂ ପ୍ରମୁଖ ଉପସ୍ଥିତ ରହି ପୁରସ୍କୃତ କରିଥିଲେ। ସସ୍ମିତା ଏହି ପୁରସ୍କାର ପାଇ ବାସୁଦେବପୁର ଷ୍ଟେଟ୍ ବ୍ୟାଙ୍କ ମ୍ୟାନେଜର, ପିତା ମାତା ଓ ବନ୍ଧୁ ବର୍ଗ, ସ୍ୱାମୀ, ଶାଶୁ ଶଶୁର ଓ ପଂଚାୟତ ଏବଂ ଓଡିଶା ବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପୁରସ୍କାର ପାଇବାଠୁ ତାଙ୍କୁ ବିଭିନ୍ନ ମହଲ ରେ ଶୁଭେଚ୍ଛାର ସୁଅ ଛୁଟୁଛି।

# ଆଜି ଜନଜାତି ବିଧାୟକ ଏବଂ ସାଂସଦଙ୍କୁ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୦୮/୧୦ (ନି.ପ୍ର): ଆସନ୍ତାକାଲି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ଜନଜାତି ବିଧାୟକ ଏବଂ ସାଂସଦଙ୍କୁ ପ୍ରଶିକ୍ଷଣ ଶିବିର । ଏଥିରେ ଉପସ୍ଥିତ ରହିବେ ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ଜନଜାତି ବିଧାୟକ ଏବଂ ସାଂସଦ । ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବିଏଲ ସନ୍ତୋଷ ଏବଂ ରାଷ୍ଟ୍ରୀୟ ସଂଗଠକ ଭି ସତୀଶ ଯୋଗ ଦେଇ ଦେବେ ପ୍ରଶିକ୍ଷଣ । ଜନଜାତି ବିଧାୟକ, ସାଂସଦ ନିଜ ନିଜ ନିର୍ବାଚନ ମଣ୍ଡଳୀର କିଛି କିଛି ଗାଁ ପୌଷ୍ୟ ଭାବେ ଗ୍ରହଣ କରିବେ ।

**AFFIDAVIT**

By virtue of an affidavit before the executive Magistrate Balasore, I, Sri Saroj Kumar Maharana, aged about 37 years, S/o- Basanta Kumar Maharana, resident of At: Damodarpur, Po- Motiganj, Ps: Town, Dist: Balasore, Odisha-756003 state that I am having Aadhaar Card No- 5912 9397 9068 wherein my name has been recorded Saroj Kumar Maharana, S/o- Basanta Kumar Maharana. But in my LIC of India policy No- 588491792 my name has been recorded Saroj maharana and my father's name is recorded as Rama Chandra Maharana which is his nick name. The name of my father in my PAN Card No- CCQPM9709N is Basanta Maharana. Both Saroj Kumar Maharana and Saroj Maharana are one and same person. Basanta Kumar Maharana, Basanta Maharana and Rama Chandra Maharana are one and same person.

**Saroj Kumar Maharana**

**AFFIDAVIT**

By virtue of an affidavit sworn before Executive Magistrate, and Tahasildar, Basta, Balasore, Dt.06.10.25, I Sasmita Dalai, W/o Nabin Kumar Dalai, Address : At: Berhampur, P.O. Hatiadiha, P.S. Rupsa, Dist. Balasore, Pin-756028 (Odisha) declare that my minor son Samiya Ranjan Dalai name has been changed from Samiya Ranjan Dalai to Soumya Ranjan Dalai. Henceforth, my son shall be known as Soumya Ranjan Dalai for all purpose.

**Sd/-**
**Sasmita Dalai**

**AFFIDAVIT**

By virtue of an affidavit sworn before Notary Public, Basta, Balasore dtd 22.8.25 I Chhabirani Barik d/o. Rakhal Barik at/po- Routpada ps- Rupsa Dist-Balasore, Odisha declare that I have changed my name from Champabati Barik to Chhabirani Barik. Champabati Barik and Chhabirani Barik is one and same person. Henceforth I will be known as Chhabirani Barik for all purpose.

**Chhabirani Barik**

## ଜୀବନ ଯୁଦ୍ଧରେ ହାରିଗଲେ ସଭିଙ୍କ ଆପଣାର ବିଜୟ ସାର୍

ଭଦ୍ରକ , ୦୮/୧୦ (ନି.ପ୍ର): ବିଜୟ ଜେନା ଚରମ୍ପା ଅଞ୍ଚଳର ବାସିନ୍ଦା ସିମୁଳିଆ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ,ଜଣେ ସୁ ସାହିତ୍ୟିକ, ସୁସଂଗଠକ, ମିଷ୍ଟଭାଷୀ,ବହୁ ସାହିତ୍ୟ,ସଂସ୍କୃତି ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ (ବିଜୟ ସାର)ଆଉ ନାହାନ୍ତି ୭୦ ବର୍ଷ ବୟସରେ ହୃଦଘାତରେ ଚାଲିଗଲା ତାଙ୍କ ଜୀବନ। ଭଦ୍ରକରେ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଥିଲା ଏକ ସ୍ୱତନ୍ତ୍ର ପରିଚୟ। ସଦା ବେଳେ ହସ ହସ ମୁହଁ ନିମିଷକରେ ପରକୁ ଆପଣାର କରି ନେଉଥିବା ବ୍ୟକ୍ତିତ୍ୱ ଥିଲେ (ବିଜୟ ଜେନା କ୍ରିକେଟ ଖେଳ ପ୍ରତି ଥିଲା ତାଙ୍କର ଏକ ସ୍ୱତନ୍ତ୍ର ରୁଚି ତାଙ୍କର ଅକାଳ ବିୟୋଗ ଖବର ପାଇତାନିୟ ଅଂଚଳ ଶୋକରଛାୟା- ବିଜୟ କୁମାର ଜେନାଙ୍କ ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସତ୍ ଗତି କାମନା କରିଛନ୍ତି ସାଥିରେ ସ୍ଥାନୀୟ ଅଞ୍ଚଳର ନେତୃମଣ୍ଡଳୀ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ବାଲେଶ୍ୱର ମହାବୀର ଆଖଡ଼ା ସଂଘ ୧୦୦ ବର୍ଷ ପୂର୍ତ୍ତି ଅବସରରେ ପ୍ରତିଯୋଗିତା ଓ ପୁରସ୍କାର ବାର୍ଷିକ ବିତରଣ ଉତ୍ସବ



ବାଲେଶ୍ୱର , ୦୮/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମହାବୀର ଆଖଡ଼ା ସଂଘ ୧୦୦ ବର୍ଷ ପୂର୍ତ୍ତି ଅବସରରେ ପ୍ରତିଯୋଗିତା ଓ ପୁରସ୍କାର ବାର୍ଷିକ ବିତରଣ ଉତ୍ସବ। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓଡ଼ିଶା ସରକାର ଓ ମହାବୀର ସଂଘ ମିଳିତ ଆନୁକୁଲ୍ୟରେ ସଂଘର ସଭାପତି ଗୋପୀନାଥ ଶତପଥୀ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ପୁରସ୍କାର ବିତରଣ ଉତ୍ସବ କୁମାର ପୂର୍ଣ୍ଣିମା ୭ ତାରିଖ ଦିନ ସନ୍ଧ୍ୟାରେ ମାକାଲ ପୁର ସ୍ଥିତ ମହାବୀର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଡି ଆଇ ଜି ପିନାକୀ ମିଶ୍ର , ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ , ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ , ବସ୍ତା ବିଧାୟିକା ସୁବାସୀନି ଜେନା , ବାଲେଶ୍ୱର ମ୍ୟୁନିସପାଲିଟି ଚେୟାରମେନ ସବିତା ସାହୁ, ସଂଘର ସାଧାରଣ ସଂପାଦକ ମନୋଜ ଦାସ , ଉପସଭାପତି ପଦ୍ମ ଲୋଚନ ଲେଙ୍କା , ଉପସଭାପତି ମନୋଜ କୁମାର ରାଉତ, ସହକାରୀ ସାଧାରଣ ସଂପାଦକ ବୈଲଚନ ଦାସ , ଉପସଭାପତି ଅରୁଣ କୁମାର ଚାଟାର୍ଜୀ, ଯୁଗ୍ମ ସମ୍ପାଦକ ରାମେଶ୍ୱର ବେହେରା, ଯୁଗ୍ମ ସମ୍ପାଦକ ଲମ୍ବୋଦର ବେହେରା ଯୁଗ୍ମ ସମ୍ପାଦକ ବଂଶୀଧର ଦଳେଇ , କୋଷାଧ୍ୟକ୍ଷ ରାଜେନ୍ଦ୍ର ଚାଟାର୍ଜୀ ପ୍ରମୁଖ ମଞ୍ଚରେ ମଞ୍ଚାସୀନ ଥିଲେ ।ମୁଖ୍ୟ ଅତିଥି ଡି ଆଇ ଜି ପିନାକୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ପୋଲିସ ଯେପରି ବାଡି ଧରେ କେବଳ ଅନ୍ୟାୟ କରୁଥିବା ଲୋକଙ୍କ ବିରୁଦ୍ଧରେ ଠିକ୍ ସେହିପରି ବାଡି ଖେଳୁ ଥିବା ଲୋକ ବାଡି ଧରନ୍ତୁ ନିଜର ସୁରକ୍ଷା ପାଇଁ ଦେଶର ସେବା ପାଇଁ ଅନ୍ୟତମ ସମ୍ମାନୀୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ବାଡି ଖେଳ ଏକ ପରମ୍ପରାର ପ୍ରତୀକ ତେଣୁ ମହାବୀର ଆଖଡ଼ା ସଂଘ ଏହିପରି ଭାବରେ ଆୟୋଜିତ କରି ବାଲେଶ୍ୱର ଐତିହ୍ୟ ବଜାୟ ରଖିଥିବାରୁ ଧନ୍ୟବାଦ୍ ଦେଇଥିଲେ। ସମ୍ମାନୀୟ ଅତିଥି ସଦର ବିଧାୟକ ମାନସ କୁମାର ଦତ୍ତ ତାଙ୍କ ବକ୍ତବ୍ୟରେ କହିଥିଲେ ବାଲେଶ୍ୱର କଳା ସଂସ୍କୃତି ଓ ପରମ୍ପରା ର ସହର ତେଣୁ ଏହି ମହାବୀର ସଂଘ ତାର ସଂଗ୍ରାମ ଜାରି ରଖୁ , ପରମ୍ପରାକୁ ବଜାୟ ରଖୁ । ଏହି ମହାବୀର ସଂଘ ପୂର୍ବ ସରକାର ସମୟରେ ଯେଉଁ ଅନୁବାଦ ପାଉଥିଲେ ବିଜେପି ସରକାର ସମୟରେ ତାର ୨ ଗୁଣ ରୁ ଅଧିକ ଅନୁଦାନ ଦେଇଛି । ଏପରିକି ଏହି ମହାବୀର ଆଖଡ଼ା ସଂଘ ସହିତ ମୁଁ ରହିଛି ଆବଶ୍ୟକ ପଡିଲେ ମୁଁ ମଧ୍ୟ ସାହାଯ୍ୟ କରିବି। ଅନ୍ୟ ସମ୍ମାନୀୟ ଅତିଥି ମାନେ ମହାବୀର ଆଖଡ଼ା ସଂଘ ଏଭଳି ଆୟୋଜନ ପ୍ରତିବର୍ଷ କରିଥିବାରୁ ସଂଘର ସଭାପତିଙ୍କୁ ଧନ୍ୟବାଦ୍ ଦେଇଥିଲେ। ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି ଦ୍ୱାରା ପ୍ରତିଯୋଗିତା ଅଂଶ ଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ମଠ ସାହି ଦଳକୁ ରୂପ ଗଦା ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପୁରୁଣା ବାଲେଶ୍ୱର କୁ ଚାନ୍ଦି ଖଣ୍ଡା ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଭୀମପୁରା ଆଖଡ଼ା କୁ କପ୍ ପ୍ରଦାନ କରିଥିଲେ। ଦଳଗତ ହିସାବରେ ୧ମ ପୁରସ୍କାର ରଣସାହି ୨ୟ ସ୍ଥାନ ମାନସିଂ ବଜାର , ୩ ୟ ସ୍ଥାନ ହର୍ଷପୁରାକୁ ସିଲ ପ୍ରଦାନ କରିଥିଲେ ବିଧାୟ ମାନସ ଦତ୍ତ ତାଙ୍କ ପିତା ମଙ୍ଗୁ ଭାଇ ସ୍ମୃତି ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳକୁ ସିଲ୍ ଦେଇଥିଲେ । ସେହିପରି ଅତିଥି ମାନଙ୍କ ଦ୍ୱାରା କାର୍ତ୍ତିକ ଚନ୍ଦ୍ର ବେହେରା ଓ ସୌମ୍ୟ ରଞ୍ଜନ ଯାଦବ ଛୋଟ ଛୋଟ ପୁଅ ଝିଅ ଓ ବଡ଼ ପିଲା ଖେଳ ପ୍ରଦର୍ଶନ କରୁଥିବାରୁ ପ୍ରସାହନ ପାଇଁ କିଛି ଆର୍ଥିକ ରାଶି ପ୍ରଦାନ କରିଥିଲେ । ଏହି ଉତ୍ସବରେ ଯଶୋଦା ନନ୍ଦନ ଆଶ କମଳା କାନ୍ତ ନାୟକ, ଆଶ୍ରିତା ତରେଇ , ଦେବେନ୍ଦ୍ର ଦାସ ପଙ୍କଜ କୁମାର ଦାସ , ନଳିନୀ ରଞ୍ଜନ ଦାସ, ସୁରଜିତ ଦେବ, ମହେଶ ଚନ୍ଦ୍ର ସିଂହ , ଲୋକନାଥ ପିରି , ମନୋଜ କୁମାର ଧଳ , ରାଜେନ୍ଦ୍ର କୁମାର ଦାସ , ସଞ୍ଜୟ କୁମାର ମହାପାତ୍ର, ଶ୍ରଦ୍ଧାଞ୍ଜଳି ରାୟ , ହେମଲତା ଦାସ , ନିରଞ୍ଜନ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ବାଲି ଚୋରି: ୩ ଡଙ୍ଗା ସହ ସାମଗ୍ରୀ ଜବତ

ବାଲିଆପାଳ ୮/୧୦ (ଆପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀରୁ ଡଙ୍ଗା ସାହାଯ୍ୟରେ ବେଆଇନ ଭାବରେ ବାଲି ଉତ୍ତୋଳନ କରୁଥିବା ସମୟରେ ଲଘୁ ଖଣିଜ ସମ୍ପଦ ବିଭାଗ ଏବଂ ରାଜସ୍ୱ ବିଭାଗର ମିଳିତ ଚଢଉ କରାଯାଇ ତିନୋଟି ଯନ୍ତ୍ର ଚାଳିତ ଡଙ୍ଗା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ ହୋଇଛି। ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରେ ବେଆଇନ ଭାବରେ ବାଲି ଉତ୍ତୋଳନ ହେଉଥିବା ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ବେଆଇନ ଭାବରେ ବାଲି ଉତ୍ତୋଳନ କରି ମାଫିଆମାନେ ଚଢା ଦରରେ ବିକ୍ରି କରି ମାଲେମାଲ ହେଉଥିବା ବେଳେ ବେଳେ ରାଜସ୍ୱ ହରାଉଛନ୍ତି ସରକାର । ଆଜି ସୁବର୍ଣ୍ଣରେଖା ନଦୀର ବଡ ବଡାପାଳ ଏବଂ ଛୋଟ ଖାନପୁର ନିକଟରେ ବାଲି ମାଫିଆ ମାନେ ଡଙ୍ଗା ହାଯ୍ୟରେ ବାଲି ଉତ୍ତୋଳନ କରୁଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ଖଣିଜ ସମ୍ପଦ ବିଭାଗ ଏବଂ ରାଜସ୍ୱ ବିଭାଗ ମିଳିତ ଚଢଉ କରିଥିଲେ । ବାଲି ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ୩ଟି ୩ଟି ଯନ୍ତ୍ର ଚାଳିତ ଡଙ୍ଗା ଜବତ କରି କରିଛି ପ୍ରଶାସନ। ଏହି ଚଢଉ ସମୟରେ ଲଘୁ ଖଣିଜ ସମ୍ପଦ ବିଭାଗର ଅଧିକାରୀ, ବାଲିଆପାଳ ଖଣି ଅଧିକାରୀଙ୍କ ନେତୃତ୍ୱରେ ସତ୍ୟ ଚିନ୍ମୟ ଜେନା, ଜଳେଶ୍ୱରସ୍ଥିତ କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର ଜେନା, ବାଲିଆପାଳ ଥାନା ପୁଲିସ ଅଧିକାରୀ, ବାଲି ଚୋରି କରିପାରୁନଥିବା ବାଲି ମାଫିଆ ପ୍ରମୁଖ ସାମିଲ ଥିଲେ। ବାଲିଆପାଳ ତହସିଲଦାର ଦାର ଜ୍ୟୋତ୍ସ୍ନାରାଣୀ ନାୟକ ମଧ୍ୟ ଉପସ୍ଥିତ ଥିଲେ ।



# ଛତୁ ତୋଳିବାକୁ ଯାଇ ଭାଲୁ ଆକ୍ରମଣରେ ମହିଳା ମୃତ

ନୀଳଗିରି, ୦୮/୧୦ (ନି.ପ୍ର): ଜଙ୍ଗଲ ନଷ୍ଟ ଏବଂ ବନ୍ୟଜନ୍ତୁଙ୍କ ଆଶ୍ରୟସ୍ଥଳୀ ସଙ୍କୁଚିତ ହେବା ଫଳରେ ଜୀବଜନ୍ତୁମାନେ ଗ୍ରାମାଭିମୁଖୀ ହେବା ସହିତ ହିଂସ୍ରହୋଇ ମଣିଷକୁ ଆକ୍ରମଣ କରିବାକୁ ପଛାଉନାହାଁନ୍ତି। ଫଳରେ ଅନେକଙ୍କ ଜୀବନ ଯାଉଥିବା ବେଳେ ଆଜି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ସଜନାଗଡ ପଞ୍ଚାୟତ,ପାଣବନ୍ଧ ଗ୍ରାମର ଚନ୍ଦ୍ରମୋହନ ନାୟକ ଏବଂ ତାଙ୍କ ସ୍ତ୍ରୀ ଶାନ୍ତିଲତା ନାୟକ ସକାଳେ ନିକଟସ୍ଥ ତିନିକୋଶିଆ ଜଙ୍ଗଲକୁ ଛତୁ ତୋଳିବାକୁ ଯାଇଥିବା ବେଳେ



ଏକ ଭାଲୁ ହାବୁଡ଼ରେ ପଡିଥିଲେ। ଭାଲୁଟି ଶାନ୍ତିଲତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ତୁରନ୍ତ ଚନ୍ଦ୍ରମୋହନ ଭାଲୁ କବଳରୁ ଶାନ୍ତିଲତାଙ୍କୁ ଉଦ୍ଧାରକରି ନୀଳଗିରି ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।ଭାଲୁଟି ତାଙ୍କ ଗଳାକୁ ଆକ୍ରମଣ କରି ଗଭୀର କ୍ଷତ କରିଥିବା ଯୋଗୁଁ ଅଧିକ ରକ୍ତସ୍ରାବ ପାଇଁ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏଭଳି ଭାଲୁ ଆକ୍ରମଣରେ ଅଞ୍ଚଳବାସୀ ଭୟାତୁର ହୋଇପଡ଼ିଥିବା ସୂଚନା ମିଳିଛି। ଏନେଇ ନୀଳଗିରି ଥାନାରେ ୧୩୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

# କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ: ଟିକରାପଡା ଦଳ ଚମ୍ପିୟାନ

ବାଲିଆପାଳ, ୦୮/୧୦ (ନି.ପ୍ର): ବାଲିଆପାଳ ବ୍ଲକ୍ ଜମ୍ବୀରାଇ ପଞ୍ଚାୟତ ଅଧିନସ୍ଥ ସୁନ୍ଦରକୋଇଲି ଗ୍ରାମରେ ଦୁର୍ଗାପୂଜା ଏବଂ ଲକ୍ଷ୍ମୀପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି କ୍ଷ ଏହି ଅବସରରେ ଜମ୍ବୀରାଇ ଦୁର୍ଗାପୂଜା କମିଟି ପକ୍ଷରୁ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା କ୍ଷପ୍ରତିଯୋଗିତାରେ ୮ଟି ଦଳ ଭାଗ ନେଇଥିଲେ । ଫାଇନାଲରେ ସୁନ୍ଦରକୋଇଲି ଦଳକୁ ହରାଇ ଟିକରାପଡା ଦଳଚମ୍ପିୟାନ ହୋଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଜଗତ ଜନନୀ ମା’ ଦୁର୍ଗା ଏବଂ ଆଦିଶକ୍ତି ମା’ ଲକ୍ଷ୍ମୀଙ୍କ ଆଶୀର୍ବାଦ ଭିକ୍ଷା କରି ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ।କ୍ରୀଡ଼ାକୁ ନେଇ ଆୟୋଜକଙ୍କ ମଧ୍ୟରେ ଥିବା ଉତ୍ସାହ ପାଇଁ ସେମାନଙ୍କୁ ସାଧୁବାଦ ଜଣାଇଥିଲେ । ମୁଖ୍ୟ ଅତିଥି ମାନ୍ୟବର ବିଧାୟିକା ଶ୍ରୀମତୀ ଜେନା ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚମ୍ପିୟାନ ଏବଂ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜମ୍ବୀରାଇ ପଞ୍ଚାୟତ ସମିତି ସଦସ୍ୟ ସୁଦର୍ଶନ ପଣ୍ଡିତ,ସଚ୍ଚିନ୍ଦ୍ର ପାତ୍ର, ଶ୍ରୀନିବାସ ସାହୁ, ବାସୁଦେବ ସାହୁ, ଶୈଳେନ୍ଦ୍ର ଆଚାର୍ଯ୍ୟ, ପୁରସ୍ତମ ନାୟକ, ରତ୍ନାକର ବିଶ୍ୱାଳ ପ୍ରମୁଖ ବହୁ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି

ବସ୍ତା, ୦୮/୧୦ (ନି.ପ୍ର): ବସ୍ତା ବ୍ଲକ୍ ସିଂଲା ଥାନା ରଘୁନାଥପୁର ପଞ୍ଚାୟତ ଅଧିନସ୍ଥ କୈଳାଶ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳ ବାର ବିଳମ୍ବିତ ରାତିରେ ଚୋରି ହୋଇଥବା ନେଇ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଘନଶ୍ୟାମ ବାରିକ୍ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ବୁଧବାର ଭୋର ସମୟରେ ଗ୍ରାମର କିଛି ବ୍ୟକ୍ତି ଫୁଲ ତୋଳିବାକୁ ଆସି ବିଦ୍ୟାଳୟ ଦକ୍ଷିଣ ପଟ ପାଚେରୀ ନିକଟରେ ଚାଉଳ ବୁରା ପଡିଥିବାର ଦେଖି ଚୋରି ହୋଇଥିବାର ସନ୍ଦେହ କରି ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଓ ଶିକ୍ଷକଙ୍କୁ ଖବର ଦେଇଥିଲେ। ଶିକ୍ଷକ



ଶିକ୍ଷୟତ୍ରୀ ଆସିବା ପରେ ୧୩ କୁଇଣ୍ଟାଲ ଚାଉଳ ଚୋରି ହୋଇଥିବା ଜଣା ପଡ଼ିଥିଲା। ଯାହାକୁ ନେଇ ସିଂଲା ଥାନାରେ ଲିଖିତ ଅଭିଯୋଗ ପରେ ସିଂଲା ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ବେଳେ, ସ୍ଥାନୀୟ ଅଞ୍ଚଳର ଦୁଇ ଜଣ ଯୁବକ ଇଲେକ୍ଟ୍ରିକ୍ ଟଟୋ ସାହାଯ୍ୟରେ ଚାଉଳ ଚୋରି କରିଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ତେବେ ପୋଲିସର ତଦନ୍ତ ପରେ ପ୍ରକୃତ ସତାସତ୍ୟ ସାମ୍ନା କୁ ଆସିବ।

## ରାଜ୍ୟରେ ଆଇନ ଶୃଙ୍ଖଳା ବିଗିଡ଼ିଯାଇଛି : ଦେବୀ ମିଶ୍ର

ଭୁବନେଶ୍ୱର, ୦୮/୧୦ (ନି.ପ୍ର): ଆଇନ ଶୃଙ୍ଖଳା ରାଜ୍ୟରେ ବିଗିଡ଼ିବା ଏକ ଦୁର୍ଭାଗ୍ୟ ଜନକ ଘଟଣା ବୋଲି କହିଛନ୍ତି ବିଜେଡ଼ିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର। ସେ କହିଛନ୍ତି ସରକାର ଯାହା କହୁଛନ୍ତି ତାହା ଅନ୍ୟ ଦିଗରେ ଦେଖିଲେ ପ୍ରତିଫଳିତ ହୋଇନାହିଁ। ଆଇନ ଶୃଙ୍ଖଳା ପରିସ୍ଥିତି କୁ ଦେଖିଲେ ଓଡ଼ିଶା କୁ ଅନ୍ୟ ଦେଶର ପର୍ଯ୍ୟଟକ ଆସୁଛନ୍ତି । ଆମେରିକା ଭଳି ଦେଶ ଓଡ଼ିଶା ପରିପ୍ରେକ୍ଷୀରେ ଆଡଭାଇଯେରି ଜାରି କରିଛି । ପୂର୍ବ ବିଜେଡି ସରକାର ସମୟ ରେ ଏକ ସ୍ଥିର ସରକାର ଏବଂ ଆଇନ ଶୃଙ୍ଖଳା ସମ୍ପୂର୍ଣ ନିୟନ୍ତ୍ରଣ ଥିଲା । କିନ୍ତୁ ଏକ ଦୁଃଖ ର କଥା ଜଣେ ଓକିଲଙ୍କ ତାଙ୍କ ଘର ପାଖରେ ଗୁଳି କରି ହତ୍ୟା କରାଗଲା । କେବଳ ସେତିକି ନୁହ ସାରା ଓଡ଼ିଶା ରେ ପ୍ରତ୍ୟେକ ଦିନ ଅପରାଧ ବଢ଼ି ଚାଲିଛି।

# ରେଳବାଇ ଅଣ୍ଡର ପାସ ପାଇଁ ପ୍ରତିଶ୍ରୁତି ପାଣିରେ ଗାର: ଅସନ୍ତୋଷ ବଢ଼ି ବଢ଼ି ଚାଲିଛି

ବୈଶିଙ୍ଗା, ୦୮/୧୦ (ନି.ପ୍ର): ବୈଶିଙ୍ଗା ଉପକଣ୍ଠ ଯୁଗପୁରା ରେଳ ଷ୍ଟେସନ ର ମାତ୍ର ୫୦୦ ମିଟର ଦୂରରେ ଥିବା ଈଶାଣପୁର ଓ ଯୁଗପୁରା ଅଞ୍ଚଳର ବାସିନ୍ଦାଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ସହ ଦକ୍ଷିଣ ପୂର୍ବ ରେଳବାଇ ର ଡିଆରଏମ୍ ଗତ ବର୍ଷ ଫେବୃଆରୀ ମାସରେ ଗସ୍ତ କରି ଦୀର୍ଘ ଦିନର ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ ଯେ ଈଶାଣପୁର ଗ୍ରାମ କୁ ସଂଯୋଗ କରୁଥିବା ୭ନଂ ଗେଟ୍ ରାସ୍ତାଟିକୁ ରେଳବାଇ ପକ୍ଷରୁ ବନ୍ଦ କରି ଦିଆଯାଇଛି। ଅନ୍ୟ ପକ୍ଷରେ ଗ୍ରାମବାସୀଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନଥିବା କାରଣରୁ ଏଠାକାର ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ନିଜସ୍ୱ ଅର୍ଥ ରେ ୩୦୦ ମିଟର ଦୂରରେ ଥିବା ଛତର ରେଳ ଫାଟକ ପର୍ଯ୍ୟନ୍ତ ରେଳ ଲାଇନ ପାର୍ଶ୍ୱରେ ମାଟି ରାସ୍ତା ତିଆରି କରି ଚଳପ୍ରଚଳ କରୁଥିଲେ। ମାତ୍ର ଏହାକୁ ବେଆଇନ ଦର୍ଶାଇ ରେଳ ଅଧିକାରୀମାନେ ବିରୋଧ କରି ଆସୁଛନ୍ତି ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଚମକ ମଧ୍ୟ ଦେଉଛନ୍ତି। ଫଳରେ ଗ୍ରାମ ଭିତରକୁ କୌଣସି ଗାଡ଼ି ମଟର ଚଳାଚଳ ବ୍ୟାହତ ହୋଇଛି। ଏମିତିକି ଜରୁରୀକାଳୀନ ସ୍ଥିତି ରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ମଧ୍ୟ ଯାଇ ପାରୁନାହିଁ। ଏ ସମ୍ପର୍କରେ ବହୁବାର ରେଳବାଇ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଶେଷରେ ରେଳରୋକ କରାଯିବା ନେଇ ଅଧିକାରୀ ଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ଫଳରେ ମୟୂରଭଞ୍ଜ ଲୋକସଭା ପୂର୍ବତନ ସାଂସଦ ତଥା ତତ୍କାଳୀନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ବିଶେଶ୍ୱର ଟୁଡୁ ଏବଂ ବାଲେଶ୍ୱର ଲୋକସଭା ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ହସ୍ତକ୍ଷେପ ପରେ ରେଳ ବିଭାଗ ଡିଆରଏମ୍ ସମ୍ପୃକ୍ତ ଗ୍ରାମ ପରିଦର୍ଶନ କରି ତୁରନ୍ତ ଏଠାରେ ଏକ ଅଣ୍ଡର୍ ପାସ୍ ରାସ୍ତା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ ସମୟରେ ରେଳ ଅଧିକାରୀ ଙ୍କ ସହ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ , ଯୁଗପୁରା ଷ୍ଟେସନ ସୁରକ୍ଷା କମିଟି ର ଅଶ୍ୱିନୀ କୁମାର ମହାରଣା , ଗିରିଶ ଚନ୍ଦ୍ର ରାଉତ, ରତିକାନ୍ତ ମହାନ୍ତ ଙ୍କ ସମେତ ବହୁସଂଖ୍ୟକ ମହିଳା ମଧ୍ୟ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ଏହା ଭିତରେ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ଏଥିପାଇଁ ଅର୍ଥ ମଞ୍ଜୁରୀ ମିଳିନାହିଁ କିମ୍ବା କାର୍ଯ୍ୟ ଆରମ୍ଭ ହୋଇନାହିଁ। ପ୍ରତ୍ୟେକ ମୂହୁର୍ତ୍ତ ରେ ସମସ୍ୟାର ସାମନା କରୁଛନ୍ତି ଅଞ୍ଚଳବାସୀ। ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଙ୍କ ମୟୂରଭଞ୍ଜର ତିନୋଟି ରେଳ ପ୍ରକଳ୍ପ କୁ ବାଙ୍ଗିରିପୋଷି ଠାରେ ଶୁଭ ଦେବା ଅବସରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସିଥିବା ସମୟରେ ଜୁଗୁପୁରା ଷ୍ଟେସନ ସୁରକ୍ଷା କମିଟି ତରଫରୁ ଶ୍ରୀଯୁକ୍ତ ବୈଷ୍ଣବ ଙ୍କ ଦୃଷ୍ଟି ଆକର୍ଷଣ କରାଯଇଥିଲା ।ଏହି ୭ନଂ ଗେଟ ନିକଟରେ ଖୁବ୍ ଶୀଘ୍ର ଅଣ୍ଡର ପାସ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା ।

# ତୁଳସୀ ଗଣନାଟ୍ୟ ଗାଡ଼ି ଅଟକ

ବସ୍ତା , ୦୮/୧୦ (ନି.ପ୍ର): ବସ୍ତାରେ ଅଟକ ରହିଲା ତୁଳସୀ ଗଣନାଟ୍ୟର ଚାରୋଟି ଗାଡି। ସୂଚନା ଅନୁସାରେ ମା ମଙ୍ଗଳା ଯାତ୍ରା କମିଟି, ବସ୍ତା ପକ୍ଷରୁ ଆସନ୍ତା ୨୦୨୬ ଜାନୁୟାରୀ ମାସ ପାଇଁ ବୁକିଂ କରାଯାଇଥିଲା। ତେବେ ଦେଢ଼ ମାସ ତଳେ ଯାତ୍ରା ପାର୍ଟିର ମାଲିକ ଫୋନ କରି ତୁରନ୍ତ ଦୁଇ ଲକ୍ଷ ଟଙ୍କା ଅଗ୍ରିମ ମାଗିଥିଲେ। ଅଗ୍ରିମ ନ ଦେଲେ ଜାନୁୟାରୀ ମାସରେ ଯାତ୍ରା ଦେଇ ହେବ ନାହିଁ କହିବାରୁ କମିଟି ପକ୍ଷରୁ ତୁରନ୍ତ ଦୁଇ ଲକ୍ଷ ଟଙ୍କା ପଠାଯାଇଥିଲା। ହେଲେ ଟଙ୍କା ନେବାର କିଛି ଦିନ ପରେ ନିଜେ ମାଲିକ ବସ୍ତାକୁ ଯାତ୍ରା ପାର୍ଟି ଦେଇହେବ ନାହିଁ କହିଥିଲେ। ଏହାକୁ ନେଇ କମିଟିର ସଭାପତି ତାଙ୍କର ଅଗ୍ରିମ



ଟଙ୍କା ଫେରାଇ ଦେବାକୁ କହିଥିଲେ। ହେଲେ ମାଲିକ ମେନେଜର ବେଶ କିଛି ଦିନ ଧରି ବିଭିନ୍ନ ଆଳ ଦେଖାଇ ଖସି ଯାଉଥିଲେ। ତେବେ ଆଜି ଦିନ ୯.୩୦ ସମୟରେ ଯାତ୍ରା ପାର୍ଟି ବାଲିଆପାଳରୁ ଫେରୁଥିବା ସମୟରେ କୁଡ଼ିଆ ପୋଲ ତଳେ ବସ୍ତା ଯାତ୍ରା କମିଟି ପକ୍ଷରୁ ଗାଡି ଗୁଡିକୁ ଅଟକ କରାଯାଇଛି ଏବଂ ଟଙ୍କା ଫେରସ୍ତ ନହେବା ପର୍ଯ୍ୟନ୍ତ ତୁଳସୀ ଗଣନାଟ୍ୟର ଗାଡି ସବୁ ଅଟକ ରହିବ ବୋଲି କହିଛନ୍ତି ସଭାପତି।

# ଶାଳଗାଁରେ ୭୧ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ

ବଡସାହି , ୦୮/୧୦ (ନି.ପ୍ର): ବଡସାହି ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁର ରାଜ୍ୟ ଅବସର ପ୍ରାପ୍ତ ଜଙ୍ଗଲ ପଦାଧିକାରୀ କଲ୍ୟାଣ ସଂଘ ଓଡ଼ିଶା ଓ ଇକୋକ୍ଲବ ଶାଳଗାଁ ମିଳିତ ଆନୁକୂଲ୍ୟରେ ୭୧ ତମ ବନ୍ୟପ୍ରାଣୀ ସପ୍ତାହ ୨୦୨୫ ପାଳିତ ହୋଇଯାଇଅଛି । ଇକୋକ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଷ୍ଟା ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରଭାସ କୁମାର ନାୟକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଅରୁଣ କୁମାର ପାତ୍ର , ସ୍ୱତନ୍ତ୍ର ଅତିଥି ଦିଲ୍ଲିପ କୁମାର ବାରିକ , ମୁଖ୍ୟ ବକ୍ତା ବଟକୃଷ୍ଣ ପାଢ଼ୀ (ସମସ୍ତେ ଅବସର ପ୍ରାପ୍ତ ଉପ ବନ ସଂରକ୍ଷକ) ସମ୍ମାନୀୟ ଅତିଥି ଅଜୟ କୁମାର ଦାସ ଅବସର ପ୍ରାପ୍ତ - ବନାଞ୍ଚଳ ଅଧିକାରୀ ,ସରୋଜ କୁମାର ବେହେରା ( ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ) ଜୟନ୍ତୀ ପାତ୍ର ବେତନଟୀ ଜଙ୍ଗଲ ବିଭାଗର ବନରକ୍ଷୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀଙ୍କ ଦ୍ୱାରା




ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ସହିତ ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ଅତିଥି ବୃନ୍ଦ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ବନ୍ୟପ୍ରାଣୀ ଜଙ୍ଗଲର ଏକ ଆବିଚ୍ଛେଦ ଅଙ୍ଗ ପ୍ରତ୍ୟେକ ଜୀବ ଜନ୍ତୁଙ୍କୁ ସୁରକ୍ଷା କରିବା ଜନସାଧାରଣଙ୍କର କର୍ତ୍ତବ୍ୟ, ପରିବେଶ ର ସନ୍ତୁଳନ ପାଇଁ ବନ୍ୟପ୍ରାଣୀ ସୁରକ୍ଷା ର ଆବଶ୍ୟକତା ଅଛି , ହାତୀ ଯେଉଁଭଳି ଭାବରେ ଆମ ଅଞ୍ଚଳରେ ପ୍ରବେଶ କରି ଧନ ଜୀବନ ଓ କୃଷି କ୍ଷେତ୍ର ନଷ୍ଟ କରୁଛନ୍ତି ତାର ସୁରକ୍ଷା କଲେ ଆମ୍ଭେ ମାନେ ମଧ୍ୟ ସୁରକ୍ଷିତ ରହିପାରିବା ଓ ଏ ବର୍ଷ ର ପ୍ରସଙ୍ଗ - ମନୁଷ୍ୟ ଓ ବନ୍ୟପ୍ରାଣୀ ସହାବସ୍ଥାନ ସମ୍ବନ୍ଧରେ୍ ଅତିଥି ବୃନ୍ଦ ଆଲୋକପାତ କରିଥିଲେ । ଛାତ୍ର ଛାତ୍ରୀ , ଅତିଥି ବୃନ୍ଦ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଦ୍ୱାରା ପ୍ଲାକାର୍ଡ ଧରି ସଚେତନତା ରାଲି କରାଯାଇଥିଲା । ଶାଳଗାଁ ଉଚ୍ଚ ବିଦ୍ୟାଳୟ , ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ବୃନ୍ଦ ଓ ଗ୍ରାମବାସୀ ବୃନ୍ଦ ଯୋଗ ଦେଇଥିଲେ। ଛାତ୍ର ଛାତ୍ରୀ ଓ ଅତିଥିଙ୍କ ଦ୍ୱାରା ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ ଉକ୍ତ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ । ସର୍ବଶେଷରେ ବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ବେହେରା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଆଗରପଡ଼ା-ବରପଦା ପୂର୍ତ୍ତବିଭାଗ ରାସ୍ତା ନିର୍ମାଣରେ ଶିଥିଳତା: ଗମନାଗମନରେ ସମସ୍ୟା

ଭଦ୍ରକ, ୦୮/୧୦ (ନି.ପ୍ର): ଆଗରପଡ଼ା ମୁଖ୍ୟ ବଜାରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାର ଦୂରାବସ୍ଥାରେ ସୁଧାର ଆଣିବା ନେଇ ପ୍ରଶାସନ ପକ୍ଷରୁ ଗତ ଜୁଲାଇ ମାସ୧୩ ତାରିଖ ଭିତରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ୧୪ ତାରିଖ (ସୋମବାର) କଂଗ୍ରେସ ପକ୍ଷରୁ ରାସ୍ତାରୋକ କରାଯିବ ବୋଲି ଆଗରପଡ଼ା ସ୍ଥିତ ଇଲେଭେନଷ୍ଟାର କ୍ଲବ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ । କିନ୍ତୁ ଉକ୍ତ ସମୟ ଅବଧି ମଧ୍ୟରେ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ୧୪ ତାରିଖ ସୋମବାର ସକାଳୁ କଂଗ୍ରେସ ପକ୍ଷରୁ ରାସ୍ତା ରୋକ ଆନ୍ଦୋଳନ ଆରମ୍ଭ ହୋଇଥିଲା । ବରିଷ୍ଠ ନେତା ନବଜ୍ୟୋତି ପଟ୍ଟନାୟକ, ପ୍ରାକ୍ତନ ବିଧାୟକ ପଂଚାନନ ମଣ୍ଡଳ,ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ, ରବିନାରାୟଣ ମହାନ୍ତି, ସତ୍ୟବାନ ଦାସ, କାର୍ତ୍ତିକ ଜେନା, ଛାୟାକାନ୍ତ ନନ୍ଦ, ଗୟାଧର ପତି, ବାଙ୍କବିହାରୀ ଜେନା ପ୍ରମୁଖ ଏଥିରେ ସାମିଲ ଥିଲେ। ପରେ ବିଭାଗୀୟ ଅଧିକାରୀ ଘଟଣା ସ୍ଥଳରେ ପହଂଚି ଖୁବ୍ ଶୀଘ୍ର ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ରୋକ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଘଟଣାସ୍ଥଳରେ ଥାନାଧିକାରୀ ଦେବରାଜ ଜେନା ମଧ୍ୟ ଉପସ୍ଥିତ ଥିଲେ। ପରେ ପ୍ରତିଶ୍ରୁତି ପାଳନ ପୂର୍ବକ ବିଭାଗ ପକ୍ଷରୁ ଅଗଷ୍ଟ ମାସରୁ ବରପଦା ଠାରୁ ଆଗରପଡ଼ାକୁ ଲମ୍ବିଥିବା ପୂର୍ତ୍ତବିଭାଗ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ବର୍ତ୍ତମାନ କିଛି ଦିନ ହେବ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ଥିବାରୁ ଓ ଲଘୁଚାପ ଜନିତ ବର୍ଷା ଲାଗି ରହିଥିବାରୁ ନିର୍ମାଣାଧିନ ରାସ୍ତାରେ ଗର୍ତ୍ତ ସବୁ ସୃଷ୍ଟି ହୋଇ ଗମନାଗମନରେ ବାଧା



ସୃଷ୍ଟି ହେଉଛି । ରାତ୍ରୀ ସମୟରେ ଉକ୍ତ ରାସ୍ତାରେ ଗମନାଗମନ କରିବା ମାନେ ବିପଦକୁ ଆମନ୍ତ୍ରଣ କରିବା ସଦୃଶ୍ୟ ପାଲଟିଛି । ତେଣୁ ଏହାର ନିର୍ମାଣ କାର୍ଯ୍ୟକୁ ଜୋରଦାର କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି । ରାସ୍ତା ନିର୍ମାଣରେ ଶିଥିଳତାକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଖୁବ୍ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ସୂଚନା ଦେଇଥିଲେ । ନବ ଉତ୍କଳର ନିର୍ମାତା ଉତ୍କଳ କେଶରୀ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ଜନ୍ମମାଟି ଏବଂ ଏକମାତ୍ର ଐତିହାସିକ କର୍ମମନ୍ଦିର ଆଗରପଡ଼ା ଠାରେ ଅବସ୍ଥିତ ଥିବାରୁ ଉକ୍ତ ଅଂଚଳ ଓଡ଼ିଶା ତଥା ଭାରତ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । କିନ୍ତୁ ଦୁର୍ଭାଗ୍ୟର କଥା ଆଜି ପର୍ଯ୍ୟନ୍ତ ଏହି ଅଂଚଳକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ଯଥା- ଜିଲ୍ଲା ସଦର ମହକୁମାକୁ ଯିବା ପାଇଁ ଆଗରପଡ଼ା-ବରପଦା ରାସ୍ତା, ବ୍ଲକ ଓ ତହସିଲ ଯିବା ପାଇଁ ଆଗରପଡ଼ା-ବନ୍ତ ରାସ୍ତା, ପଡ଼ୋଶୀ ଜିଲ୍ଲା କେନ୍ଦୁଝର ଯିବା ପାଇଁ ଆଗରପଡ଼ା-ଆନନ୍ଦପୁର ରାସ୍ତା ଏବଂ ବାଲେଶ୍ୱର ଜିଲ୍ଲାକୁ ଯିବା ପାଇଁ ଆଗରପଡ଼ା-କୁପାରୀ ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି ଏବଂ ରାସ୍ତା ଗୁଡ଼ିକ ମରଣଯନ୍ତା ପାଲଟିଛି। ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ମୁଖ୍ୟ ବଜାର ଉପରେ ଆମ ଜିଲ୍ଲା ତଥା ପଡ଼ୋଶୀ ବାଲେଶ୍ୱର ଓ କେନ୍ଦୁଝର ଏହିପରି ପାଖାପାଖି ୩ଟି ଜିଲ୍ଲାର ଅଧିବାସୀ ନିର୍ଭର କରିଥାନ୍ତି । ତେଣୁ ଆଗରପଡ଼ାକୁ ସଂଯୋଗ କରୁଥିବା ରାସ୍ତା ଗୁଡ଼ିକର ମରାମତି ଯଥାଶୀଘ୍ର କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି ।

# ଚୁଡ଼ାମଣି ମେରାଇନ୍ ଥାନା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବାସୁଦେବପୁର, ୦୮/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଶାଶୁ ଭୂଆ ଶୁଣି ପଞ୍ଚାୟତର ମା ଶୀତଳା ମନ୍ଦିର ପରିସରରେ ଚୁଡ଼ାମଣି ମେରାଇନ୍ ଥାନା ପକ୍ଷରୁ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ବନାନୀ ବେହେରା, ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ, ରାଧାନାଥ ପୁର ଆଡିଆର ମତ୍ସ୍ୟଜୀବୀ ସଂଘ ସଭାପତି ରମାକାନ୍ତ ମଲିକ, ମା ଶୀତଳା ଚଣ୍ଡୀ କମିଟିର ସଭାପତି ରାମକୃଷ୍ଣ ଦାସ,ସମାଜସେବୀ ଶରତ କୁମାର ମଲ୍ଲିକ, ଅଗଣି ପ୍ରସାଦ ଜେନା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଓ ମତ୍ସ୍ୟଜୀବୀ ମାନଙ୍କୁ ଓ ଜନ ସାଧାରଣ ମାନଙ୍କୁ ସଚେତନ କରାଇ ଥିଲେ। ଏହି ଅବସରରେ ଯେଉଁ ମତ୍ସ୍ୟଜୀବୀ ମାନେ ସମୁଦ୍ର ମଧ୍ୟକୁ ମାଛ ମାରିବାକୁ ଯାଉଛନ୍ତି ସେମାନଙ୍କୁ ଲାଇଫ ଜ୍ୟାକେଟ ପ୍ରଦାନ କରାଯାଇଥିଲା। ସମାଜସେବୀ ଗଗନ ବିହାରୀ ସେଠି ମଞ୍ଚ ସଂଯୋଜନା କରିଥିଲେ। ନିଶିକାନ୍ତ ଗିରି, ଗଙ୍ଗାଧର ମଲ୍ଲିକ ଓ ବହୁ ଜନ ସାଧାରଣ ଓ ମହିଳା ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବେଆଇନ ବାଣ ତିଆରିର ଏନ୍ତୁଡିଶାଳ ପାଲଟିଛି ବାଲିକୁଟୀ

ଲଙ୍ଗଳେଶ୍ୱର, ୦୮/୧୦ (ନି.ପ୍ର): ସରକାରଙ୍କ ପକ୍ଷରୁ ବାଣ ବିସ୍ଫୋରଣ ଉପରେ କଟକଣା ଥିଲେ ମଧ୍ୟ ମାନୁ ନାହାନ୍ତି ବ୍ୟବସାୟୀ, ଗ୍ରାହକ କି ଅନୁଷ୍ଠାନର କର୍ମ କର୍ତ୍ତା ମାନେ। ଯାହାକି ଦେଖିବାକୁ ମିଳିଥିଲା ବିଗତ ଦିନରେ ରାବଣ ପୋଡିରେ । ଶହଶହ ଅନୁଷ୍ଠାନରେ ରାବଣ ପୋଡିରେ ବାଣ ବିସ୍ଫୋରଣ କରି ମଜା ନେଇଥିଲେ ଲୋକେ। ବାୟୁ ପ୍ରଦ୍ୟୁଷଣ କି ଜନଜୀବନ ଉପରେ ସରକାରଙ୍କ ନିୟମ ପ୍ରଣୟନ କେବଳ ନାମକୁ ମାତ୍ର। ଆଗକୁ ଆସୁଛି ଦିପାବଳୀ ବାଣ ତିଆରି କରିବାରେ ଲାଗିପଡିଛନ୍ତି ବ୍ୟବସାୟୀଙ୍କ ସହିତ ପରିବାର ବର୍ଗ ଓ ସାଇପଡିଶାର ଲୋକମାନେ।ଅସାବଧାନତା ପାଇଁ ବଡ଼ବଡ଼ ଅଘଟଣ ଘଟିଯାଇ ଧନଜୀବନ ନଷ୍ଟ ହୋଇଯାଏ ବାଲିଆପାଳ ବ୍ଲକର ବାଲିକୁଟୀ ପଞ୍ଚାୟତର ଛଡ଼ା ଗାଁ ରେ ଚାଲିଛି ରୀତମତ ବାଣ ତିଆରି ହେଉଛି। ମାତ୍ର ପୁଲିସ ସବୁ ଜାଣି ମଧ୍ୟ ଚୁପ୍ ରହିଛି। ସୂଚନା ରୁ ପ୍ରକାଶ କିଛି ବର୍ଷ ତଳେ ବାଲିକୁଟୀ ଗ୍ରାମରେ ବାଣ ବିସ୍ଫୋରଣରେ ଜଣେ ୬୦ ବର୍ଷ ର ବୃଦ୍ଧ ଓ ୩ ବର୍ଷ ର ଜଣେ ବାଳକର ମୃତ୍ୟୁ ହେବା ସହିତ ବଡାଶ ଗ୍ରାମର ଜଣେ ଯୁବକ ଙ୍କର ହାତ ପୋଡି ଯାଇଥିଲା।ଏହି ବେଆଇନ ବାଣ ତିଆରି ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida